# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୨/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, November 12/2024 | Page 14 | ₹ 7.00 | RAYAGADA

୫୦ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 347 | ମୂଲ୍ୟ ₹୭/-




**ସଙ୍ଗୀତାଙ୍କ ଡବଲ୍ ଗୋଲ୍**

ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ମାଲେସିଆ ବିପକ୍ଷ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଭାରତର ସଙ୍ଗୀତା କୁମାରୀ।

୧୪

୦୨

**ପୌରାଣିକ ଚଳଚ୍ଚିତ୍ର ନିର୍ମାଣରୁ ଦୂରେଇ ରୁହନ୍ତି ରୋହିତ**

କୌଣସି ପୌରାଣିକ କଥାବସ୍ତୁକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଇଚ୍ଛୁକ ନାହାନ୍ତି ବୋଲି ସୋମବାର ଏକ ସାକ୍ଷାତ୍କାରରେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରୋହିତ ଶେଟ୍ଟୀ କହିଛନ୍ତି।





ଜାତୀୟ ସଂହତି ମହୋତ୍ସବ ୨୦୨୪ ଅବସରରେ ସୋମବାର ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ଭୁବନେଶ୍ୱରସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ମେହେନ୍ଦି ପ୍ରତିଯୋଗିତା।

# ପ୍ରଦୂଷଣକୁ ଧର୍ମ ପ୍ରୋତ୍ସାହିତ କରେନାହିଁ

## ସବୁଦିନ ବାଣ ବନ୍ଦ ନେଇ ଦିଲ୍ଲୀ ସରକାର ନିଷ୍ପତ୍ତି ନିଅନ୍ତୁ: ସୁପ୍ରିମ୍‌କୋର୍ଟ

**୨୦୨୪ ଦୀପାବଳିରେ କେବଳ ଦିଲ୍ଲୀ ନୁହେଁ, ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ସ୍ଥାନରେ ପ୍ରଦୂଷଣ ମାତ୍ରା ବଢିଯାଇଥିବା ଦେଖିବାକୁ ମିଳିଛି। ତେବେ ଉକ୍ତ ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ତାଗିଦ୍ କରିଛନ୍ତି। କୌଣସି ଧର୍ମ ପ୍ରଦୂଷଣକୁ ପ୍ରୋତ୍ସାହିତ କରେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ସବୁଦିନ ବାଣ ବନ୍ଦ କରିବା ନେଇ ଦିଲ୍ଲୀ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି କହିଛନ୍ତି। ପ୍ରଦୂଷଣମୁକ୍ତ ପରିବେଶ ନାଗରିକଙ୍କ ମୌଳିକ ଅଧିକାର ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏଭଳି ଆଭିମୁଖ୍ୟ ସାରା ଦେଶ ପାଇଁ ଗୁରୁତ୍ୱ ବହନ କରୁଛି।**

**ନୂଆଦିଲ୍ଲୀ,୧୧।୧୧(ପି.ଟି.)**

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ ବାଣ ଉପରେ ନିଷେଧାଦେଶ ଲଗାଇବା ପାଇଁ ସୁପ୍ରିମକୋର୍ଟ ଦୀପାବଳି ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦିଲ୍ଲୀ ପୋଲିସ କେବଳ କିଛି ବାଣ ତିଆରି ସାମଗ୍ରୀ ଜବତ କରିଥିବାବେଳେ ବାଣ ନିଷେଧାଦେଶ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଛନ୍ତି। ପୋଲିସର କାର୍ଯ୍ୟ କେବଳ ଲୋକଦେଖାଣିଆ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରଦୂଷଣମୁକ୍ତ ପରିବେଶରେ ବସବାସ କରିବା ନାଗରିକଙ୍କ ମୌଳିକ ଅଧିକାର। କୌଣସି ଧର୍ମ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ ସାଲିସ୍ କରେ ନାହିଁ କିମ୍ବା ପ୍ରଦୂଷଣକୁ ବଢ଼ାଇବା ଭଳି କୌଣସି କାର୍ଯ୍ୟକୁ ପ୍ରୋତ୍ସାହିତ କରେ ନାହିଁ ☞ ପୃଷ୍ଠା-୪

# ମହିଳା ସରକାରୀ କର୍ମଚାରୀଙ୍କୁ ୧୨ ଦିନର ଅତିରିକ୍ତ ଛୁଟି

**ଭୁବନେଶ୍ୱର, ୧୧।୧୧(ସୁନିତ୍ ମିଶ୍ର)**

ଏବେ ମହିଳା ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୧୨ ଦିନର ଅତିରିକ୍ତ ଛୁଟି ମିଳିବ। ଋତୁସ୍ରାବ ଜନିତ ଅତିରିକ୍ତ ଛୁଟି ନେଇ ଅର୍ଥ ବିଭାଗ ପକ୍ଷରୁ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତ ସରକାରୀ ମହିଳା କର୍ମଚାରୀ ୫୫ ବର୍ଷ ବୟସ ପୂରଣ ହେବା ପର୍ଯ୍ୟନ୍ତ ବାର୍ଷିକ ୧୨ ଦିନର ଏହି ଋତୁସ୍ରାବ ଜନିତ ଅତିରିକ୍ତ ଛୁଟି ନେଇପାରିବେ। ପ୍ରତି ମାସର ଦିନଟିଏ ଋତୁସ୍ରାବ ଜନିତ ଛୁଟି ସେହି ମାସରେ ହିଁ ନେବାକୁ ପଡ଼ିବ। ଗୋଟିଏ ମାସର ଛୁଟି ପରବର୍ତ୍ତୀ ମାସକୁ ସ୍ଥାନାନ୍ତରିତ କରାଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏହା ପୂର୍ବରୁ ଗତ ମାସରେ ମହିଳା ସରକାରୀ କର୍ମଚାରୀମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଘୋଷଣା କରିଥିଲେ। ପ୍ରଚଳିତ ୧୦ ଦିନ ସାମୟିକ ଛୁଟି ଓ ୫ ଦିନ ସ୍ୱତନ୍ତ୍ର ☞ ପୃଷ୍ଠା-୪

# ବଦଳିଲା ନର୍ସିଂ ଅଫିସରଙ୍କ ଡ୍ରେସ୍‌କୋଡ୍

## ନୂଆ ରଙ୍ଗ, ଡିଜାଇନ୍ ସାଙ୍ଗକୁ ରହିବ ସମ୍ବଲପୁରୀ ଛିଟ

**ଭୁବନେଶ୍ୱର,୧୧।୧୧(ବନ୍ଦନା ସେଠୀ)**

ବଦଳିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ନର୍ସଙ୍କ ଡ୍ରେସ୍‌କୋଡ୍। ଏଣିକି ନର୍ସମାନେ ନୂଆ ରଙ୍ଗ ଓ ନୂଆ ଡିଜାଇନ୍‌ର ଡ୍ରେସ୍ ପିନ୍ଧିବେ। ଏହି ଡ୍ରେସ୍‌ରେ ସମ୍ବଲପୁରୀ ଛିଟ ବା ସମ୍ବଲପୁରୀର ଅଂଶ ରହିବ। ନର୍ସିଂ ଅଫିସର ଏବଂ ସିନିୟର ନର୍ସିଂ ଅଫିସରମାନେ ଲାଇଟ୍ ଲାଭେଣ୍ଡର୍ ବା ହାଲୁକା ବାଇଗଣୀ ରଙ୍ଗର ଡ୍ରେସ୍ ପିନ୍ଧିବେ। ମହିଳାମାନେ ଶାଢ଼ି କିମ୍ବା ସାଲୱାର କମିଜ୍ ଏବଂ ପୁରୁଷମାନେ ଗାଢ଼ ନେଭି ବ୍ଲୁ ରଙ୍ଗର ପ୍ୟାଣ୍ଟ ଶାର୍ଟ ପିନ୍ଧିବେ। ସେହିପରି ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟମାନେ (ଏଏନ୍ଏସ୍) ସିଆନ ବ୍ଲୁ ଅର୍ଥାତ୍ ହାଲୁକା ନୀଳ ରଙ୍ଗର ଡ୍ରେସ ପିନ୍ଧିବେ ଏବଂ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେବଳ ହିନ୍ଦୀ ନୁହେଁ**




**କୁମାରସ୍ୱାମୀଙ୍କୁ ନେଇ କର୍ଣ୍ଣାଟକ ମନ୍ତ୍ରୀଙ୍କ ଜାତିଆଣ ମନ୍ତବ୍ୟ**

କର୍ଣ୍ଣାଟକ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ ଜମିର ଅହମଦ ଖାନ୍ ସୋମବାର କେନ୍ଦ୍ରମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇଛନ୍ତି। ଏକ ଜନସଭାକୁ ସମ୍ବୋଧନ କରି କଂଗ୍ରେସ ନେତା ଜମିର କହିଛନ୍ତି, କର୍ଣ୍ଣାଟକ ପାଇଁ 'କାଳିଆ କୁମାରସ୍ୱାମୀ' ଭାଜପାଠାରୁ ବେଶି ବିପଦ। ତାଙ୍କ ମନ୍ତବ୍ୟକୁ ଜେଡିଏସ୍ ସମାଲୋଚନା କରିବା ସହ ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଦାବି କରିଛି।



## ସଂକ୍ଷେପରେ

### ଇସ୍ରାଏଲ୍ ଉପରେ ୧୬୫ ରକେଟ ମାଡ଼ କଲା ହେଜ୍‌ବୋଲ୍ଲା

ବେରୁଟ୍,୧୧।୧୧

ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜ୍‌ବୋଲ୍ଲା ପକ୍ଷରୁ ସୋମବାର ରାତିରେ ଇସ୍ରାଏଲ୍ ଉପରେ ୧୬୫ରୁ ଊର୍ଦ୍ଧ୍ୱ ରକେଟ୍ ମାଡ଼ କରାଯାଇଛି। ଇସ୍ରାଏଲ୍‌ର ଡିଫେନ୍ସ ସିଷ୍ଟମ୍ ଆଇରନ୍‌ଡୋମ୍ ଅଧିକାଂଶ ରକେଟ୍‌କୁ ପ୍ରତିହତ କରିଥିବାବେଳେ କେତେକ ହାଇଫା ବେ' ଏବଂ କାର୍ମିଏଲ୍‌ରେ ମାଡ଼ ହୋଇଛି। ହାଇଫା ସହରରେ ରକେଟ ମାଡ଼ ଯୋଗୁ କେତେଜଣ ସାଧାରଣ ନାଗରିକ ଆହତ ହୋଇଥିବାବେଳେ ବହୁ ବିଲ୍ଡିଂ ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଲେବାନନ୍‌ରେ ପେଜର ଏବଂ ୱାକିଟକି ଆକ୍ରମଣ ପାଇଁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଞ୍ଜୁରୀ ଦେଇଥିବା ସ୍ୱୀକାର କରିବା ପରେ ହେଜ୍‌ବୋଲ୍ଲା ପକ୍ଷରୁ ଏହି ଆକ୍ରମଣ ହୋଇଛି।

### ଗୁଜରାଟ ତୈଳ ବିଶୋଧନାଗାରରେ ବିସ୍ଫୋରଣ

ନୂଆଦିଲ୍ଲୀ,୧୧।୧୧

ଇଣ୍ଡିଆନ୍ ଅଏଲ୍ କର୍ପୋରେଶନର ବଡୋଦରାଠାରେ ଥିବା ଗୁଜରାଟ ତୈଳ ବିଶୋଧନାଗାରରେ ସୋମବାର ବଡ଼ ଧରଣର ବିସ୍ଫୋରଣ ଘଟିଛି। ଅପରାହ୍ନ ୩ଟା ୫୦ ମିନିଟ୍ ସମୟରେ ଏହି ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିବାବେଳେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନାଯୋଗ୍ୟ, ପ୍ରାୟ ୨ ଦଶନ୍ଧି ତଳେ ଉକ୍ତ ରିଫାଇନାରିରେ ବିସ୍ଫୋରଣ ଘଟି ୧୩ ଜଣ ଆହତ ହୋଇଥିଲେ।

### ଜାପାନ ପ୍ରଧାନମନ୍ତ୍ରୀ ଭାବେ ଶିଗେରୁ ଇଶିବା ପୁନଃ ନିର୍ବାଚିତ



ଟୋକିଓ, ୧୧।୧୧

ଜାପାନର ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି) ନେତା ଶିଗେରୁ ଇଶିବା(୬୭) ସୋମବାର ଦେଶର ନିମ୍ନ ସଦନରେ ସର୍ବାଧିକ ଭୋଟ ପାଇ ପୁଣି ଥରେ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ମାସ ୨୭ରେ ହୋଇଥିବା ଜାପାନ ସାଧାରଣ ନିର୍ବାଚନରେ ଇଶିବାଙ୍କ ଏଲ୍‌ଡିପି ଓ ସହଯୋଗୀ ଦଳଗୁଡ଼ିକୁ ୪୬୫ ଆସନ ବିଶିଷ୍ଟ ଦେଶର ନିମ୍ନ ସଦନରେ ବହୁମତ ମିଳି ନ ଥିଲା। ସୋମବାର ଜାପାନର ସ୍ୱତନ୍ତ୍ର ସଂସଦ ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ଆସ୍ଥା ଭୋଟ କରାଯାଇଥିଲା, ଯେଉଁଥିରେ ଇଶିବାଙ୍କୁ ୨୨୧ ଏବଂ ବିରୋଧୀ ନେତା ୟୋଶିହିକୋ ନୋଡାଙ୍କୁ ୧୬୦ ଭୋଟ ମିଳିଥିଲା। ସେହିପରି ଆସ୍ଥା ଭୋଟରେ ୮୪ ଭୋଟକୁ ଅବୈଧ ଘୋଷଣା କରାଯାଇଥିଲା।

## କଶ୍ମୀରରେ ବଢ଼ୁଛି ଆତଙ୍କବାଦୀ ଆକ୍ରମଣ

# ବର୍ଷକରେ ଗଲାଣି ୪୪ ଜୀବନ

ଜମ୍ମୁ,୧୧।୧୧(ପି.ଟି.)



ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବଢ଼ିବାରେ ଲାଗିଛି। ସେମାନଙ୍କ ଆକ୍ରମଣ ଯୋଗୁ ବର୍ଷକ ମଧ୍ୟରେ ଜମ୍ମୁରେ ୧୮ ଯବାନଙ୍କ ସମେତ ୪୪ ଜଣଙ୍କ ଜୀବନ ଗଲାଣି। ଚଳିତବର୍ଷ ଜମ୍ମୁର ସୀମାନ୍ତ ଜିଲା ରାଜୌରୀ ଏବଂ ପୁଞ୍ଚ୍‌ରୁ ଆତଙ୍କବାଦୀ କାର୍ଯ୍ୟକଳାପ ଅନ୍ୟ ୬ ଜିଲାକୁ ବ୍ୟାପିଲାଣି। ଏପ୍ରିଲ-ମେ'ରୁ ରେଆସି, ଡୋଡା, କସ୍ତୱାର, କଠୁଆ, ଉଧାମପୁର ଏବଂ ଜମ୍ମୁରେ ଅନେକ ଆତଙ୍କବାଦୀ ଆକ୍ରମଣ ଘଟିଲାଣି, ଯାହା ସୁରକ୍ଷା ବଳ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଜମ୍ମୁ-କଶ୍ମୀରର ଶାନ୍ତିପୂର୍ଣ୍ଣ ଅଞ୍ଚଳରେ ଆତଙ୍କବାଦର ପ୍ରସାର ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନଗୁଡ଼ିକ ଉଦ୍ୟମ ଚଳାଇଛନ୍ତି। ଏହାକୁ ପ୍ରତିହତ କରିବା ନିମନ୍ତେ ସେନା ପୋଲିସ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ପିଏପିଏଫ୍) ସହ ମିଶି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଅଭିଯାନ ଚଳାଇଥିବା ଜଣେ ସେନା ଅଧିକାରୀ କହିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଆତଙ୍କବାଦୀ ଆକ୍ରମଣରେ ଡୋଡା, କଠୁଆ ଏବଂ ରେଆସି ଜିଲାରେ ଚଳିତବର୍ଷ ୯ ଜଣ ଲେଖାଏ ନିହତ ହୋଇଥିବାବେଳେ କିସ୍ତୱାରରେ ୫, ଉଧାମପୁରରେ ୪, ଜମ୍ମୁ ଏବଂ ରାଜୌରୀରେ ୩ ଜଣ ଲେଖାଏ ଏବଂ ପୁଞ୍ଚ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୩ ଆତଙ୍କବାଦୀ ଏବଂ ୧୪ ସାଧାରଣ ଲୋକ ରହିଛନ୍ତି। ୭ ଜଣ ତୀର୍ଥଯାତ୍ରୀ ଏବଂ ୩ ଗ୍ରାମ ସୁରକ୍ଷା କର୍ମୀ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ କଠୁଆରେ ୭ ସୁରକ୍ଷା ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ଡୋଡାରେ ୫, କିସ୍ତୱାରରେ ୩, ପୁଞ୍ଚ୍‌ରେ ୨ ଏବଂ ଉଧାମପୁରରେ ଜଣେ ଯବାନ ପ୍ରାଣ ହରାଇଛନ୍ତି। ଜମ୍ମୁ ଅଞ୍ଚଳର ଅଖନୁରରେ ତଲାସି ଅଭିଯାନ ବେଳେ ଯବାନଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ଡୋଡାରେ ୪, କଠୁଆ, ଉଧାମପୁର ଏବଂ ରାଜୌରୀରେ ଏନ୍‌କାଉଣ୍ଟର ବେଳେ ୨ ଜଣ ଲେଖାଏ ନିହତ ହୋଇଥିଲେ।

ଜମ୍ମୁର ଅନ୍ୟ ଅଞ୍ଚଳଗୁଡ଼ିକ ଭଳି ରାଜୌରୀ-ପୁଞ୍ଚ୍ ବେଲ୍ଟରେ ୧୦ ବର୍ଷ ପୂର୍ବରୁ ଆତଙ୍କବାଦ ପ୍ରାୟତଃ ବନ୍ଦ ହୋଇଯାଇଥିବାବେଳେ ୨୦୨୧ ଅକ୍ଟୋବର ପରଠୁ ଆକ୍ରମଣ ବଢ଼ିଛି। ସେନା ଗାଡ଼ିଗୁଡ଼ିକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଆକ୍ରମଣ ଘଟାଉଥିବାରୁ ୪୭ ଯବାନ, ୪୮ ଆତଙ୍କବାଦୀ ଏବଂ ୭ ସାଧାରଣ ଲୋକଙ୍କ ସମେତ ଶତାଧିକ ପ୍ରାଣ ହରାଇଲେଣି। ୨୦୨୧ରେ ରାଜୌରୀରେ ୧୯ ଜଣ ନିହତ ହୋଇଥିବାବେଳେ ୨୦୨୨ରେ ୧୪ ଏବଂ ୨୦୨୩ରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ପୁଞ୍ଚ୍‌ରେ ଆକ୍ରମଣ ଯୋଗୁ ୨୦୨୧ରେ ୧୫, ୨୦୨୨ରେ ୪ ଏବଂ ୨୦୨୩ରେ ୨୪ ଜଣଙ୍କ ଜୀବନ ଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଫଳରେ ଉକ୍ତ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବଳ ବଢ଼ାଇ ଦିଆଯିବା ସହ ଆତଙ୍କବାଦୀଙ୍କ ଅନୁପ୍ରବେଶ ରୋକିବା ପାଇଁ ସୀମାନ୍ତ ଗ୍ରାମଗୁଡ଼ିକରେ ରାତ୍ର ପାଟ୍ରୋଲିଂକୁ ଜୋର୍‌ଦାର କରାଯାଇଛି।

# ୫୧ତମ ସିଜେଆଇ ଭାବେ ଶପଥ ନେଲେ ଜଷ୍ଟିସ୍ ଖାନ୍ନା



ରାଷ୍ଟ୍ରପତି ଭବନରେ ନୂଆ ସିଜେଆଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଶପଥ ନେଉଛନ୍ତି।

ନୂଆଦିଲ୍ଲୀ,୧୧।୧୧(ପି.ଟି.)

ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଭାବେ ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଶପଥଗ୍ରହଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ। ଜଷ୍ଟିସ୍ ଖାନ୍ନା ଭଗବାନଙ୍କ ନାମରେ ଇଂଲିଶ୍‌ରେ ଶପଥ ନେଇଥିଲେ। ୧୯୬୦ ମେ' ୧୪ରେ ଜନ୍ମିତ ଜଷ୍ଟିସ୍ ଖାନ୍ନା ସିଜେଆଇ ଭାବେ ୬ ମାସରୁ ସାମାନ୍ୟ ଅଧିକ ଦିନ କାର୍ଯ୍ୟ କରିବା ପରେ ୨୦୨୫ ମେ' ୧୩ରେ ଅବସର ନେବେ। ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ରବିବାର ଅବସର ଗ୍ରହଣ କରିଥିଲେ।

ସୋମବାର ଶପଥଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ, ବିଦାୟୀ ସିଜେଆଇ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ପୂର୍ବତନ ସିଜେଆଇ ଜେ.ଏସ୍. ଖେହରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୨୦୧୯ ଜାନୁଆରୀରୁ ଜଷ୍ଟିସ୍ ଖାନ୍ନା ସୁପ୍ରିମକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଆସୁଛନ୍ତି। ଇଭିଏମ୍‌ଗୁଡ଼ିକର ପବିତ୍ରତାକୁ କାଏମ ରଖିବା ସହ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିବା, ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ ରଖିବା ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିବା ଖଣ୍ଡପୀଠରେ ସେ ରହିଥିଲେ। ଜଷ୍ଟିସ୍ ଖାନ୍ନା ହେଉଛନ୍ତି ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଦେବରାଜ ଖାନ୍ନାଙ୍କ ପୁଅ ଏବଂ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ହଂସରାଜ ଖାନ୍ନାଙ୍କ ପୁତୁରା।

ସୂଚନାଯୋଗ୍ୟ, ୧୯୭୬ରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହୋଇଥିବାବେଳେ ଏଡିଏମ୍ ଜବଲପୁର ମାମଲାରେ ଜଷ୍ଟିସ୍ ହଂସରାଜ ଖାନ୍ନା ଭିନ୍ନ ରାୟ ଲେଖିବା ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ, ଯାହା ଖବରକାଗଜଗୁଡ଼ିକର ଶିରୋନାମା ମଣ୍ଡନ କରିଥିଲା। ସାମ୍ବିଧାନିକ ପୀଠର ସଂଖ୍ୟାଗରିଷ୍ଠ ରାୟରେ ଏମର୍ଜେନ୍ସି ସମୟରେ ମୌଳିକ ଅଧିକାର ଉଚ୍ଛେଦକୁ କାଏମ ରଖାଯାଇଥିଲା, ଯାହାକୁ ନ୍ୟାୟପାଳିକାରେ ଏକ କଳାଦାଗ ଭାବେ ବିବେଚନା କରାଯାଏ। ତେବେ ଜଷ୍ଟିସ୍ ଏଚ୍.ଆର୍. ଖାନ୍ନା ଏହାକୁ ଅସାମ୍ବିଧାନିକ ଏବଂ ଆଇନର ଶାସନ ବିରୋଧରେ ଯାଉଥିବା ଘୋଷଣା କରିଥିଲେ। ଫଳରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ତାଙ୍କୁ ସିଜେଆଇ କରାଇ ଦେଇ ନ ଥିଲେ। ଜଷ୍ଟିସ୍ ଏମ୍.ଏଚ୍. ବେଗ୍‌ଙ୍କୁ ପରବର୍ତ୍ତୀ ସିଜେଆଇ କରାଯାଇଥିଲା।

# ପନ୍ତସିର୍ ଏୟାର ଡିଫେନ୍ସ ସିଷ୍ଟମ୍ ପାଇଁ ରୁଷିଆ ସହ ଭାରତର ଏମ୍‌ଓୟୁ

ନୂଆଦିଲ୍ଲୀ,୧୧।୧୧



ଭାରତର ଏୟାର ଡିଫେନ୍ସ ସାମର୍ଥ୍ୟ ବୃଦ୍ଧି ଲକ୍ଷ୍ୟରେ ଭାରତ ଖୁବ୍‌ଶୀଘ୍ର ରୁଷିଆରୁ ଅତ୍ୟାଧୁନିକ ପନ୍ତସିର୍ ଏୟାର ଡିଫେନ୍ସ ମିଶାଇଲ୍-ଗନ୍ ସିଷ୍ଟମ୍ କିଣିବାକୁ ଯାଉଛି। ଏଥିପାଇଁ ଭାରତ ଡାଇନାମିକ୍ସ ଲିମିଟେଡ୍ (ବିଡିଏଲ୍) ରୁଷିଆର ଅସ୍ତ୍ର ରପ୍ତାନିକାରୀ ସଂସ୍ଥା ରୋସୋବୋରୋନେକ୍ସପର୍ଟ (ଆରଓଇ) ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଗୋଆରେ ପଞ୍ଚମ ଭାରତ-ରୁଷିଆ ଆନ୍ତଃ ସରକାରୀ କମିଶନ (ଆଇଆର୍‌ଆଜିସି) ବୈଠକରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଆଞ୍ଚଳିକ ସୁରକ୍ଷାଗତ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଭାରତ ଏହାର ଏୟାର ଡିଫେନ୍ସ ସାମର୍ଥ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି। ଏକ୍ଷେତ୍ରରେ ରୁଷିଆ ଭାରତକୁ କ୍ରମାଗତ ସହଯୋଗ ଯୋଗାଇ ଆସିଛି। ପନ୍ତସିର୍ ଏୟାର ଡିଫେନ୍ସ ସିଷ୍ଟମ୍ ଏକ ବହୁମୁଖୀ ମୋବାଇଲ ପ୍ଲାଟ୍‌ଫର୍ମ। ବିମାନ, ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣରୁ ସାମରିକ ଘାଟି, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ସୁରକ୍ଷା ଦେବା ଲାଗି ଏହାକୁ ନିର୍ମାଣ କରାଯାଇଛି। ଏଥିରେ ସ୍ୱଳ୍ପରୁ ମଧ୍ୟମ ଦୂରଗାମୀ ମିଶାଇଲ ସହ ଦ୍ୱୈତ ୩୦ଏମ୍‌ଏମ୍ ସ୍ୱୟଂକ୍ରିୟ ତୋପ ରହିଛି, ଯାହା ବହୁସ୍ତରୀୟ ସୁରକ୍ଷା ସୃଷ୍ଟି କରିଥାଏ। ଏଥିରେ ଖଞ୍ଜାଯାଇଥିବା ଅତ୍ୟାଧୁନିକ ରାଡାର ଏବଂ ଟ୍ରାକିଂ ସିଷ୍ଟମ୍ ୩୬ କିଲୋମିଟର ପର୍ଯ୍ୟନ୍ତ ଦୂର ଏବଂ ୧୫ କିମି ପର୍ଯ୍ୟନ୍ତ ଉଚ୍ଚରେ ଥିବା ଟାର୍ଗେଟକୁ ଠାବକରି ଏହାକୁ ପ୍ରତିହତ କରିପାରେ।

# ମଣିପୁରରେ ୧୦ କୁକି ଉଗ୍ରପନ୍ଥୀ ନିହତ

ଇମ୍ଫାଲ, ୧୧।୧୧

ମଣିପୁରର ଜିରିବାମ୍ ଜିଲାରେ ସୋମବାର ଅପରାହ୍ନରେ ସୁରକ୍ଷା ଯବାନଙ୍କ ଗୁଳିରେ ଅନ୍ୟୁନ ୧୦ ଜଣ କୁକି ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ଉଗ୍ରପନ୍ଥୀମାନେ ପ୍ରଥମେ ସିଆର୍‌ପିଏଫ୍ କ୍ୟାମ୍ପ୍ ଉପରେ ଆକ୍ରମଣ କରିବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଜଣେ ସିଆର୍‌ପିଏଫ୍ ଯବାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହା ପୂର୍ବରୁ ଉଗ୍ରପନ୍ଥୀମାନେ ବୋରୋବେକ୍ରା ଥାନା ଉପରେ ଆକ୍ରମଣ କରିବାରୁ ପୋଲିସ ପାଲଟା ଗୁଳିଚାଳନା କରିଥିଲା। ଏହା ବ୍ୟତୀତ ଉଗ୍ରପନ୍ଥୀମାନେ ଜକୁରାଧୋର ଅଞ୍ଚଳରେ ମେଇତି ସମ୍ପ୍ରଦାୟର ୩/୪ଟି ପରିତ୍ୟକ୍ତ ଘରେ ନିଆଁ ଲଗାଇ ଦେଇଛନ୍ତି।

# ଶେଷ ଉଡ଼ାଣ ଭରିଲା ଭିସ୍ତାରା

ନୂଆଦିଲ୍ଲୀ, ୧୧।୧୧

**ଆଜିଠୁ ଏୟାର-ଇଣ୍ଡିଆ ନେବ ପରିଚାଳନା ଦାୟିତ୍ୱ**




ଭିସ୍ତାରା ଏୟାରଲାଇନ୍ସ ସୋମବାର ରାତିରେ ଏକ ସ୍ୱତନ୍ତ୍ର ଏୟାରଲାଇନ୍ସ ଭାବେ ନିଜର ଶେଷ ଉଡ଼ାଣ ଭରିଛି। ଭିସ୍ତାରା ବିମାନ 'ୟୁକେ ୯୮୬' ମୁମ୍ବାଇରୁ ଦିଲ୍ଲୀ ଏବଂ 'ୟୁକେ ୧୧୫' ଦିଲ୍ଲୀରୁ ସିଙ୍ଗାପୁର ପାଇଁ ଉଡ଼ାଣ ଭରିଛି। ମଙ୍ଗଳବାରଠାରୁ ଏହା ଏୟାର ଇଣ୍ଡିଆ ସହ ମିଶ୍ରଣ ହୋଇଯିବ ଏବଂ ଏହାର ସମ୍ପୂର୍ଣ୍ଣ ଅପରେଶନକୁ ଏୟାର ଇଣ୍ଡିଆ ପରିଚାଳିତ କରିବ। ୨୦୨୨ ନଭେମ୍ବର ୨୯ରେ ଏୟାର ଇଣ୍ଡିଆ ଏବଂ ଭିସ୍ତାରା ଏୟାରଲାଇନ୍ସର ମିଶ୍ରଣ ନେଇ ଘୋଷଣା ହୋଇଥିଲା। ଏହି ୨ ଏୟାରଲାଇନ୍ସର ମିଶ୍ରଣ ପରେ ସିଙ୍ଗାପୁର ଏୟାରଲାଇନ୍ସ ଏୟାର ଇଣ୍ଡିଆରେ ଅତିରିକ୍ତ ୩୧୯୫ କୋଟି ଟଙ୍କାର ନିବେଶ କରିବ। ଫଳରେ ଏୟାର ଇଣ୍ଡିଆରେ ସିଙ୍ଗାପୁର ଏୟାରଲାଇନ୍ସର ଅଂଶଧନ ୨୫.୧% ହୋଇଯିବ। ପ୍ରକାଶ ଯେ, ୨୦୧୫ରେ ପ୍ରଥମ ଥର ପାଇଁ ଭିସ୍ତାରା ଏୟାରଲାଇନ୍ସ ଉଡ଼ାଣ ଭରିଥିଲା। ସେତେବେଳେ ଏଥିରେ ସିଙ୍ଗାପୁର ଏୟାରଲାଇନ୍ସର ୪୯% ଓ ଟାଟା ଗ୍ରୁପ୍‌ର ୫୧% ଅଂଶଧନ ରହିଥିଲା।

# ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

ରାଞ୍ଚି,୧୧।୧୧

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ବୁଧବାର ହେବାକୁ ଥିବାବେଳେ ଏଥିପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ବିଭିନ୍ନ ଦଳର ନେତାମାନେ ବିଭିନ୍ନ ରାଲି ଓ ସଭାରେ ଯୋଗଦେଇ ପ୍ରଚାରକୁ ଜୋର୍‌ଦାର କରିଥିଲେ। ଏହି ପର୍ଯ୍ୟାୟରେ ୪୩ ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବାବେଳେ ସେଥିରୁ ଏସ୍‌ସିଙ୍କ ପାଇଁ ୬, ଏସ୍‌ଟିଙ୍କ ନିମନ୍ତେ ୨୦ ଏବଂ ସାଧାରଣ ବର୍ଗଙ୍କ ପାଇଁ ୧୭ ଆସନ ରହିଛି। ୧.୩୭ କୋଟି ଭୋଟର ଏହି ପର୍ଯ୍ୟାୟରେ ୬୮୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନ ପାଇଁ ୧୫,୩୪୪ଟି ବୁଥ୍ ହୋଇଛି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ କ୍ୟାବିନେଟର ୬ ମନ୍ତ୍ରୀ ଡ. ରାମେଶ୍ୱର ଓରାଓଁ, ରାମଦାସ ସୋରେନ୍, ବନ୍ନା ଗୁପ୍ତା, ମିଥିଲେଶ ଠାକୁର, ଦୀପକ ବିରୁଆ ଏବଂ ବୈଦ୍ୟନାଥ ରାମ। ଅନ୍ୟ ହେଭିୱେଟ ପ୍ରାର୍ଥୀମାନେ ହେଲେ ପୂର୍ବତନ ମନ୍ତ୍ରୀ ଜେଡିୟୁର ସରଯୁ ରାୟ, ପୂର୍ବତନ ବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ଭାଜପାର ସି.ପି. ସିଂ, ନୀରା ଯାଦବ, ନୀଳକଣ୍ଠ ସିଂ ମୁଣ୍ଡା, ରାମଚନ୍ଦ୍ର ଚନ୍ଦ୍ରବଂଶୀ, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ପ୍ରାର୍ଥୀ କେ.ଏନ୍. ତ୍ରିପାଠୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ, ଚମ୍ପାଇ ସୋରେନଙ୍କ ପୁଅ ବାବୁଲାଲ୍ ସୋରେନ, କ୍ୟାବିନେଟ ମନ୍ତ୍ରୀ ସତ୍ୟାନନ୍ଦ ଭୋକ୍ତାଙ୍କ ବୋହୂ ରଶ୍ମି ପ୍ରକାଶ। ପ୍ରଥମ ପର୍ଯ୍ୟାୟରେ ଜାତୀୟ ଦଳରୁ ୮୭ ପ୍ରାର୍ଥୀ ରହିଥିବାବେଳେ ଝାଡ଼ଖଣ୍ଡର ସ୍ୱୀକୃତିପ୍ରାପ୍ତ ଦଳରୁ ୩୨, ଅନ୍ୟ ରାଜ୍ୟର ସ୍ୱୀକୃତିପ୍ରାପ୍ତ ଦଳରୁ ୪୨ ଏବଂ ଅଣସ୍ୱୀକୃତିପ୍ରାପ୍ତ ପଞ୍ଜୀକୃତ ଦଳରୁ ୧୮୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହା ବ୍ୟତୀତ ୩୩୪ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ୭୩ ଜଣ ମହିଳା ଏବଂ ଜଣେ ତୃତୀୟ ଲିଙ୍ଗୀ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ରହିଥିବା ଜଣାପଡ଼ିଛି।



ଜେଏମ୍‌ଏମ୍ ନେତ୍ରୀ କଳ୍ପନା ସୋରେନ ସୋମବାର ପଶ୍ଚିମ ସିଂହଭୂମ ଜିଲାରେ ପ୍ରଚାର କରୁଛନ୍ତି।

# ସଚେତନତାକୁ ପ୍ରାଥମିକତା ଦିଆଯାଉ

**ଆଜି ବିଶ୍ୱ ନିମୋନିଆ ଦିବସ**



ନିମୋନିଆ ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହା ଶିଶୁ, ଯୁବପିଢ଼ି, ବୟସ୍କଙ୍କୁ ହୋଇପାରେ। ଏହାର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ସେଗୁଡିକ ବିଷୟରେ ଆମେ ଜାଣିବା ନିହାତି ଦରକାର। ଜଣେ ନିମୋନିଆ ଦ୍ୱାରା ଆକ୍ରାନ୍ତ ହେଲେ ଶ୍ୱାସକ୍ରିୟାରେ କଷ୍ଟ ହୁଏ। ଛାତି କାଟେ। ଜ୍ୱର ହୁଏ। ଏଭଳି ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନିମୋନିଆ ବିଷୟରେ ଜନସାଧାରଣଙ୍କୁ ଆହୁରି ସଚେତନ କରାଇବା ଲାଗି ପ୍ରତିବର୍ଷ ନଭେମ୍ବର ୧୨ତାରିଖରେ 'ବିଶ୍ୱ ନିମୋନିଆ ଦିବସ' ପାଳିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି- 'ଏଭ୍ରି ବ୍ରେଥ୍ କାଉଣ୍ଟସ : ଷ୍ଟପ୍ ନିମୋନିଆ ଇନ୍ ଇଟ୍‌ସ ଟ୍ରାକ୍'। ମଣିଷ ପାଇଁ ଶ୍ୱାସକ୍ରିୟା କେତେ ଜରୁରୀ ତାହା କହିବା ଅନାବଶ୍ୟକ। ତେଣୁ ପ୍ରତ୍ୟେକ ଶ୍ୱାସକ୍ରିୟା ମୂଲ୍ୟବାନ୍। ନିମୋନିଆକୁ ଯଦି ପ୍ରାରମ୍ଭରୁ ଚିକିତ୍ସା କରାଯିବ ତେବେ ସେଥିରୁ ଆରୋଗ୍ୟ ଲାଭ କରିବା ସମ୍ଭାବନା ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ବିଶ୍ୱରେ ନିମୋନିଆରେ ଆକ୍ରାନ୍ତ ହୋଇ ପ୍ରାୟ ୧୭ ଲକ୍ଷ ଶିଶୁଙ୍କର ଅକାଳ ମୃତ୍ୟୁ ଘଟିଥାଏ। ଏହାର କାରଣ ହେଲା, ନିମୋନିଆର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ତୁରନ୍ତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କରାଇବା ଜରୁରୀ। ତେଣୁ ସମସ୍ତେ ଏ ନେଇ ସଚେତନ ରହିବା ନିହାତି ଦରକାର। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚଳିତ ବର୍ଷ ନିମୋନିଆ ବିଷୟରେ ସମସ୍ତେ ସଚେତନ ରହିବାକୁ ଅନୁରୋଧ କରିଛି। ୨୦୦୯ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା।

## ଫୁର୍‌ସତ୍

# ପୌରାଣିକ ଚଳଚ୍ଚିତ୍ର ନିର୍ମାଣରୁ ଦୂରେଇ ରୁହନ୍ତି ରୋହିତ

ମୁମ୍ବାଇ

ଆକ୍ସନ୍-ପ୍ୟାକ୍ ଫିଲ୍ମ ପାଇଁ ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ବେଶ୍ ଜଣାଶୁଣା। ସମ୍ପ୍ରତି ସେ ତାଙ୍କ ଚଳଚ୍ଚିତ୍ର 'ସିଙ୍ଘମ୍ ଏଗେନ୍' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ଚଳଚ୍ଚିତ୍ରରେ ସେ ହିନ୍ଦୁଧର୍ମର ପବିତ୍ର ମହାକାବ୍ୟ ରାମାୟଣର କେତେକ ଝଲକ ଦେଖାଇବାକୁ ଚେଷ୍ଟା କରିଛନ୍ତି। ତେବେ ଫିଲ୍ମକୁ ନେଇ ରୋହିତ ସୋମବାର ଏକ ସାକ୍ଷାତ୍କାର ଦେଇଛନ୍ତି। ଏତେ ସଂଖ୍ୟାରେ ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରିଥିଲେ ସୁଦ୍ଧା କୌଣସି ପୌରାଣିକ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ କେବେ ଚିନ୍ତା କରିଛନ୍ତି କି ବୋଲି ତାଙ୍କୁ ଏହି ସାକ୍ଷାତ୍କାରରେ ପଚରାଯାଇଥିଲା। ଉତ୍ତରରେ ରୋହିତ କହିଛନ୍ତି, ଆକ୍ସନ୍ ଫିଲ୍ମଗୁଡ଼ିକରେ ଜଣେ ନିର୍ଦ୍ଦେଶକ ଭାବେ ସେ ନିଜ ମନ ମୁତାବକ ଏକ୍ସପେରିମେଣ୍ଟ କରିପାରନ୍ତି। କିନ୍ତୁ ପୌରାଣିକ ଘଟଣାକ୍ରମକୁ ନେଇ ତାଙ୍କ ନିକଟରେ ଅଧିକ ତଥ୍ୟ ନାହିଁ। ବିଭିନ୍ନ ପୌରାଣିକ କଥାବସ୍ତୁରେ କ'ଣ, କିପରି ଏବଂ କେବେ ଘଟିଥିଲା ତାହା ସେ ଜାଣନ୍ତି ନାହିଁ। ଏଭଳି ସ୍ଥିତିରେ ବିନା କୌଣସି ତଥ୍ୟ ସହ ପୌରାଣିକ ଚଳଚ୍ଚିତ୍ରର ଶୁଟିଂ କରିବା ଅତ୍ୟନ୍ତ କଷ୍ଟକର। କାହାଣୀରେ ଟିକିଏ ମାତ୍ର ଭୁଲ୍ ହେଲେ ବହୁ କୋଟି ଲୋକଙ୍କ ଭାବନାକୁ ଆଘାତ ପହଞ୍ଚିପାରେ। ତେଣୁ ପୌରାଣିକ ଚଳଚ୍ଚିତ୍ର ନିର୍ମାଣରୁ ନିଜକୁ ଦୂରେଇ ରଖିଛନ୍ତି ବୋଲି ରୋହିତ କହିଛନ୍ତି।



# ୨.୩୬ ଲକ୍ଷରେ ନିଲାମ ହେଲା କ୍ୱିନ୍ ଏଲିଜାବେଥ୍-୨ଙ୍କ ବିବାହ କେକ୍ ଖଣ୍ଡ

ଲଣ୍ଡନ



ଦୀର୍ଘ ୭୭ ବର୍ଷ ପରେ ବ୍ରିଟେନ୍‌ର ପୂର୍ବତନ ରାଣୀ ଏଲିଜାବେଥ୍ ଦ୍ୱିତୀୟ ଏବଂ ପ୍ରିନ୍ସ ଫିଲିପ୍‌ଙ୍କ ବିବାହ କେକ୍‌ର ଏକ ଖଣ୍ଡକୁ ନିଲାମ କରାଯାଇଛି। ୧୯୪୭ ନଭେମ୍ବର ୨୦ରେ କ୍ୱିନ୍ ଏଲିଜାବେଥ ଏବଂ ପ୍ରିନ୍ସ ଫିଲିପ୍‌ଙ୍କର ବିବାହ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିବାହରେ ଏକ ବିରାଟ କେକ୍ କଟାଯାଇଥିଲା, ଯାହାର ଗୋଟିଏ ଖଣ୍ଡକୁ ରବିବାର ୨.୩୬ ଲକ୍ଷ ଟଙ୍କା ମୂଲ୍ୟରେ ନିଲାମ କରାଯାଇଛି। ଏହି କେକ୍ ଖଣ୍ଡର ନାମ 'ଭେରି ରେୟାର ସ୍ଲାଇସ୍' ରଖାଯାଇଛି। ତେବେ ନିଲାମ ହୋଇଥିବା ଏହି କେକ୍ ଖଣ୍ଡ ଏବେ ଖାଇବା ଯୋଗ୍ୟ ହୋଇ ରହିନାହିଁ। ନିଲାମରେ ଏହି କେକ୍ କିଣିଥିବା ବ୍ୟକ୍ତିଙ୍କ ନାମ ହେଉଛି ମାରିଅନ୍ ପଲ୍‌ସନ। ସେ ସ୍କଟ୍‌ଲାଣ୍ଡର ରାଜଧାନୀ ଏଡିନବର୍ଗ ସ୍ଥିତ ହଲିରୁଡ୍‌ହାଉସ୍‌ରେ ଜଣେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଅଛନ୍ତି।

କ୍ୱିନ୍ ଏଲିଜାବେଥ ଦ୍ୱିତୀୟ ଏବଂ ପ୍ରିନ୍ସ ଫିଲିପ୍‌ଙ୍କ ରାଜକୀୟ ବିବାହ କେକ୍ ୯ ଫୁଟ ଉଚ୍ଚର ହୋଇଥିବାବେଳେ ଏହାର ଓଜନ ୨୭ କିଲୋଗ୍ରାମ ରହିଥିଲା। ସେତେବେଳେ ଏହି କେକ୍‌ର ମୂଲ୍ୟ ୫୦୦ ବ୍ରିଟିଶ୍ ପାଉଣ୍ଡ ଥିଲା। ଏହି କେକ୍‌କୁ ଚିନିରେ ସଜାଯାଇଥିଲା ଏବଂ ଏଥିରେ ରାଜକୀୟ ଦମ୍ପତିଙ୍କର ପ୍ରିୟ ଜିନିଷଗୁଡ଼ିକୁ ଉଲ୍ଲେଖ କରାଯାଇଥିଲା। ବିବାହକୁ ଆସିଥିବା ପ୍ରାୟ ୨ ହଜାର ଅତିଥି ଏହି କେକ୍‌ର ସ୍ୱାଦ ଚାଖିଥିଲେ। କେକ୍‌ର ବଳିଯାଇଥିବା ଅଂଶକୁ ସୁରକ୍ଷିତ ଭାବେ ପ୍ୟାକିଂ କରାଯାଇ ଏକ ରୁପା ଖୋଦିତ ବାକ୍ସରେ ରଖାଯାଇଥିଲା।




# ଗର୍ଭବତୀ, ସ୍କୁଲ ପିଲାଙ୍କ ଖାଦ୍ୟରେ ସାମିଲ ହେବ ମାଣ୍ଡିଆ

ଭୁବନେଶ୍ୱର,୧୧।୧୧(ଅନିଲ ଦାସ)


ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

## ୨ ଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଉଦ୍‌ଯାପିତ
## ପ୍ରୋତ୍ସାହନ ପାଇଁ ପ୍ରସ୍ତୁତ ହେବ ରୋଡ୍‌ମ୍ୟାପ୍

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନେଇ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରୁ ଯୋଗଦେଇଥିବା ଅଂଶଗ୍ରହଣକାରୀ ମତ ଦେଇଛନ୍ତି।

ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଜଳବାୟୁ ସହନଶୀଳ ଓ ପାରମ୍ପରିକ ଖାଦ୍ୟକୁ ପୁନରୁଦ୍ଧାର କରିବା ଦିଗରେ ପ୍ରୟାସ ଜାରି ରହିବ। ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓଡ଼ିଶାରେ ଏହି ଖାଦ୍ୟର ପୁନରୁଦ୍ଧାର କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ଶ୍ରୀ ଅନ୍ନ ଆମ ପାଇଁ ଖାଦ୍ୟର ଉତ୍ସ ହେବା ସହ ଏହା ଆମର ଐତିହ୍ୟ ଓ ଭବିଷ୍ୟତ ଅଟେ। ଏହାକୁ ପୁନରୁଦ୍ଧାର କରିବା ନିମନ୍ତେ ସମସ୍ତଙ୍କ ଖାଦ୍ୟ ଥାଳିରେ ସାମିଲ କରିବାକୁ ହେବ। ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଖାଦ୍ୟରେ ମାଣ୍ଡିଆ ଦିଆଯିବା ପାଇଁ ସରକାର ଯୋଜନା କରୁଛନ୍ତି। ଯେତେବେଳେ ମା'ମାନେ ଶ୍ରୀ ଅନ୍ନକୁ ଆପଣାଇବେ, ସେତେବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଆହୁରି ଉନ୍ନତି ହେବ। ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ୩୦ ଜିଲାର ୧୭୭ଟି ବ୍ଲକ୍‌ରେ ମିଲେଟ୍‌ର ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି ଏବଂ ମିଶନ ଶକ୍ତି ଦ୍ୱାରା ପରିଚାଳିତ ୨୬୩ଟି ମିଲେଟ୍ ଟିଫିନ୍ ସେଣ୍ଟର ରାଜ୍ୟରେ ରହିଥିବା ବେଳେ ୩୩ଟି ମିଲେଟ୍ କାଫେ ଖୋଲାଯାଇଛି ବୋଲି ସେ କହିଛନ୍ତି।

ସମ୍ମିଳନୀରେ ଅନ୍ୟତମ ଅତିଥିଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଷ୍ଟ୍ର ନିର୍ଦ୍ଦେଶିକା ଏଲିଜାବେଥ ଫୌର, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ପ୍ରମୁଖ ଯୋଗଦେଇଥିଲେ। ୨ୟ ଦିବସରେ ବିସ୍ମୃତ ଖାଦ୍ୟଶସ୍ୟର ଜୈବିକ ଚାଷ ପଦ୍ଧତି ସମ୍ପର୍କରେ ଜନଜାତି ସମ୍ପ୍ରଦାୟଙ୍କ ଅଭିଜ୍ଞତା, ଅବହେଳିତ ଫସଲକୁ ବ୍ୟାପକ କରିବା ଏବଂ ବିସ୍ମୃତ ଖାଦ୍ୟଶସ୍ୟର ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା, ସହାୟକ ଗୋଷ୍ଠୀ/ ଉଦ୍ୟୋଗୀଙ୍କ ଦ୍ୱାରା ଅବହେଳିତ ଖାଦ୍ୟଶସ୍ୟ ଓ ବିସ୍ମୃତ ଖାଦ୍ୟର ବ୍ୟବସାୟୀକରଣ ଏବଂ ଉଦ୍ୟୋଗୀକରଣ, ପୁଷ୍ଟିଶସ୍ୟ ସେବା କେନ୍ଦ୍ରର ସ୍ଥାୟିତ୍ୱ ପାଇଁ ଦୀର୍ଘମିଆଦୀ ଆଭିମୁଖ୍ୟ, ଖାଦ୍ୟ ସଂସ୍କୃତିର ବିସ୍ମୃତ ଖାଦ୍ୟଶସ୍ୟ ଓ ସମ୍ପ୍ରଦାୟର ଯୋଗଦାନ ଭଳି ୫ଟି ବିଷୟବସ୍ତୁକୁ ଅଧିବେଶନରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ 'ବିସ୍ମୃତ ଖାଦ୍ୟର ମହକ – ଓଡ଼ିଶାର ଖାଦ୍ୟ ସମ୍ଭାର' ଶୀର୍ଷକ ରନ୍ଧନ ପୁସ୍ତକ, ପୁଷ୍ଟିଶସ୍ୟଭିତ୍ତିକ ଆମ ଅନ୍ନ ପୁସ୍ତକ ଓ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନାର ସଂକଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପୁଷ୍ଟିଶସ୍ୟ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଭିନ୍ନ ସଙ୍ଗଠନ ଓ ସ୍ୱୟଂ ସହାୟକ ସଂସ୍ଥାକୁ ପୁରସ୍କୃତ କରାଯାଇଥିଲା।

# 'ବଦଳି, ପୋଷ୍ଟିଂ ପାଇଁ ଚାପ ପକାଇଲେ କାର୍ଯ୍ୟାନୁଷ୍ଠାନ'

ଭୁବନେଶ୍ୱର, ୧୧।୧୧(ସୁନିତ୍ ମିଶ୍ର)

## ସବୁ ସଚିବ, ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଚିଠି

ବଦଳି ଏବଂ ନିଜ ଇଚ୍ଛା ମୁତାବକ ପୋଷ୍ଟିଂ ପାଇଁ ଚାପ ପକାଉଥିବା ଅଧିକାରୀଙ୍କ ଉପରେ ରୋକ ଲଗାଯାଇଛି। ଏଣିକି ବଦଳି ଏବଂ ପୋଷ୍ଟିଂ ପାଇଁ ଚାପ ପକାଉଥିବା କର୍ମଚାରୀଙ୍କ ହାକିମାତି ଆଉ ଚଳିବନି। ଟ୍ରାନ୍ସଫର ପାଇଁ ଚାପ ପକାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ସବୁ ବିଭାଗର ସଚିବ ଏବଂ ଜିଲାପାଳମାନଙ୍କୁ ଚିଠି ଲେଖି ମୁଖ୍ୟ ସଚିବ ମନୋଜ ଆହୁଜା ସୋମବାର ସୂଚାଇ ଦେଇଛନ୍ତି। ନେତା-ମନ୍ତ୍ରୀଙ୍କ ଲିଖିତ ସୁପାରିସ ଆଣି ନିଜର ବଦଳି ଓ ପଦୋନ୍ନତି ପାଇଁ ଚାପ ପକାଇବା ଏଣିକି ସରକାରୀ କର୍ମଚାରୀଙ୍କୁ ମହଙ୍ଗା ପଡ଼ିବ ବୋଲି ସିଧାସଳଖ କହିଦିଆଯାଇଛି।

ମୁଖ୍ୟଶାସନ ସଚିବ ସୋମବାର ସମସ୍ତ ବିଭାଗର ସଚିବ ଓ ଜିଲାପାଳଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ବଦଳି ଓ ନିଯୁକ୍ତି ପାଇଁ ପକାଯାଉଥିବା ଅଯଥା ପ୍ରଭାବ ଓ ଚାପ ଉପରେ କଟକଣା ଜାରି କରିଛନ୍ତି। ଏହା ସହିତ ଏହି ଗାଇଡଲାଇନର ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କେତେଜଣ ସରକାରୀ କର୍ମଚାରୀ ନିଜର ବଦଳି କିମ୍ବା ନିଯୁକ୍ତି ପାଇଁ ବାହ୍ୟ ଚାପ ପକାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ଅଭ୍ୟାସ 'ଓଡ଼ିଶା ଗଭର୍ନମେଣ୍ଟ ସର୍ଭାଣ୍ଟ କଣ୍ଡକ୍ଟ ରୁଲ୍‌ସ-୧୯୫୯ର ରୁଲ୍-୨୩ର' ସିଧାସଳଖ ଉଲ୍ଲଂଘନ। ସରକାରୀ କର୍ମଚାରୀମାନେ ନିଜର ଆଚରଣରେ ଉଚ୍ଚମାନର ନିଷ୍ଠା ବଜାୟ ରଖିବା ସହ ସମସ୍ତ ସେବା ପ୍ରସଙ୍ଗରେ ସ୍ୱଚ୍ଛତା ଓ ପାରଦର୍ଶିତାର ନୀତି ଅବଲମ୍ବନ କରିବା ଆବଶ୍ୟକ। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ନୀତି ଆଧାରରେ ସ୍ୱାଭାବିକ ଭାବେ କର୍ମଚାରୀମାନଙ୍କ ବଦଳି ଓ ନିଯୁକ୍ତି କରାଯାଇଥାଏ। ତେଣୁ ଏହି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଯେକୌଣସି ପ୍ରକାରର ଉଦ୍ୟମକୁ ଗୁରୁତର ଖରାପ ଆଚରଣ ଭାବେ ବିଚାର କରାଯିବ। ଏଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟଶାସନ ସଚିବ ଚିଠିରେ ଦର୍ଶାଇଛନ୍ତି।

# ଚରିତ୍ର ନିର୍ମାଣ, ଦକ୍ଷତା ବୃଦ୍ଧି ଶିକ୍ଷାର ମୂଳ ଉଦ୍ଦେଶ୍ୟ: ଧର୍ମେନ୍ଦ୍ର

## ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ୧୫ତମ ସମାବର୍ତ୍ତନ ସମାରୋହ



ଭୁବନେଶ୍ୱର, ୧୧।୧୧(ସୁନିତ୍ ମିଶ୍ର)

ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି ଶିକ୍ଷାର ମୂଳ ଉଦ୍ଦେଶ୍ୟ। ଭାରତୀୟ ମୂଲ୍ୟବୋଧ ଉପରେ ଆଧାରିତ ରାଷ୍ଟ୍ରୀୟ ଶିକ୍ଷା ନୀତି, ଭବିଷ୍ୟତର ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା ଦିଗରେ ଏକ ଅନନ୍ୟ ପଦକ୍ଷେପ ବୋଲି ସୋମବାର ଗୁଜରାଟ ସୁରଟରେ ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ୧୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ଧର୍ମେନ୍ଦ୍ର କହିଛନ୍ତି, ଜୈନ ବିଶ୍ୱଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ହେଉଛି ଅନୁଭୂତିମୂଳକ ଶିକ୍ଷାର ଏକ ବୃହତ ପ୍ରୟୋଗଶାଳା। ବିଶ୍ୱବିଦ୍ୟାଳୟ ସମାବର୍ତ୍ତନର ପରମ୍ପରା ଏହାର ଏକ ଜୀବନ୍ତ ଉଦାହରଣ। ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବଟବୃକ୍ଷ ଭାବେ ନିଜକୁ ପ୍ରତିଷ୍ଠିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାକୃତ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି। ଏହି ଅନୁଷ୍ଠାନରେ ପ୍ରାକୃତ ଭାଷା ଉପରେ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ଆମ ଦାୟିତ୍ୱ। ଜୈନ ଧର୍ମର ମୂଲ୍ୟବୋଧ ଓ ଜୀବନ ଦର୍ଶନ ଆଜି ଏକ ବୈଶ୍ୱିକ ଆବଶ୍ୟକତା। ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ବିକଶିତ ଭାରତର ଲକ୍ଷ୍ୟ ନେଇ ଆଗକୁ ବଢ଼ିବା ପାଇଁ ପ୍ରଚେଷ୍ଟା କରୁଥିବା ଏକ ସମ୍ମାନସ୍ପଦ ଶିକ୍ଷାନୁଷ୍ଠାନ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ନେଇ ଯେଉଁସବୁ ଲକ୍ଷ୍ୟ ରଖାଯାଇଛି, ସେସବୁକୁ ନିଶ୍ଚୟ ପୂରଣ କରାଯିବ। ତେବେ ପରିବର୍ତ୍ତିତ ଟେକ୍ନୋଲୋଜି ଯୁଗରେ ଏକ ବଡ଼ ଆହ୍ୱାନ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଯୁବ ଉଦ୍ୟୋଗୀଙ୍କୁ ମିଳିବ ୧ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି

ଭୁବନେଶ୍ୱର,୧୧।୧୧ (ଅନୁରାଧା ମହାରଣା)


ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିଙ୍କ ସହ ପଦକ ପାଇଥିବା ବିଭିନ୍ନ ଟ୍ରେଡ୍‌ର ଶ୍ରେଷ୍ଠ ଛାତ୍ରୀଛାତ୍ର।

## ବିଶ୍ୱ ଦକ୍ଷତା କେନ୍ଦ୍ରର ସମାବର୍ତ୍ତନ ଉତ୍ସବ: ୭ ଟ୍ରେଡ୍‌ର ୨୧ ଛାତ୍ରୀଛାତ୍ରଙ୍କୁ ପଦକ

- 'ନାନୋ ୟୁନିକର୍ନ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମନ୍ତ୍ରୀ
- 'ୱେଲ୍ଡିଂ ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଉଦ୍‌ଘାଟିତ

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଚତୁର୍ଥ ସମାବର୍ତ୍ତନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପରିସରରେ ୱେଲ୍ଡିଂରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ବା ଉତ୍କର୍ଷ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେହିପରି ତୃଣମୂଳସ୍ତରରେ ବିଭିନ୍ନ ବ୍ୟବସାୟ ସ୍ଥାପନ କରିବାକୁ ଚାହୁଁଥିବା ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ 'ନାନୋ ୟୁନିକର୍ନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ଅଧୀନରେ ଯୁବ ଉଦ୍ୟୋଗୀଙ୍କୁ ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। 'ସ୍କିଲ୍ଡ ଇନ୍ ଓଡ଼ିଶା' ଯୋଜନା ଅଧୀନରେ ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଥିବା ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍‌ର ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ 'ବେଷ୍ଟ ଟ୍ରେନି' ଭାବେ ସମ୍ମାନିତ କରାଯାଇଥିଲା। ଏହାସହ ୭ଟି ଟ୍ରେଡ୍‌ରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ୯୦୯ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ରରେ ପ୍ରତ୍ୟେକ ଟ୍ରେଡ୍‌ର ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ୨୧ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଅତିଥି ଭାବେ ଯୋଗଦେଇ କହିଲେ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ଶିଳ୍ପ ଉପଯୋଗୀ ତାଲିମ ନେଇ ଓଡ଼ିଶାର ଯୁବପିଢ଼ି ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ପାଉଛନ୍ତି। ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ ପାଠ୍ୟକ୍ରମରେ ଶତ ପ୍ରତିଶତ ନିଯୁକ୍ତି ସଫଳତା ଏହାର ଏକ ଉଦାହରଣ। ଉତ୍ସବରେ ଫ୍ରୋନିୟୋସ୍ ଇଣ୍ଡିଆ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭି ଭିକାମାଥ, ବିଭାଗର ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ସିଙ୍ଗାପୁର ଆଇଟିଇଏସ୍‌ର ସିଇଓ ବ୍ରୁସ୍ ପୋହ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ଉପାଧ୍ୟକ୍ଷ ଜିତାମିତ୍ର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ପିରାଜା ଧନ୍ୟବାଦ ଦେଇଥିଲେ।

# ୪ଦିନରେ ୪ ଡିଗ୍ରୀ ଖସିବ ତାପମାତ୍ରା

ଭୁବନେଶ୍ୱର,୧୧।୧୧ (ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହୁଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା କିଛି ପରିମାଣରେ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଆଭ୍ୟନ୍ତ୍ରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରେକର୍ଡ କରାଯାଉଥିବାବେଳେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ କମ୍ ରହୁଛି। ତେବେ ଆସନ୍ତା ୪ଦିନ ମଧ୍ୟରେ ରାଜ୍ୟରେ ତାମମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ରାଜ୍ୟର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୪.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ୧୪.୫ ଡିଗ୍ରୀ ଓ ଫୁଲବାଣୀରେ ୧୫.୨ ଡିଗ୍ରୀ ରହିଥିଲା। ମଙ୍ଗଳବାର ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନ ସମେତ କେନ୍ଦୁଝରଗଡ଼ ଓ ମୟୂରଭଞ୍ଜରେ ହାଲୁକା ବର୍ଷା ହୋଇପାରେ। ସେହିପରି ବୁଧବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କିଛି ସ୍ଥାନକୁ ବାଦ୍ ଦେଲେ ଅନ୍ୟାନ୍ୟ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।






# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ପ୍ରାତଃ ୫ଟା ୩୦।
- ବାର୍ଷିକ ବିଜ୍ଞାନ ମେଳା ଓ ମୀନା ବଜାର, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଉପଲକ୍ଷେ ଚିତ୍ରକଳା ଶିବିର, ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ‘ଉଦ୍ଭବ’ର ଉଦ୍‌ଘାଟନୀ, ସ୍ଥାନ: ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍-୨ ଅଡିଟୋରିୟମ୍, ସମ୍ ଅଲ୍ଟିମେଟ୍ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସବ୍-ଅର୍ଡିନେଟ ଫାଇନାନ୍ସ ସର୍ଭିସ ଆସୋସିଏଶନର ବାର୍ଷିକ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ‘ସ୍ତବକ’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି ୨୦୨୪’ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା।
- ଓଡ଼ିଶୀ ନୃତ୍ୟ ମହୋତ୍ସବ ‘ଆସର’, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ପତ୍ରିକା ‘ଅକ୍ଷର’ର ୧୬ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ୧୨ତମ ଓଡ଼ିଶା ରାଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୪୩ତମ ବାର୍ଷିକ ଶ୍ରୀ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରୁଦ୍ରପୁର- ସୁନ୍ଦରାପାଟଣା ଗ୍ରାମ କ୍ଲବ ପଡ଼ିଆ, ସମୟ: ରାତି ୭ଟା।

## କଟକ

- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ବିନ୍ଧାଣିମା, ତିଗିରିଆ, ସମୟ: ସକାଳ ୭ଟା।

## ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବେଗୁନିଆ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଶ୍ରୀମଦ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ପଲଟନ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରବକ୍ତା ଡ.କଳ୍ପନା ରଥଙ୍କ ବଳୀବାମନ ଉପାଖ୍ୟାନ ଏବଂ କୃଷ୍ଣ ଜନ୍ମ ବିଷୟରେ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମଣ୍ଡପ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମହେଶପୁର ପଞ୍ଚାୟତରେ ଖବରଦାତା ସମ୍ମିଳନୀ, ସ୍ଥାନ: ମହେଶପୁର, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ଜଗଦ୍ଧାତ୍ରୀ ମେଳାରେ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ନସ୍କରପୁର, ଭୋଗରାଇ, ସମୟ: ରାତି ୮ଟା।

## ଭଦ୍ରକ

- ହିନ୍ଦୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତିହିଡ଼ି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ତଳକାଁପଡ଼ାବାସୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଜଗଦ୍ଧାତ୍ରୀ ପୂଜା, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବିଶ୍ୱଶାନ୍ତି ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ:ଗୋସାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସର,ସମୟ: ସକାଳ ୬ଟା।
- ସିପିଏମ୍‌ର ଗଣଧାରଣା, ସ୍ଥାନ: ଆର୍‌ଡିସି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ-ବ୍ରହ୍ମପୁର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ପ୍ରତିଷ୍ଠା ଦିବସ,ସ୍ଥାନ: ପ୍ରେମନଗର ନିକଟ ଭଞ୍ଜମଣ୍ଡପ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ବୁଗୁଡା ଗୋପୀନାଥ ମନ୍ଦିର ପରିସର,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଜିଲାପାଳଙ୍କ ସାମୁହିକ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡି ପଞ୍ଚାୟତ ସମିତି ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ. ନୂଆଗାଁ ବ୍ଲକ ପୁରୁଣା ନୂଆଗାଁ, ସମୟ:୧୦ଟା ୨୦।

## ଢେଙ୍କାନାଳ

- ଟାଟା ଷ୍ଟିଲ ମେରାମଣ୍ଡଳୀର ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳସ୍ଥିତ ହୋଟେଲ ନିରୁପମା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପରିବା ବ୍ୟବସାୟୀ ସଂଘ ପକ୍ଷରୁ ରାହାସ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ,ପରିବା ବଜାର, ପାରାଦୀପ, ସମୟ: ପ୍ରାତଃ ୪ଟା।
- ମୁକ୍ତେଶର ମନ୍ଦିରରେ ପଞ୍ଚୁକ ବ୍ରତ ଉପଲକ୍ଷେ ଗଜ ପୂଜା, ସ୍ଥାନ: ମୁକ୍ତେଶର ମନ୍ଦିର, ନୂଆବଜାର ପାରାଦୀପ, ସମୟ: ପ୍ରାତଃ ୫ଟା।
- ମହିମା ଧର୍ମାବଲମ୍ବୀଙ୍କ ପକ୍ଷରୁ ଅଖଣ୍ଡ ଘୃତ ବତି ପ୍ରଜ୍ୱଳନ ପୂର୍ବକ ପୂର୍ଣ୍ଣାହୂତି ଓ ମହିମା ବାଲ୍ୟଲୀଳା ଅର୍ପଣ, ସ୍ଥାନ: ରଘନାଥପୁର ବ୍ଲକ ଗୋଠିଣା, ସମୟ: ପ୍ରାତଃ ୫ଟା।
- ଛାତ୍ରୀଛାତ୍ର, ଅଭିଭାବକମାନଙ୍କୁ ନେଇ ଟିଆଇଏମ୍ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମଧୁଦୈତ୍ୟ ପୋଡ଼ି, ସ୍ଥାନ: ଖଡ଼ିଅଙ୍ଗ, ପୁରୁଣା ମେଡ଼ିକାଲ ରୋଡ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଲକ୍ଷ୍ମୀନାରାୟଣ ବେଶ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ପଞ୍ଚୁକ ଅବସରରେ ମାଗଣା ପ୍ରସାଦ ବଣ୍ଟନ, ସ୍ଥାନ: ନୟାଗଡ଼ ସହର ୧୬ ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର, ସମୟ: ମଧ୍ୟାହ୍ନ ୧ଟା।
- ମନ୍ଦିର ପ୍ରତିଷ୍ଠା ଉତ୍ସବର ୨ୟ ଦିବସରେ ସଂକୀର୍ତ୍ତନ, ସ୍ଥାନ: ଓଡ଼ଗାଁ ବ୍ଲକ ନନ୍ଦିଘୋର ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା।
- କାର୍ତ୍ତିକେଶ୍ୱର ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ: ଅପରାହ୍ନ ୪ଟା।
- ବୋଇତ ବନ୍ଦାଣ ଉତ୍ସବର ୨ୟ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡସହର ମା’ ଦକ୍ଷିଣକାଳୀଙ୍କ ଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୫ଟା୧୫ମିନିଟ୍।
- ଭାଗବତ ସପ୍ତାହରେ ପ୍ରାବଚନିକ କାର୍ଯ୍ୟକ୍ରମରେ ବଳିବାମନ ସମ୍ବାଦ, ଶ୍ରୀରାମଚରିତ ଓ ଶ୍ରୀକୃଷ୍ଣ ଜନ୍ମ, ସ୍ଥାନ: ଲଡୁକେଶ ମହେଶ ମନ୍ଦିର ସମ୍ମୁଖ ଶରଣକୁଳ, ସମୟ: ସନ୍ଧ୍ୟା ୭ଟା।
- ଶରତ ରାସ ଉତ୍ସବ ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିନ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କାର୍ତ୍ତିକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ସପ୍ତାଙ୍ଗର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ନାରାୟଣୀ ପୀଠ ପଥର ଚକଡ଼ା, ସମୟ: ସନ୍ଧ୍ୟା ୭ଟା।
- ନଟବର ବେଶ, ସ୍ଥାନ: ଖଣ୍ଡପଡ଼ା ଗୋପୀନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ରାସୋତ୍ସବର ୩ୟ ଦିବସରେ ବୃନ୍ଦା ହରଣ, ସ୍ଥାନ: ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ: ରାତି ୮ଟା।

## ରାୟଗଡ଼ା

- ସିଲାଦ୍ଧିଷ୍ଟ ଦେବତା ପୂଜା ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପିଏର୍‌ଡି ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡା, ସମୟ: ସକାଳ ୮ଟା ୫୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ସମ୍ବଲପୁର

- କଲମ ପରିବାର ପକ୍ଷରୁ ସାହିତ୍ୟ ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ମେହେନ୍ଦି ଓ ନୃତ୍ୟ ପ୍ରତିଯୋଗୀତା, ସ୍ଥାନ: ହୀରାକୁଦ ସ୍ଥିତ ଜିଗ ଜାଗ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଜପୁରୀ କ୍ରିକେଟ ଲିଗ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ, ସ୍ଥାନ : ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଚତୁର୍ଥ ଦିବସରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟ ସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ: ସକାଳ ୮ଟା।
- ୫୬ତମ ସାର୍ବଜନୀନ କାଳୀପୂଜା ମହୋତ୍ସବ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସୋନପୁର ସହର ମଝିପଡା, ସମୟ: ସନ୍ଧ୍ୟା ୫ଟା।

## ବରଗଡ଼

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଝାରବନ୍ଧ ବ୍ଲକ ଅଫିସ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାହ୍ଲେପାଲି, ସମୟ: ସକାଳ ୯ଟା।

## ରାଉରକେଲା

- ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ ଓ ସଭା, ସ୍ଥାନ: ରାଉରକେଲା, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ସେକ୍ଟର-୧୬ ଧବଳେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ଇସ୍ପାତ କାରଖାନାରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ, ସ୍ଥାନ: ସେକ୍ଟର-୫ ଟାଉନ୍ ଇଞ୍ଜିନିୟରିଂ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ପାନପୋଷ ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ନିର୍ବାଚନ, ସ୍ଥାନ: ଉଦିତନଗର ଆଇଟିଡିଏ ହଲ୍, ସମୟ: ସକାଳ ୮ଟା।
- ପଞ୍ଚୁକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ନାମ ପଞ୍ଜୀକରଣ, ସ୍ଥାନ: ବିଜୟନଗର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବାରକୋଟ, ସମୟ: ସକାଳ ୮ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୯ଟା।
- ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)-କମ୍-ଜେଏମ୍‌ଏଫ୍‌ସି, କୋର୍ଟ ଭର୍ଚୁଆଲ୍ ମୋଡ୍‌ରେ ଉଦ୍‌ଘାଟନ, ସ୍ଥାନ: ବାରକୋଟ ବ୍ଲକ ପରିସର, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଖିଲେଇ ହାଇସ୍କୁଲ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ବିଜୟନଗର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବାରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ବିଜୟନଗର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବାରକୋଟ, ସମୟ: ଅପରାହ୍ନ ୩ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ, ସ୍ଥାନ: ଖିଲେଇ ହାଇସ୍କୁଲ, ରିଆମାଳ ବ୍ଲକ, ସମୟ: ଅପରାହ୍ନ ୩ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଲାଞ୍ଜିଗଡ଼ରେ ନୂତନ ଜେଏମ୍‌ଏଫ୍‌ସି କୋର୍ଟ ଶୁଭ ଉଦ୍‌ଘାଟନ, ସ୍ଥାନ: ଲାଞ୍ଜିଗଡ଼ ଖେଳପଡିଆ ପରିସର, ସମୟ: ପୂର୍ବାହ୍ନ ୯ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ, କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଗୃହ ସମସ୍ୟା, ଭୂମି, ଗାଡ଼ିମୋଟର ସମ୍ପର୍କିତ ପ୍ରତିବନ୍ଧକ ଲାଗି ରହିବ। ଧାର କରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସାହିତ୍ୟ, କ୍ରୀଡ଼ା ଏବଂ ସଙ୍ଗୀତାଦି କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**ବୃଷ**
ଧନାଧିପଙ୍କ ଶୁଭତ୍ୱ ଆପଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ କରାଇବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡ଼ିପାରେ। ଦୀର୍ଘଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ।

**ମିଥୁନ**
ସପ୍ତମାଧିପତି ବ୍ୟୟଭାବସ୍ଥ ହେତୁ କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡ଼ିପାରେ। ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ।

**କର୍କଟ**
ଭାଗ୍ୟାଧିପତି ମନ୍ଦଗ୍ରହ ମଧ୍ୟବର୍ତ୍ତୀ ହେତୁ ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବାଣିଜ୍ୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଧନଲାଭାଧିପତି ବୁଧ କର୍ମଭାବକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। କର୍ମକ୍ଷେତ୍ରର ସମସ୍ୟା ସମାଧାନର ଚିନ୍ତା ମନକୁ ବିବ୍ରତ କରିପାରେ। ତରବରିଆ ଯାତ୍ରାରୁ ଦୂରେଇରହିଲେ ଭଲ। ରଚନାତ୍ମକ କାମ, ଅଧ୍ୟାପନା, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
କବନ୍ଧଗ୍ରହ କେତୁ ରାଶିରେ ଥିବାରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହୋଇପାରିବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମର ସମୀକ୍ଷାକରି ବ୍ୟସ୍ତ ହେବେ। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ।

**ତୁଳା**
ବକ୍ରି ଶନି ଏକାଦିକ୍ରମେ କର୍ମକ୍ଷେତ୍ରର ଅବ୍ୟବସ୍ଥା ଓ ପାରିବାରିକ ଜୀବନକୁ ପ୍ରଭାବିତ କରିବ। ମାନସିକ ଅଶାନ୍ତିଜନିତ ପ୍ରତ୍ୟେକ କାମରେ ଭଗ୍ନମନୋରଥ ଯନ୍ତ୍ରଣାକୁ ବଢ଼ାଇପାରେ। ଚିତ୍ରା ନକ୍ଷତ୍ର ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ଆଜି ରାହୁଯୁକ୍ତ ଚନ୍ଦ୍ରଙ୍କ କୋଣଭାବସ୍ଥ ସ୍ଥିତି ସନ୍ତାନ ହେତୁକ ମାନସିକ ଅସ୍ଥିରତା ପ୍ରଦାନ କରିବ। ବନ୍ଧୁମିଳନ ସାଙ୍ଗକୁ ଆନୁଷ୍ଠାନିକ କାମ ଓ ଆଲୋଚନା ଫଳପ୍ରଦ ହେବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବା ଆଶଙ୍କା ରହିଛି।

**ଧନୁ**
ନବମାଧିପତି ଏକାଦଶସ୍ଥ ଦୁର୍ବଳ ହେତୁ ଧର୍ମକାର୍ଯ୍ୟରେ ଅର୍ଥାଭାବ ସମସ୍ୟାର କାରଣ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ଶାନ୍ତ ଓ ସୁଶୀଳତାର ଝଲକରେ ଆତ୍ମୀୟଙ୍କ ମନ କିଣିନେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିପାରେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମକର**
ତୃତୀୟ ବ୍ୟୟାଧିପ କାରଣରୁ ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ପ୍ରିୟଜନଙ୍କ ଆଶ୍ୱାସନା ସାମୟିକ ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।

**କୁମ୍ଭ**
ରାଶ୍ୟାଧିପତି ସ୍ୱଗୃହରେ ଥିବା କାରଣରୁ ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡ଼ନ ସୃଷ୍ଟି କରିବ। ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ**
ଆଜିର ଚନ୍ଦ୍ର ରାଶିରେ ରାହୁଯୁକ୍ତ ଥିବାରୁ କାର୍ଯ୍ୟସିଦ୍ଧି ସାମାନ୍ୟ ବିଳମ୍ବିତ ସମୟରେ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତବୋଧ କରିପାରନ୍ତି।

ଆଜି ନଭେମ୍ବର ୧୨ ତାରିଖ, ରାଷ୍ଟ୍ରୀୟ ପ୍ରସାରଣ ଦିବସ, କାର୍ତ୍ତିକ ଶୁକ୍ଳପକ୍ଷର ସର୍ବସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ ମଙ୍ଗଳବାର। ଶ୍ରୀଜୀଉଙ୍କ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ଭୀଷ୍ମପଞ୍ଚକ ବା ବକ ପଞ୍ଚକ ଆରମ୍ଭ ଓ ସ୍ନାନ, ଶରତ ରାସ ଆରମ୍ଭ, ଚାତୁର୍ମାସ୍ୟା ବ୍ରତ ସମାପନ, ଭକ୍ତ ଦାସିଆ ଜୟନ୍ତୀ, କାଳିଦାସ ଜୟନ୍ତୀ, ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ତିରୋଧାନ ଦିବସ। ସକାଳ ୦୭।୫୧ ଗତେ ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୫୭ ଗତେ, ଘ.୦୬।୪୧ ମଧ୍ୟେ, ଘ.୦୮।୪୪ ଗତେ, ଘ.୧୧।୦୮ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ. ୦୩।୪୦ ମଧ୍ୟେ ରାହୁକାଳ।

## ଅନ୍ୟାନ୍ୟ ଖବର

# ଟ୍ୟୁଶନ ଫି’ ଦେଇ ନ ପାରିବାରୁ ଟିସି ଦେଇଦେଲେ

**ବାରିପଦା, ୧୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ନିଃଶୁଳ୍କ ଶିକ୍ଷାଦାନଠାରୁ ଆରମ୍ଭ କରି ପାଠ୍ୟପୁସ୍ତକ, ପୋଷାକ ଓ ହଷ୍ଟେଲ ବ୍ୟବସ୍ଥା କରାଯାଇଛି। ମାତ୍ର ସରକାରୀ ବିଦ୍ୟାଳୟରେ ଶିକ୍ଷାର ବ୍ୟବସାୟକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଏପରିକି ଟ୍ୟୁଶନ ଫି’ ଦେଇ ନ ପାରିବାରୁ ଦୁଇ ଛାତ୍ରଙ୍କୁ ଟିସି ଦେଇ ସ୍କୁଲରୁ ବାହାର କରି ଦିଆଯାଇଛି। ଏନେଇ ଦୁଇଛାତ୍ରଙ୍କ ଅଭିଭାବକ ଲକ୍ଷ୍ମୀଧର ମୁର୍ମୁ ସୋମବାର ବାରିପଦା ଅତିରିକ୍ତ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି।

ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି ଯେ, ବାରିପଦା ବ୍ଲକ ଅଧୀନ ଚନ୍ଦନପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ ହଷ୍ଟେଲରେ ରହି ତାଙ୍କ ପୁଅ ଚୈତନ୍ୟ ୬ଷ୍ଠ ଓ କୃପାସିନ୍ଧୁ ୮ମ ଶ୍ରେଣୀରେ ପାଠ ପଢୁଥିଲେ। ଟ୍ୟୁଶନ ଫି’ ବାବଦରେ ମାସକୁପ୍ରତିଅନ୍ତେବାସୀଙ୍କଠାରୁ ୧ ହଜାର ଟଙ୍କା ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଗୁଲାରାମ ମୁର୍ମୁ ଆଦାୟ କରୁଥିଲେ। ମାସକୁ ମାସ ଦୁଇ ପିଲାଙ୍କ ଟ୍ୟୁଶନ ଫି’ ବାବଦ ୨ହଜାର ଟଙ୍କା ଦେଇ ଚାଲିଥିଲେ। ଅକ୍ଟୋବରରେ ଅର୍ଥାଭାବ କାରଣରୁ ବିଳମ୍ବ ହୋଇଛି। ଏହାକୁ ନେଇ ହଷ୍ଟେଲ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ ଦୁଇ ଛାତ୍ରଙ୍କୁ ବାଧ୍ୟତାମୂଳକ ୯ ତାରିଖରେ ଟିସି ଦେଇ ସ୍କୁଲରୁ ବାହାର କରିଦେଇଛନ୍ତି। ଶିକ୍ଷାବର୍ଷ ଅଧାରେ ସ୍କୁଲରୁ ବାହାର କରିବାରୁ ଦୁଇ ପୁଅଙ୍କ ଭବିଷ୍ୟତକୁ ନେଇ ଲକ୍ଷ୍ମୀଧର ଚିନ୍ତାରେ ପଡ଼ିଛନ୍ତି। ବେଆଇନ ଭାବେ ଟ୍ୟୁଶନ ଫି’ ଆଦାୟ କରିବା ଏବଂ ଜବରଦସ୍ତ ସ୍କୁଲରୁ ବାହାର କରିବା ଘଟଣାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ ପାଇଁ ସେ ଦାବି କରିଛନ୍ତି।

ଦିନ ମଜୁରିଆ ଭାବେ କାମ କରି ପିଲାଙ୍କ ଟ୍ୟୁଶନ ଫି’ ଦେବାରେ ଅସମର୍ଥ ହେବାରୁ ସେମାନଙ୍କୁ ସ୍କୁଲରୁ ବାହାର କରି ଦିଆଗଲା। ଏପରିକି ଟ୍ୟୁଶନ ଫି’ ନ ଦେଲେ ପିଲାଙ୍କ ଖାଇବା ବନ୍ଦ କରାଯିବା ସହ ଘରୁ ଉଠାଇ ଆଣିବାକୁ ଧମକ ଦିଆଯାଇଥିବା ନେଇ ଲକ୍ଷ୍ମୀଧର ପ୍ରକାଶ କରିଛନ୍ତି। ବାର୍ଷିକ ପରୀକ୍ଷା ପାଖେଇ ଆସିଥିବାରୁ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହେବ। ଅଧାରୁ ପାଠପଢ଼ା ଛାଡ଼ି ସେମାନେ ଦିନମଜୁରିଆ କାମ କରିବାକୁ ବାଧ୍ୟ ହେବେ ବୋଲି ଲକ୍ଷ୍ମୀଧର କ୍ଷୋଭର ସହ କହିଛନ୍ତି। ବିଦ୍ୟାଳୟରୁ ଜବରଦସ୍ତ ଟିସି ଦେଇ ବାହାର କରିଦେବା ଏକ ଧର୍ତ୍ତବ୍ୟ ଅପରାଧ। ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ କିମ୍ବା ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

# ନ୍ୟାୟ ଦାବିରେ ରାଜପଥ ଅବରୋଧ

**ବାଙ୍ଗିରିପୋଷି, ୧୧।୧୧ (ସଞ୍ଜୟ କୁମାର ଅଗ୍ରୱାଲା)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ପଞ୍ଚାୟତ ଦରକଣ୍ଟିଆ ଗ୍ରାମରେ ଏକ ପରିବାରାର ଦଶାହ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ପରିବାର ପକ୍ଷରୁ ନ୍ୟାୟ ଦାବିରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

ପ୍ରକାଶ ଯେ, ଗ୍ରାମର ସୁନ୍ଦର ମୋହନ ମାର୍ଣ୍ଡିଙ୍କ ସ୍ତ୍ରୀ ସାକ୍ରମଣି ମାର୍ଣ୍ଡି ଅକ୍ଟୋବର ୨୩ରେ ମୃତ୍ୟୁବରଣ କରିଥିଲେ। ତେବେ ୧୮ ବର୍ଷ ପୂର୍ବେ ମୋହନଙ୍କ ପରିବାକୁ ଆଦିବାସୀ ସମାଜ ନିୟମ ଭଙ୍ଗ ଅଭିଯୋଗରେ ସମାଜରୁ ବାସନ୍ଦ କରାଯାଇଥିଲା। ଏ ନେଇ ସାକ୍ରମଣିଙ୍କ ମୃତଦେହକୁ ସତ୍କାର ପାଇଁ ଗ୍ରାମବାସୀ ସହଯୋଗ କରି ନ ଥିଲେ କି ଶ୍ମଶାନରେ ସ୍ଥାନ ଦେଇ ନ ଥିଲେ। ଥାନା ଅଧିକାରୀ ରୋଜାଲିନ ବେହେରା ଏବଂ ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନ

**ଦଶାହକ୍ରିୟା କରାଇଦେଲେନି ଗ୍ରାମବାସୀ**

ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୨୦ ଘଣ୍ଟା ପରେ ସତ୍କାର କରାଯାଇଥିଲା। ସୋମବାର ଦଶାହ କ୍ରିୟାକୁ ମଧ୍ୟ ଗ୍ରାମବାସୀ କରେଇଦେଇ ନ ଥିଲେ। ସେଙ୍ଗେଲ ଅଭିଯାନ କର୍ମକର୍ତ୍ତା ହସ୍ତକ୍ଷେପ କରି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସମୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତ ଉପୁଜିଥିଲା। ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଓ ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତା ପରିବାରକୁ ନ୍ୟାୟ ଦାବିରେ ଜାତୀୟ ରାଜପଥ ୪୯କୁ ଅବରୋଧ କରିଥିଲେ। ବିଡିଓ, ତହସିଲଦାର ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା ପରେ ଅବରୋଧ ହଟିଥିଲା। କିନ୍ତୁ ଖବର ଲେଖା ପର୍ଯ୍ୟନ୍ତ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ମହିଳାଙ୍କ ଦଶାହ କ୍ରିୟା ହୋଇପାରିନାହିଁ।

# ବଣାଇଁ ସ୍ୱତନ୍ତ୍ର କାରାଗାରରେ ପୁଣି ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବଣାଇଁ, ୧୧।୧୧ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ସ୍ୱତନ୍ତ୍ର କାରାଗାରରେ ସୋମବାର ସକାଳେ ପୁଣି ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଇଡ଼ା ଥାନା ଅନ୍ତର୍ଗତ ପୋଡ଼ାଡ଼ିହି ଗ୍ରାମର ବୁଧୁ ମୁଣ୍ଡା(୩୩)। ଏନେଇ ବଣାଇଁ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ୩୩/୨୪ ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବା ଏବଂ ଆବଶ୍ୟକୀୟ ଭିଡିଓଗ୍ରାଫି କରାଯିବ ବୋଲି ବଣାଇଁ ଉପକାରାଗାର କାରାଧକ୍ଷ ସୁଧାଂଶୁ ଶେଖର ବେଉରା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବୁଧୁ ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ୨୦୨୦ ମସିହାଠାରୁ ବିଚାରାଧୀନ କଏଦୀ ଭାବେ କାରାବାସରେ ଥିଲେ। କୋଇଡ଼ା ଥାନାରେ ତାଙ୍କ ବିରୋଧରେ ଏକ ହତ୍ୟା ମାମଲା ୧୪୧/୨୦୨୦ ରୁଜୁ ହୋଇଥିଲା। ସୋମବାର ବୁଧୁ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା କାରାଗାର ପକ୍ଷରୁ ସନ୍ଦେହ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ୫ ଜଣ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିସାରିଲାଣି। ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ବୋଲି ଦାବି ହେଉଛି।

# ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

**ପାଟଣା, ୧୧।୧୧ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ରାଇଡ଼ିହା ପଞ୍ଚାୟତ ହରିଡ଼ା ଗୋଠ ଗ୍ରାମର ଜଣେ ନାବାଳକଙ୍କ ସୋମବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଶାମ ମୁଣ୍ଡାଙ୍କ ପୁଅ ଦିନବନ୍ଧୁ(୧୨)। ଦିନବନ୍ଧୁ ରବିବାର ରାତିରେ ପରିବାର ସହ ତଳେ ଶୋଇଥିଲେ। ରାତି ୪ ଟାରେ ଦିନବନ୍ଧୁଙ୍କ ମୁଣ୍ଡ ବ୍ୟଥା ହୋଇଥିଲା। ଘର ଲୋକେ ସୋମବାର ସକାଳୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରିଥିବା ଡା. ନିରଞ୍ଜନ ସାହୁ କହିଛନ୍ତି, ଡାହାଣ ଗୋଡ଼ ଆଣ୍ଠୁ ତଳେ ସାପ କାମୁଡ଼ିବା ଚିହ୍ନ ରହିଛି। ଶରୀରରେ ବିଶ ଦେଖିବାକୁ ମିଳିଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୭୦/୨୪)ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପ୍ରଥମ ପୃଷ୍ଠାରୁ...

# ପ୍ରଦୂଷଣକୁ ଧର୍ମ ପ୍ରୋତ୍ସାହିତ...

ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ବାଣ ଉତ୍ପାଦନ ଏବଂ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିଷେଧାଦେଶ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ଷ୍ଟେକ୍‌ହୋଲ୍ଡରମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ତୁରନ୍ତ ପ୍ରଦାନ କରିବା ନିମନ୍ତେ ଖଣ୍ଡପୀଠ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଣ ନିଷେଧାଦେଶର ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ସେଲ୍ ଗଠନ ପାଇଁ କୁହାଯାଇଛି। ଏଥିସହ ନିଷେଧାଦେଶ କାର୍ଯ୍ୟକାରୀ କରିବା ପାଇଁ ପୋଲିସ କ’ଣ ପଦକ୍ଷେପ ନେଇଛି, ତାହା ବ୍ୟକ୍ତିଗତ ସତ୍ୟପାଠ ଜରିଆରେ ଜଣାଇବାକୁ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ବାଣ ନିଷେଧାଦେଶ ଧୂଆଁରେ ମିଳାଇଯିବାରୁ ୩ ବର୍ଷ ମଧ୍ୟରେ ଏଥର ଦୀପାବଳିରେ ଜାତୀୟ ରାଜଧାନୀ ସର୍ବାଧିକ ପ୍ରଦୂଷିତ ହୋଇଛି। ଅକ୍ଟୋବର ୧୪ରେ ସୁପ୍ରିମକୋର୍ଟ ବାଣ ଉପରେ ନିଷେଧାଦେଶ ଜାରି କରିଥିଲେ। ସେପର୍ଯ୍ୟନ୍ତ ଦିଲ୍ଲୀ ସରକାର ବାଣ ଉପରେ କଟକଣା କାହିଁକି ଲଗାଇ ନ ଥିଲେ ବୋଲି ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସବୁଦିନ ପାଇଁ ବାଣ ଉପରେ ନିଷେଧାଦେଶ ଲଗାଇବା ସମ୍ପର୍କରେ ନଭେମ୍ବର ୨୫ ପୂର୍ବରୁ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ସରକାରଙ୍କୁ କହିଛନ୍ତି।

# ବଦଳିଲା ନର୍ସିଂ ଅଫିସରଙ୍କ...

(ଡିଏନ୍‌ଏସ୍)/ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ (ଏନ୍‌ଏସ୍) ଧଳା ଶାଢ଼ି ଓ ଡ୍ରେସ ପିନ୍ଧିବେ। ସେଥିରେ ଥିବା ଆପ୍ରୋନ୍ କଲାରରେ ସମ୍ବଲପୁରୀ ଛିଟ ରହିବ। ସେହିପରି ପୁରୁଷ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଧଳା ଜ୍ୟାକେଟ୍‌ର କଲରରେ ସମ୍ବଲପୁରୀ ଛିଟ ରହିବ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି। ଡ୍ରେସ୍‌କୋଡ୍ ପରିବର୍ତ୍ତନ ହୋଇଥିବାରୁ ଏଥିପାଇଁ ରାଜ୍ୟ ନର୍ସିଂ ସଂଘ ସଭାନେତ୍ରୀ ସୁଚିସ୍ମିତା ଦାଶ ଏବଂ ସମ୍ପାଦକ ଅଶ୍ୱିନୀ କୁମାର ଦାସ ଉଭୟ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ପାଦକ ଦାସ କହିଛନ୍ତି, ଗତ ସେପ୍ଟେମ୍ବରରେ ସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ସେଥିରେ ଡ୍ରେସ୍‌କୋଡ୍ ପରିବର୍ତ୍ତନ ଏକ ପ୍ରମୁଖ ଦାବି ରହିଥିଲା। ସରକାର ଏହାକୁ ପୂରଣ କରିଥିବାରୁ କୃତଜ୍ଞତା ଜଣାଉଛୁ। ତେବେ ଖୁବ୍‌ଶୀଘ୍ର ସରକାର ଆମର ଅନ୍ୟ ନ୍ୟାର୍ଯ୍ୟ ଦାବିଗୁଡ଼ିକ ମଧ୍ୟ ପୂରଣ କରିବେ ବୋଲି ଆଶା ରଖୁଛୁ।

# ମହିଳା ସରକାରୀ କର୍ମଚାରୀଙ୍କୁ...

ସାମୟିକ ଛୁଟି ସହିତ ମହିଳାମାନେ ଏହି ୧୨ ଦିନ ଅତିରିକ୍ତ ଛୁଟି ପାଇପାରିବେ। ଉଲ୍ଲେଖଯୋଗ୍ୟ, ପୂର୍ବ ସରକାର ସମୟରେ ମହିଳାମାନଙ୍କୁ ସେମାନଙ୍କ ମାସିକ ଋତୁସ୍ରାବ ପାଇଁ ଅତିରିକ୍ତ ୧୦ ଦିନ ସାମୟିକ ଛୁଟି ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୪ମାର୍ଚ୍ଚ ୧୨ରେ ଅର୍ଥବିଭାଗ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଥିଲା। ରାଜ୍ୟ ସରକାରଙ୍କ ମହିଳା କର୍ମଚାରୀମାନେ ବର୍ଷକୁ ୨୫ ଦିନ ଛୁଟି ପାଇପାରୁଥିଲେ। ଏବେଠାରୁ ସେମାନେ ବାର୍ଷିକ ୨୭ ଦିନ ଛୁଟି ପାଇବେ।

# ଓଡ଼ିଶାର ସବୁଜ ସ୍ୱର



ଆନିଶା ଶର୍ମା, ଅଭିନେତ୍ରୀ



ଶୁଭାଶିଷ ନାଥଶର୍ମା, ଅଭିନେତା



ବୁଦ୍ଧାଦିତ୍ୟ ମହାନ୍ତି, ଅଭିନେତା



ଅନୁ ଚୌଧୁରୀ, ଅଭିନେତ୍ରୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ



ସୁନାବେଡ଼ା ମହିଳା ମହାବିଦ୍ୟାଳୟ, ସୁନାବେଡ଼ା



ଆଇଆଇଏମ୍‌ସି, ଢେଙ୍କାନାଳ



ନର୍ସିଂ କଲେଜ, ମାଲକାନଗିରି

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

DSPL-188

एकलव्य आदर्श आवासीय विद्यालयों का ... कला उत्सव

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନଙ୍କର

## ୫ମ ଜାତୀୟ ସାଂସ୍କୃତିକ, ସାହିତ୍ୟ ଏବଂ କଳା ଉତ୍ସବ ୨୦୨୪



ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ମନ୍ତ୍ରୀ, ଜନଜାତି ବ୍ୟାପାର ମନ୍ତ୍ରାଳୟ,
ଭାରତ ସରକାର

ଗରିମାମୟ ଉପସ୍ଥିତି

**ଶ୍ରୀଯୁକ୍ତ ଦୁର୍ଗା ଦାସ ଉଇକେ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ,
ଭାରତ ସରକାର

**ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି,
ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ
ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ
ଭିନ୍ନକ୍ଷମ ସଶକ୍ତି କରଣ,
ଓଡ଼ିଶା ସରକାର






୧୨ - ୧୫ ନଭେମ୍ବର, ୨୦୨୪
ସ୍ଥାନ: ଶିକ୍ଷା 'ଓ' ଅନୁସନ୍ଧାନ,
(SOA) ଭୁବନେଶ୍ୱର, ଓଡ଼ିଶା

ଆୟୋଜକ
ଜାତୀୟ ଆଦିବାସୀ ଛାତ୍ର ଶିକ୍ଷା ସମିତି (NESTS)
ସହଯୋଗ
ଓଡିଶା ଆଦର୍ଶ ଆଦିବାସୀ ଶିକ୍ଷା ସମିତି(OMTES),
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ,
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-26053/13/0005/2425

"ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି- ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। -ଶ୍ରୀମା

-ଦେବୋତ୍ଥାପନ (ବଡ଼)
ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ,
ଶରଣ ଶେଷ ଓ ହଳ ନିଷେଧ



# କେବଳ ହିନ୍ଦୀ ନୁହେଁ

ଶିଶୁଟିଏ ଜନ୍ମ ହେବା ପରେ ତାକୁ ଯେଉଁ ଭାଷାରେ ଅଭ୍ୟସ୍ତ କରାଯାଇଥାଏ, ସେହି ଅନୁଯାୟୀ ସେ ପାରଙ୍ଗମ ହୋଇଥାଏ। ମାତୃଭାଷା ଆଧାରରେ ସେ ସଂସ୍କୃତିଗତ ପରିଚୟ ଲାଭ କରେ। ଭାରତରେ ବିଭିନ୍ନ ମାତୃଭାଷା ଓ ଉପଭାଷା ଥିବାବେଳେ କେବଳ ହିନ୍ଦୀର ପ୍ରଚାର ଓ ପ୍ରସାର ଲାଗି କେନ୍ଦ୍ରୀୟ ସ୍ତରରେ ଉଦ୍ୟମ ହେଉଥିବାରୁ ତାହା ବିରୋଧରେ ସ୍ୱର ଉଠିଲାଣି। ନିକଟରେ ହିନ୍ଦୀ ଭାଷାକୁ ନେଇ ସ୍ୱର ଉଠାଇଛନ୍ତି କେରଳର ସିପିଆଇ(ଏମ୍) ସାଂସଦ ଜନ୍ ବ୍ରିଟ୍ଟାସ। କେନ୍ଦ୍ର ସରକାର ଦକ୍ଷିଣ ଭାରତୀୟ ସାଂସଦମାନଙ୍କୁ ଇଂଲିଶରେ ପତ୍ର ଲେଖୁଥିବାବେଳେ ଗୃହରେ ହିନ୍ଦୀରେ ଉତ୍ତର ରଖୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବ୍ରିଟ୍ଟାସ ଆହୁରି କହିଛନ୍ତି ଯେ, ସରକାରୀ ପକ୍ଷର ଅଧିକାଂଶ ସଦସ୍ୟ ସେମାନଙ୍କ ଭାଷଣରେ ହିନ୍ଦୀ ଭାଷାକୁ ଅଧିକରୁ ଅଧିକ ବ୍ୟବହାର କରୁଥିବାରୁ ଦକ୍ଷିଣ ଭାରତୀୟ ଏବଂ ଅଣ ହିନ୍ଦୀଭାଷୀ ରାଜ୍ୟଗୁଡ଼ିକରୁ ଆସିଥିବା ସଦସ୍ୟମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସଂସଦରେ ହିନ୍ଦୀକୁ ପ୍ରକୃତ ଭାଷା କରିବାକୁ ଉଦ୍ୟମ ହେଉଥିବା କହି ବ୍ରିଟ୍ଟାସ କ୍ଷୋଭ ପ୍ରକାଶ କରିଛନ୍ତି। କେବଳ ପାର୍ଲାମେଣ୍ଟ ନୁହେଁ, ଏହା ବାହାରେ ମଧ୍ୟ ହିନ୍ଦୀକୁ ସମସ୍ତଙ୍କ ଉପରେ ଲଦିଦେବା ପାଇଁ ସୁଚିନ୍ତିତ ଉଦ୍ୟମ କରାଯାଉଥିବା ସେ ସୂଚିତ କରିଛନ୍ତି।

ବିଭିନ୍ନ ରାଜ୍ୟର ମାତୃଭାଷା ହିନ୍ଦୀ ଦ୍ୱାରା ପ୍ରଭାବିତ ହେବାରେ ଲାଗିଛି। ଓଡ଼ିଶାର ଉଦାହରଣ ନେଲେ ଏହା ସ୍ପଷ୍ଟ ହେବ। ଏବେ ରାଜ୍ୟରେ ଓଡ଼ିଆ ଭଳି ଶାସ୍ତ୍ରୀୟ ଭାଷା ଓ କେତେକ ଉପଭାଷାକୁ ଅନେକାଂଶରେ ଅଣଦେଖା କରାଯାଇ ହିନ୍ଦୀକୁ ପ୍ରୋତ୍ସାହିତ କରାଯାଉଛି। ଉତ୍ତର ଭାରତର ବୋଲବମ୍, ଧନତେରସ, ସିନ୍ଦୂର ଖେଳ ଓ ଛଟ୍‌ପୂଜା ଭଳି ପର୍ବକୁ ଓଡ଼ିଶାରେ ପ୍ରବେଶ କରାଇ ଦିଆଯାଇ ଯେଭଳି ସ୍ଥାନୀୟ ସଂସ୍କୃତିର ଗୁରୁତ୍ୱକୁ ହ୍ରାସ କରିଦିଆଯାଉଛି, ଅନୁରୂପ ଭାବେ ହିନ୍ଦୀ ଭାଷାର ବହୁଳ ବ୍ୟବହାର ଦ୍ୱାରା ଶାସ୍ତ୍ରୀୟ ଭାଷା ଓଡ଼ିଆ ବହୁ ଆହ୍ୱାନର ସମ୍ମୁଖୀନ ହେଲାଣି। ଏବେ ଆଞ୍ଚଳିକ ଭାଷାଗୁଡ଼ିକୁ ଅଣଦେଖା କରାଯାଇ 'ଏକ ଦେଶ ଏକ ଭାଷା' ଆଳରେ ଯେଉଁ ପ୍ରକାର ଉଦ୍ୟମ ହେଉଛି ତାହା ଭାରତର ଅଖଣ୍ଡତାକୁ ପ୍ରଶ୍ନରେ ପକାଇପାରେ। ମନେରଖିବା ଉଚିତ ଯେ, ଉତ୍ତର ଭାରତୀୟଙ୍କ ଦ୍ୱାରା ପ୍ରଚଳିତ ହିନ୍ଦୀଭାଷା ଦେଶର ବିଭିନ୍ନ ଆଞ୍ଚଳିକ ଭାଷା ଭଳି ଗୋଟିଏ। ତେବେ କେନ୍ଦ୍ରୀୟ ନେତାମାନେ କାହିଁକି ହିନ୍ଦୀକୁ ପ୍ରୋତ୍ସାହନ ଦେଉଛନ୍ତି ତାହା ବୁଝିବା କଷ୍ଟକର ନୁହେଁ। ସେମାନେ ଯେଉଁ ରାଜ୍ୟରୁ ଆସିଛନ୍ତି ସେଠାରେ ବ୍ୟବହାର ହେଉଥିବା ଭାଷା ଏବଂ ହିନ୍ଦୀ ମଧ୍ୟରେ ତଫାତ୍ ନାହିଁ; ଯାହାଫଳରେ ସେହି ସବୁ ନେତାମାନଙ୍କ ପାଇଁ ହିନ୍ଦୀରେ ଗର୍ଜିକରି ଭାଷଣ ଦେଇ ନିର୍ବାଚନ ପ୍ରଚାର କରାଇବା କାର୍ଯ୍ୟ ସହଜ ହୋଇପାରୁଛି। ମୁଷ୍ଟିମେୟ ଲୋକଙ୍କର ବ୍ୟକ୍ତିଗତ ରାଜନୈତିକ ସୁବିଧା ପାଇଁ ଦେଶର ଅନେକ ଐତିହାସିକ ଭାଷାକୁ ଧ୍ୱଂସ କରିଦେବାର କୌଣସି ଦ୍ୱିଧା ଦେଖାଯାଉ ନାହିଁ। ବାସ୍ତବରେ ଯିଏ ଭାରତପ୍ରେମୀ ହୋଇଥିବ ସେଭଳି ବ୍ୟକ୍ତି ଭାରତର କୋଣ ଅନୁକୋଣରେ ପ୍ରଚଳିତ ଭାଷା, ସଂସ୍କୃତି, ପର୍ବ ଏବଂ ଧାର୍ମିକ ରୀତିନୀତିକୁ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିବ। ଉଦାହରଣ ସ୍ୱରୂପ ଓଡ଼ିଶାରେ ବ୍ୟବହୃତ ହେଉଥିବା ଉପକୂଳ ଓଡ଼ିଆ, ପଶ୍ଚିମ ଓଡ଼ିଶାର ଭିନ୍ନ ପ୍ରକାର ଓଡ଼ିଆ, କୁଇ ଏବଂ ସାନ୍ତାଳି ଭଳି ଅନେକ ପୁରାତନ ଭାଷା ରହିଛି, ଯେଉଁଗୁଡ଼ିକ ପ୍ରୋତ୍ସାହନ ବିନା କ୍ରମଶଃ ପୃଥିବୀରୁ ଲୋପ୍ ପାଇଯିବ। ଓଡ଼ିଆ ଲିପିକୁ ଦେଖିଲେ ଅଦ୍ୱିତୀୟତା ସ୍ପଷ୍ଟ ବାରି ହୋଇଯାଏ। ଯେହେତୁ ଓଡ଼ିଆ ଲିପି ସେଥିରୁ ଆସିନାହିଁ ସେହେତୁ ଲିପିର ମୁଣ୍ଡ ଉପରେ ଗାର ରହେନାହିଁ। ଏହିଭଳି ସୂକ୍ଷ୍ମ ଅଦୃଶ୍ୟ ସୌନ୍ଦର୍ଯ୍ୟକୁ ଖୋଦ୍ ଓଡ଼ିଆ ଲୋକମାନେ ସ୍ୱୀକାର କରିବାକୁ ଅପ୍ରସ୍ତୁତ। ଅନ୍ୟପଟେ ଓଡ଼ିଶାର ଦକ୍ଷିଣରେ ଥିବା ତେଲୁଗୁ ଏବଂ ଉତ୍ତରରେ ଥିବା ବଙ୍ଗଳା ଭାଷାଗୁଡ଼ିକର ବିଶେଷତାକୁ ସେଠାକାର ଜନସାଧାରଣ ବଞ୍ଚେଇ ରଖିପାରିଛନ୍ତି। ପୂର୍ବରୁ କିଛି ବାହାସ୍ଫୋଟ ମାରୁଥିବା ଓଡ଼ିଆ ଦାବି କରୁଥିଲେ ଯେ ତାଙ୍କର ଉଦ୍ୟମ ଯୋଗୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇପାରିଥିଲା। ସେହି ଦାବିକୁ ଆଜିର ସରକାର ସମ୍ପୂର୍ଣ୍ଣ ଭାବେ ହାସ୍ୟାସ୍ପଦ ପରିସ୍ଥିତିରେ ପକାଇ ଦେଇଛନ୍ତି। ପୁନର୍ବାର ରାଜନୀତିକ ଲାଭ ପାଇଁ ମରାଠୀ, ବଙ୍ଗଳା, ଆସାମୀଜ୍ ଭଳି ପାଞ୍ଚୋଟି ଭାଷାକୁ ଅକ୍ଟୋବର ୨୦୨୪ ପ୍ରଥମ ସପ୍ତାହରେ କ୍ଲାସିକାଲ୍ ମାନ୍ୟତା ଦେଇଛନ୍ତି। ସେହିସବୁ ଭାଷା ବ୍ୟବହୃତ ହେଉଥିବା ରାଜ୍ୟରେ ଏଭଳି ମାନ୍ୟତା ପାଇଁ କୌଣସି ଦାବି କିମ୍ବା ଆନ୍ଦୋଳନ ହୋଇଥିବାର କେହି ଶୁଣି ନ ଥିଲେ। ତେବେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପଛର କାରଣ ବୁଝିବା ଅତ୍ୟନ୍ତ ସହଜ। ସେହିସବୁ ରାଜ୍ୟରେ ନିର୍ବାଚନ ଫଳାଫଳକୁ ଆଖିଆଗରେ ରଖି ଭାଷା ସମ୍ପୃକ୍ତ ନିଷ୍ପତ୍ତି ନିଆଯାଉଛି। ଏଭଳି ଅଦୂରଦର୍ଶୀ ପଦକ୍ଷେପ ସେହିସବୁ ଭାଷାକୁ କେତେ ଲାଭ ଦେବ ତାହା ଏବେ ଆକଳନ କରିବା କଷ୍ଟକର। ଅନ୍ୟପଟେ ପୂର୍ବରୁ ଏହି ମାନ୍ୟତା ପାଇଥିବା ଭାଷା ଯଥା- ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ ଏବଂ ଓଡ଼ିଆ ପ୍ରତି କୌଣସି ଧ୍ୟାନ ଦିଆଯାଉ ନାହିଁ କିମ୍ବା ତାହାର ପ୍ରସାର ପ୍ରଚାର ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଅର୍ଥ ଖର୍ଚ୍ଚ କରାଯାଉ ନାହିଁ। ଯାହା ଆସୁଛି ତାହା ସମୁଦ୍ରଙ୍କୁ ଶଙ୍ଖେ କୁହାଯାଇପାରେ। ଏହା କହିଲା ବେଳକୁ ତୁଳନାତ୍ମକ ଦୃଷ୍ଟିରେ ହିନ୍ଦୀ ପାଇଁ କେନ୍ଦ୍ର ବଜେଟ ଖର୍ଚ୍ଚକୁ ଦୃଷ୍ଟିରେ ରଖିବା ଦରକାର।

ଭାରତର ସୌନ୍ଦର୍ଯ୍ୟ ତା'ର 'ବିବିଧତା ମଧ୍ୟରେ ଏକତା'ରେ ଥାଏ। କିନ୍ତୁ ଏଠାରେ ହିନ୍ଦୀ ଭାଷାକୁ ପ୍ରାଧାନ୍ୟ ଦିଆଯାଇ ଅନ୍ୟସବୁ ଭାଷା ଉପରେ କୁଠାରାଘାତ କରାଯାଉଛି, ଯାହାକି ସଂଘୀୟ ଚିନ୍ତାଧାରାର ବିରୋଧାଭାସ ବୋଲି କୁହାଯାଇପାରେ। ଯଦି ଭାରତୀୟ ସମ୍ବିଧାନକୁ ଦେଖାଯାଏ, ଏହାର ଜନ୍ମଲଗ୍ନରେ କୁହାଯାଇଥିଲା ଯେ ଦେଶରେ କୌଣସି ଗୋଟିଏ ଜାତୀୟ ଭାଷା ରହିବ ନାହିଁ। ସେଥିପାଇଁ ୧୪ଟି ସରକାରୀ ଭାଷାକୁ ମାନ୍ୟତା ଦିଆଯାଇଥିଲା, ଯାହା ଏବେ ୨୨ରେ ପହଞ୍ଚିଛି। ହିନ୍ଦୀ ଓ ଇଂଲିଶକୁ କେନ୍ଦ୍ର ସରକାର ତଥା ପ୍ରଶାସନିକ ବ୍ୟବସ୍ଥାରେ ସରକାରୀ ଭାଷାର ମାନ୍ୟତା ଦିଆଯାଇଥିଲା। ହେଲେ ସମୟ କ୍ରମେ ହିନ୍ଦୀକୁ କେବଳ ପ୍ରମୁଖ ପ୍ରଭାବୀ ଭାଷା କରିବା ପାଇଁ ପ୍ରଚେଷ୍ଟା କରାଯାଇଥିଲା। କିନ୍ତୁ ତାହାକୁ ବିଶେଷକରି ଦକ୍ଷିଣ ଭାରତରେ ଘୋର ବିରୋଧ କରାଯିବାରୁ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ନିଷ୍ପତ୍ତି ବଦଳାଇଥିଲେ। ଏବେ ହିନ୍ଦୀ ଭାଷାକୁ ଯେଉଁଭଳି ଭାବେ ପ୍ରଚାର ପ୍ରସାର କରାଯାଉଛି ତାହା ଜାତୀୟ ଏକତାକୁ କ୍ଷୁଣ୍ଣ କରିବା ସହିତ ଭାରତର ସୌନ୍ଦର୍ଯ୍ୟକୁ ବିକୃତ କରୁଛି।

# ନିର୍ବାଚନୀ 'ଭେଟି'ର ବୋଝ



ସୌଭାଗ୍ୟ ସୁନ୍ଦରରାୟ

୨୦୨୩ ମସିହାରେ ପାଞ୍ଚ ଗ୍ୟାରେଣ୍ଟି ବା ପ୍ରତିଶ୍ରୁତି ଦେଇ କର୍ନାଟକରେ କଂଗ୍ରେସ କ୍ଷମତାସୀନ ହେଲା। ଏହା ଥିଲା ଦଳର ନିର୍ବାଚନୀ ଇସ୍ତାହାରର ଅଂଶବିଶେଷ। ରାଜ୍ୟବାସୀ ଏହି ପ୍ରତିଶ୍ରୁତିକୁ ବିଶ୍ୱାସ କରି ଭୋଟ ଦେଇଥିଲେ ଏବଂ କଂଗ୍ରେସ କ୍ଷମତାକୁ ଆସିପାରିଲା। ଏହି ୫ ପ୍ରତିଶ୍ରୁତି ଥିଲା ଅନ୍ନଭାଗ୍ୟ ଯୋଜନା, ଗୃହଲକ୍ଷ୍ମୀ ଯୋଜନା, ଗୃହ ଜ୍ୟୋତି, ଯୁବନିଧି ଓ ଶକ୍ତି ଯୋଜନା। ଅନ୍ନଭାଗ୍ୟ ଯୋଜନାରେ ଜନସାଧାରଣଙ୍କୁ ୧୦ କିଗ୍ରା ଚାଉଳ ଯୋଗାଣର ବ୍ୟବସ୍ଥା ରହିଥିବାବେଳେ ଗୃହଲକ୍ଷ୍ମୀ ଯୋଜନାରେ ଘରର ମହିଳା ମୁଖ୍ୟଙ୍କୁ ୨୦୦୦ ଟଙ୍କା ନଗଦ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଥିଲା। ଯୁବନିଧି ଯୋଜନାରେ ବେରୋଜଗାର ସ୍ନାତକ ଓ ଡିପ୍ଲୋମାଧାରୀଙ୍କ ପାଇଁ ନଗଦ ଅର୍ଥ, ଗୃହଜ୍ୟୋତି ଯୋଜନାରେ ୨୦୦ ୟୁନିଟ ମାଗଣା ବିଦ୍ୟୁତ୍ ଓ ଶକ୍ତି ଯୋଜନାରେ ମହିଳାଙ୍କ ନିମନ୍ତେ ମାଗଣା ବସ୍ ଯାତ୍ରାର ସୁଯୋଗ ରଖାଯାଇଥିଲା। ଏବେ ଶକ୍ତି ଯୋଜନାକୁ କର୍ନାଟକ ସରକାର ସ୍ଥଗିତ ରଖିବା ନିମନ୍ତେ ଚିନ୍ତା କରୁଛନ୍ତି। ଏହାର କାରଣ ହେଲା ଅର୍ଥାଭାବ। ତେବେ ଏଥିନେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍‌ଗେ ରାଜ୍ୟ ସରକାରଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି। ଯେଉଁ ପ୍ରତିଶ୍ରୁତି ପାଳନ ହେବା କଷ୍ଟକର ବା ଆର୍ଥିକ ଅବସ୍ଥା ମଧ୍ୟରେ ନାହିଁ ସେଭଳି ପ୍ରତିଶ୍ରୁତି ଦିଆଯିବା ଉଚିତ ନୁହେଁ ବୋଲି ନିଜ ଦଳର ରାଜ୍ୟ ସରକାରଙ୍କୁ ଚେତାଇଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ'ରେ କଂଗ୍ରେସ ପ୍ରତିଶ୍ରୁତିକୁ ମିଥ୍ୟା ପ୍ରତିଶ୍ରୁତି ବୋଲି ଅଭିହିତ କରିଛନ୍ତି। ତେବେ ଏହାର ଦିନକ ପରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଦଳର ନିର୍ବାଚନ ଇସ୍ତାହାର ବା ସଂକଳ୍ପପତ୍ରକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉନ୍ମୋଚନ କରି ଦଳ କ୍ଷମତାକୁ ଆସିଲେ ନଗଦ ଅର୍ଥ ସହାୟତାଠାରୁ ଆରମ୍ଭ କରି ଗ୍ୟାସ ସିଲିଣ୍ଡର ଆଦି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ତେଣେ ନିର୍ବାଚନରେ ଘିଅ-ମହୁର ପ୍ରତିଶ୍ରୁତିକୁ ନେଇ ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଛି ଏବଂ ଏହା ଉପରେ ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କୁ ଅଦାଲତ ନୋଟିସ୍ ଜାରି କରିଛନ୍ତି।

ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦିଆଯାଉଛି ତାହା କେବଳ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଉଦ୍ଦିଷ୍ଟ। ଏଣୁ ଏହାକୁ ନିର୍ବାଚନ ଭେଟି ବୋଲି କୁହାଯାଇପାରେ। ଏତେ ପ୍ରତିଶ୍ରୁତି ପୂରଣ ପାଇଁ ଦେଶର ବା ରାଜ୍ୟର ଆର୍ଥିକ ସ୍ଥିତି କ'ଣ ରହିଛି ଅଥବା କେଉଁ ସୂତ୍ରରୁ ସମ୍ବଳ ସଂଗ୍ରହ କରାଯାଇ ପ୍ରତିଶ୍ରୁତି ପୂରଣ କରାଯାଇପାରିବ ତାହା ରାଜନୈତିକ ଦଳଗୁଡ଼ିକ ଦର୍ଶାଉନାହାନ୍ତି। ଏ ଦିଗ ପ୍ରତି ଦୃଷ୍ଟି ନ ଦେଇ ଶସ୍ତା, ଲୋକପ୍ରିୟ ପ୍ରତିଶ୍ରୁତି ଯୋଗୁ ଅର୍ଥନୈତିକ ବ୍ୟବସ୍ଥା ବିଗିଡ଼ିବାର ସମ୍ଭାବନା ରହିଛି, ଯାହା କର୍ନାଟକ କ୍ଷେତ୍ରରେ ଦେଖାଦେଇଛି।



କର୍ନାଟକରେ ଯେଉଁ ପ୍ରତିଶ୍ରୁତି ଦେଇ କଂଗ୍ରେସ କ୍ଷମତାକୁ ଆସିଲା ସେଥିପାଇଁ ବାର୍ଷିକ ଅତିରିକ୍ତ ୫୬,୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏତେ ପରିମାଣର ସମ୍ବଳ ରାଜ୍ୟ ସରକାର ଯୋଗାଡ଼ କରିବାରେ ସମର୍ଥ ହୋଇ ନ ପାରି ଚଳିତ ବର୍ଷ ପାଇଁ ଶକ୍ତି ଯୋଜନା ସ୍ଥଗିତ ରଖିବାକୁ ମନସ୍ଥ କରିଛନ୍ତି।

ଯାହା ଜଣାଯାଏ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ନିର୍ବାଚନୀ ପ୍ରତିଶ୍ରୁତି ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା କେ.କାମରାଜ ପ୍ରଥମେ ପ୍ରଚଳନ କରିଥିଲେ। ଏହା ୧୯୫୪ର କଥା। ବିଦ୍ୟାଳୟ ପିଲାଙ୍କୁ ମାଗଣା ଶିକ୍ଷା ଓ ଖାଦ୍ୟ ପାଇଁ କାମରାଜ ନିଜ ନିର୍ବାଚନୀ ଘୋଷଣାପତ୍ରରେ କହିଥିଲେ। ଏହାକୁ ଏକ କଲ୍ୟାଣକାରୀ ପ୍ରତିଶ୍ରୁତି ବୋଲି କୁହାଯାଇପାରେ। ପରବର୍ତ୍ତୀ ସମୟରେ ୧୯୬୭ରେ ଡିଏମ୍‌କେ ପ୍ରତିଷ୍ଠାତା ସି.ଏନ୍. ଆନ୍ନାଦୁରାଇ ଗରିବ ଲୋକଙ୍କୁ ୧ ଟଙ୍କାରେ ସାଢ଼େ ୪ କେଜି ଚାଉଳ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟ ଏକ ଗରିବ କଲ୍ୟାଣକାରୀ ପ୍ରତିଶ୍ରୁତି। ଉପରୋକ୍ତ ପ୍ରତିଶ୍ରୁତି ଦେଇ ଉଭୟ ନେତା ନିର୍ବାଚନରେ କ୍ଷମତାସୀନ ହୋଇପାରିଥିଲେ। ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହାର ଆଉ ଗରିବ, ଅବହେଳିତ, ନିରନ୍ନ କୈନ୍ଦ୍ରିକ ହୋଇ ରହିଲା ନାହିଁ। ୨୦୦୬ ମସିହା ତାମିଲନାଡୁ ନିର୍ବାଚନରେ ଜନସାଧାରଣଙ୍କୁ ରଙ୍ଗିନ ଟିଭି ପ୍ରଦାନ ପାଇଁ ଡିଏମ୍‌କେ ପ୍ରତିଶ୍ରୁତି ଦେଲା। ପରବର୍ତ୍ତୀ ସମୟରେ ଏଆଇଏଡିଏମ୍‌କେ ଦଳର ନେତ୍ରୀ ସୁଶ୍ରୀ ଜୟଲଳିଥା ଗ୍ରାଇଣ୍ଡର, ମିକ୍ସର, ସୁନା ଥାଳି ଓ ଶାଢ଼ୀର ପ୍ରତିଶ୍ରୁତି ଦେଲେ। ଜୟଲଳିଥା ଦ୍ୱିତୀୟ ସର୍ବାଧିକ ସମୟ ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ରହିଥିଲେ। ଗତବର୍ଷ ଛତିଶଗଡ଼ ନିର୍ବାଚନରେ କଂଗ୍ରେସ ସରକାର ଋଣ ଛାଡ଼ ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦଳ ପରାଜୟ ସ୍ୱୀକାର କଲା। ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ସରକାର ଲାଡ୍‌ଲି ବହେନ ଯୋଜନା କାର୍ଯ୍ୟକାରୀ କଲେ। ମହିଳା ଭୋଟ ବ୍ୟାଙ୍କ ପାଇଁ ଏହି ଯୋଜନା ହାତକୁ ନିଆଗଲା। ଏହାଦ୍ୱାରା ରାଜକୋଷ ଉପରେ ୨୫ହଜାର କୋଟି ଟଙ୍କାର ବାର୍ଷିକ ଚାପ ସୃଷ୍ଟି ହୋଇଛି। ତେଣେ ମଧ୍ୟପ୍ରଦେଶ ସରକାରଙ୍କ ଋଣ ବୋଝ ୩ ଲକ୍ଷ ୩୧ ହଜାର କୋଟି ଟଙ୍କା ରହିଛି। ତେଲଙ୍ଗାନାରେ କଂଗ୍ରେସ ଦଳ ଗତ ବିଧାନସଭା ନିର୍ବାଚନରେ ଦୁଧିଆଳି ଗାଈ, ଲାପ୍‌ଟପ୍, ଗ୍ୟାସ ସିଲିଣ୍ଡର ପାଇଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲା। ଓଡ଼ିଶାରେ ବିଧାନସଭା ନିର୍ବାଚନ ପୂର୍ବରୁ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ନିମନ୍ତେ ଭାଜପା ପ୍ରତିଶ୍ରୁତି ଦେଲା। ଏହାଦ୍ୱାରା ଭାଜପା ଦଳ ରାଜ୍ୟରେ କ୍ଷମତାସୀନ ହେଲା। ଏବେ ଏହି ପ୍ରତିଶ୍ରୁତିକୁ ସରକାର ସୁରୁଖୁରୁରେ ଆଗେଇ ନେଇପାରୁ ନାହାନ୍ତି। ବାରମ୍ବାର ମାର୍ଗଦର୍ଶିକା ପରିବର୍ତ୍ତନ କରୁଛନ୍ତି। ଏହାର କାରଣ ହେଲା ଅର୍ଥାଭାବ। ସୁଭଦ୍ରା ଯୋଜନା ନିମନ୍ତେ ଅର୍ଥ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଅନ୍ୟାନ୍ୟ ବିକାଶମୂଳକ ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଠପ୍ କରାଯାଇଛି। ଠିକାଦାର ବକେୟା ଅର୍ଥ ପାଇପାରୁ ନାହାନ୍ତି।

ନିର୍ବାଚନ ଘୋଷଣାପତ୍ରରେ କଲ୍ୟାଣକାରୀ ଯୋଜନା ପାଇଁ ପ୍ରତିଶ୍ରୁତି ଦିଆଯାଇପାରେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଅବହେଳିତ ଓ ଗରିବଙ୍କ ପାଇଁ ଦଳର ଦୃଷ୍ଟିଭଙ୍ଗୀ ଏଥିରୁ ଜାଣି ହୋଇଥାଏ। ଏହା ବାଦ୍ ସାମୂହିକ ଭାବେ ରାଷ୍ଟ୍ର କଲ୍ୟାଣ ପାଇଁ କ'ଣ ଆବଶ୍ୟକ ତାହା କୁହାଯାଇପାରେ। ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ସୁରକ୍ଷା ଆସିଥାଏ। ଏଗୁଡ଼ିକ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିଲେ ସମାଜ ବ୍ୟବସ୍ଥା ଆପେ ସଶକ୍ତୀକରଣ ହୋଇପାରିବ। କିନ୍ତୁ ନଗଦ ଟଙ୍କା, ସ୍କୁଟି, ଗ୍ୟାସ ସିଲିଣ୍ଡର ଆଦି ବଣ୍ଟନ କରାଯିବା ଦ୍ୱାରା ଏକ ପ୍ରଲୋଭିତ ନିର୍ବାଚନ ବ୍ୟବସ୍ଥା ସୃଷ୍ଟି ହେଉଛି। ଏଣୁ ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ସ୍ୱଚ୍ଛ ବୋଲି କୁହାଯାଇପାରିବ ନାହିଁ। ଚଳିତ ମାସରେ ମହାରାଷ୍ଟ୍ରରେ ମଧ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି। ଏହା ପୂର୍ବରୁ ମଧ୍ୟପ୍ରଦେଶ ଢାଞ୍ଚାରେ ମହାରାଷ୍ଟ୍ର ସରକାର ଲଡ୍‌କି ବହେନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ୨୧ରୁ ୬୫ ବର୍ଷ ବୟସ ମଧ୍ୟରେ ଥିବା ମହିଳାଙ୍କୁ ରାଜ୍ୟ ସରକାର ମାସିକ ୧୫୦୦ ଟଙ୍କା ସହାୟତା ପ୍ରଦାନ କରିବେ। ଏହା ଦ୍ୱାରା ରାଜକୋଷ ଉପରେ ୪୬୦୦୦ କୋଟି ଟଙ୍କାର ଚାପ ସୃଷ୍ଟି ହେବ। ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରି ଏହି ଯୋଜନା ସମ୍ପର୍କରେ ନକାରାତ୍ମକ ମନ୍ତବ୍ୟ ରଖିଛନ୍ତି। ନାଗପୁରଠାରେ ଏକ ସମାବେଶରେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ ବିଷକନ୍ୟା ସହ ତୁଳନା କରିଛନ୍ତି। ବିଷକନ୍ୟା ସହ ଯିଏ ରହିବ ତାର ମୃତ୍ୟୁ ଘଟିବ। ଆଗାମୀ ଦିନରେ ଉଦ୍ୟୋଗୀମାନେ ସରକାରଙ୍କ ନିକଟରୁ ସେମାନଙ୍କ ରିହାତି ଅର୍ଥ ପାଇପାରିବେ ନାହିଁ ବୋଲି ସେ ଚେତାଇ ଦେଇଥିଲେ। ଏଣୁ ସରକାରଙ୍କ ଉପରେ ନିର୍ଭର ନ କରିବାକୁ ସେ ଉଦ୍ୟୋଗୀଙ୍କୁ କହିଥିଲେ। ମହାରାଷ୍ଟ୍ର ସରକାରରେ ଭାଜପା ଏବେ ଭାଗୀଦାରି ରହିଛି। ଦଳର ନେତା ଦେବେନ୍ଦ୍ର ଫଡ଼ନାଭିସ ଉପମୁଖ୍ୟମନ୍ତ୍ରୀ ରହିଛନ୍ତି।

ଭୋଟରଙ୍କୁ ପ୍ରଭାବିତ କରିବା ନିମନ୍ତେ ରାଜନୈତିକ ଦଳଗୁଡ଼ିକ ଅଧୁନା ଯେଉଁ ମାର୍ଗ ଆପଣେଇଛନ୍ତିତାହା ଗଣତନ୍ତ୍ର ପ୍ରତିବିପଦ ଆଣିଦେବ ବୋଲି କୁହାଯାଇପାରେ। ଏଭଳି ସ୍ଥିତିକୁ ଏକ ଅସୁସ୍ଥ ରାଜନୈତିକ ବିଚାରଧାରା ବୋଲି ବିବେଚନା କରାଯାଇପାରେ। ଏ ଦିଗରେ ରାଜନୈତିକ ଦଳ ସଚେତନ ହେବା ଆବଶ୍ୟକ ହେଲାଣି।

ମୋ: ୯୪୩୭୨୨୯୨୩୩

# ଏକ ରାଜ୍ୟ ଏକ ଗ୍ରାମ୍ୟ ବ୍ୟାଙ୍କ



ସୁଷମା ପରିଡ଼ା

ଆଗକୁ ଆମ ଦେଶର ଗ୍ରାମୀଣ ବ୍ୟାଙ୍କଗୁଡିକ ନିମନ୍ତେ ଏକ ସୁଖଦ ସମୟ ଆସୁଛି, କାରଣ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଏକ ରାଜ୍ୟ- ଏକ ଗ୍ରାମ୍ୟ ବ୍ୟାଙ୍କର ନୀତି ପ୍ରଣୟନ କରି ଗ୍ରାମୀଣ ବ୍ୟାଙ୍କଗୁଡିକରେ ଏକ ବୈପ୍ଳବିକ ରୂପାନ୍ତରଣ ଆଣିବାକୁ ଯାଉଛନ୍ତି। ଏହା ନିଶ୍ଚିତ ଭାବରେ ଦେଶରେ ପ୍ରାୟୋଜକ ବ୍ୟାଙ୍କମାନଙ୍କ ସଂଖ୍ୟା ହ୍ରାସ କରିବା ସହ ଗ୍ରାମୀଣ ବ୍ୟାଙ୍କମାନଙ୍କୁ ରାଜ୍ୟସ୍ତରରେ ଅଧିକ ସୁଦକ୍ଷ,ସମୃଦ୍ଧ,ସଶକ୍ତ ଓ ଶୃଙ୍ଖଳିତ କରିବାରେ ସହାୟକ ହେବ ଏବଂ ପରବର୍ତ୍ତୀ ସମୟରେ ଭାରତୀୟ ସ୍ତରରେ ଏକକ ଜାତୀୟ ଗ୍ରାମୀଣ ବ୍ୟାଙ୍କ ଗଠନ କରିବାର ପଥକୁ ପ୍ରଶସ୍ତ କରିବ ବୋଲି ଆଶା କରାଯାଏ। ଏଥିନିମନ୍ତେ ବୁଦ୍ଧିଜୀବୀ ମହଲରେ ଅନେକ ଆଲୋଚନା ପର୍ଯ୍ୟାଲୋଚନା, ହିସାବ ନିକାଶ କରାଯିବା ପରେ ଅର୍ଥ ମନ୍ତ୍ରଣାଳୟ ଏହି ପ୍ରକ୍ରିୟା ଆରମ୍ଭ କରିଛି ବୋଲି କୁହାଯାଏ। ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟରେ ଏହି ସମ୍ମିଶ୍ରଣ ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀର ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯାଉଛି ଏବଂ ତାହା ସମ୍ବନ୍ଧିତ ସବିଶେଷ ବିବରଣୀକୁ ତର୍ଜମା କରିବା ପରେ ଅନ୍ତିମ ନିର୍ଣ୍ଣୟ ନିଆଯିବ ବୋଲି ଡିଏଫ୍‌ଏସ୍‌ର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଗ୍ରାମୀଣ ବ୍ୟାଙ୍କର ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ଭାରତୀୟ ଗ୍ରାମାଞ୍ଚଳରେ ସାମାଜିକ, ଅର୍ଥନୈତିକ ଉନ୍ନତୀକରଣ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମୟରେ ୧୯୭୫ ସେପ୍ଟେମ୍ବର ୨୬ରେ ନରସିଂହମ୍ କମିଟିର ସୁପାରିସ ଅନୁଯାୟୀ ପାର୍ଲାମେଣ୍ଟରେ ପାରିତ ହୋଇଥିଲା ଗ୍ରାମୀଣ ବ୍ୟାଙ୍କ ଆକ୍ଟ। ଏହି ଆକ୍ଟ ଅନୁଯାୟୀ ସ୍ଥିର ହେଲା ଯେ ଦେଶର ପ୍ରତ୍ୟେକ ରାଜ୍ୟର ପ୍ରତ୍ୟେକ ଜିଲାରେ ଗ୍ରାମୀଣ ବ୍ୟାଙ୍କମାନ ଖୋଲାଯିବ ଏବଂ ଏହି ବ୍ୟାଙ୍କଗୁଡ଼ିକର ଗଠନରେ କେନ୍ଦ୍ର ସରକାରଙ୍କ ଶତକଡା ପଚାଶ ଭାଗ ଅଂଶଧନ, ସେହି ଜିଲାର ଅଗ୍ରଣୀ ବ୍ୟାଙ୍କର ଶତକଡା ପଇଁତିରିଶ ଭାଗ ଅଂଶଧନ ଏବଂ ରାଜ୍ୟ ସରକାରଙ୍କ ଶତକଡା ପନ୍ଦର ଭାଗ ଅଂଶଧନ ରହିବ। ସେହି ଅଗ୍ରଣୀ ବ୍ୟାଙ୍କଗୁଡ଼ିକ ଥିଲେ ୧୯୬୯ରେ ଜାତୀୟକରଣ ହୋଇଥିବା ରାଷ୍ଟ୍ରାୟତ୍ତ ବ୍ୟବସାୟିକ ବ୍ୟାଙ୍କ। କେବଳ ତତ୍କାଳୀନ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କକୁ ବାଦ୍ ଦେଲେ ଅନ୍ୟ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ଏକ କିମ୍ବା ତଦୂର୍ଦ୍ଧ୍ୱ ଗ୍ରାମ୍ୟ ବ୍ୟାଙ୍କ ପ୍ରାୟୋଜିତ ହୋଇଥିଲା।

ଗ୍ରାମୀଣ ବ୍ୟାଙ୍କ ଆକ୍ଟ ଅନୁସାରେ ୧୯୭୫ ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀରେ ଉତ୍ତର ପ୍ରଦେଶର ମୌରଦାବାଦଠାରେ ଖୋଲିଥିଲା ଭାରତର ପ୍ରଥମ ଗ୍ରାମ୍ୟ ବ୍ୟାଙ୍କ ଏବଂ ତା' ପରେ ଉତ୍ତର ପ୍ରଦେଶର ଗୋରଖପୁର କ୍ଷେତ୍ରିୟ ଗ୍ରାମ୍ୟ ବ୍ୟାଙ୍କ, ହରିୟାଣାର ହରିୟାଣା କୃଷି ଗ୍ରାମୀଣ ବ୍ୟାଙ୍କ, ପଶ୍ଚିମବଙ୍ଗର ଗୌର ଗ୍ରାମୀଣ ବ୍ୟାଙ୍କ ଏଂ ରାଜସ୍ଥାନର ଜୟପୁର ନାଗାଉର ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ।




ସେହି ବ୍ୟାଙ୍କଗୁଡ଼ିକର ସଫଳତା ଲକ୍ଷ୍ୟ କରି ପୁନଶ୍ଚ ଗ୍ରାମୀଣ ବ୍ୟାଙ୍କ ଆକ୍ଟର ତର୍ଜମା କରି ସେଥିରେ ଆଉ କେତେକ ପରିବର୍ତ୍ତନ ଅଣାଯାଇ ୧୯୭୬ରେ ପୁନଶ୍ଚ ନରସିଂହମ୍ କମିଟିର ସୁପାରିସ ଅନୁଯାୟୀ ଗ୍ରାମୀଣ ବ୍ୟାଙ୍କ ଆକ୍ଟ ସଂଶୋଧିତ ଧାରା(୪୨) ବଳରେ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଆହୁରି ଅନେକ ରାଜ୍ୟରେ ଜିଲାଭିତ୍ତିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଥିଲା।

ଗୋଟିଏ ପରେ ଗୋଟିଏ କରି ମୋଟ ୧୯୬ଟି ଗ୍ରାମ୍ୟ ବ୍ୟାଙ୍କ ଖୋଲିଥିଲା ଭାରତରେ। ସେଥିରୁ ଶତକଡା ବୟାନବେ ଭାଗ ଗ୍ରାମ୍ୟ ବ୍ୟାଙ୍କର ଶାଖା ଖୋଲିଥିଲା ଦେଶର ଦୁର୍ଗମ କୋଣ ଅନୁକୋଣରେ ଥିବା ଗ୍ରାମ ଏବଂ ସହରତଳି ଅଞ୍ଚଳରେ। ମୁଖ୍ୟତଃ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ କରିବାରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ।

ପ୍ରାୟୋଜକ ଏବଂ ପ୍ରାୟୋଜିତ ବ୍ୟାଙ୍କ, ଦୁହିଁଙ୍କର କାମ ସମାନ ଥିଲେ ମଧ୍ୟ ଦରମା ଏବଂ ଅନ୍ୟାନ୍ୟ ସୁବିଧାରେ ରହିଥିଲା ଆକାଶପାତାଳ ଫରକ। ଇକ୍ୟୁଏସନ କମିଟିର ସୁପାରିସ ଅନୁଯାୟୀ ପ୍ରାୟୋଜକ ଏବଂ ପ୍ରାୟୋଜିତ ବ୍ୟାଙ୍କର କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ଭତ୍ତାରେ ଥିବା ଅସମାନତା ଦୂର ହୋଇଥିଲା। ୨୦୦୫ରେ ଭାରତ ସରକାର ବ୍ୟାସ କମିଟି (୨୦୦୪)ର ସୁପାରିସ ଅନୁଯାୟୀ ସମସ୍ତ ରାଜ୍ୟରେ ପ୍ରାୟୋଜିତ ବ୍ୟାଙ୍କ ଅନୁଯାୟୀ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଦେଲେ। ଏହି ପ୍ରକ୍ରିୟାରେ ୨୦୧୦ ମସିହା ସୁଦ୍ଧା ଗ୍ରାମ୍ୟ ବ୍ୟାଙ୍କର ସଂଖ୍ୟା ମୋଟ ୧୯୬ରୁ କମି କମି ଆସି ବୟାଅଶିରେ ପହଞ୍ଚିଥିଲା।

ଅର୍ଥ ମନ୍ତ୍ରଣାଳୟର ୨୦୧୧ରେ ପୁନଃ ସମ୍ମିଶ୍ରଣ ପାଇଁ ଆରମ୍ଭ ହୋଇଥିବା ଆଲୋଚନା ପରେ ୨୦୧୨ ଅକ୍ଟୋବରରୁ ଆରମ୍ଭ ହୋଇଥିଲା ଭାରତ ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ଯୋଜନା। ଏଥିରେ ଭୌଗୋଳିକ ସ୍ଥିତି ଅନୁଯାୟୀ ଗୋଟିଏ ରାଜ୍ୟରେ କାମ କରୁଥିବା ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକୁ ପ୍ରାୟୋଜିତ ବ୍ୟାଙ୍କ ନିର୍ବିଶେଷରେ ମିଶ୍ରଣ କରି ପ୍ରତ୍ୟେକ ରାଜ୍ୟରେ ଗୋଟିଏ କିମ୍ବା ଦୁଇଟି ମଧ୍ୟମ ଆକାରର ଗ୍ରାମ୍ୟ ବ୍ୟାଙ୍କ ଗଠନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଯୋଜନା ଅନୁସାରେ କାର୍ଯ୍ୟ ସରିବା ପରେ ବର୍ତ୍ତମାନ ସମଗ୍ର ଦେଶର ଛବିଶିଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ବାରଗୋଟି ପ୍ରାୟୋଜିତ ବ୍ୟାଙ୍କ ପରିଚାଳନାରେ କାର୍ଯ୍ୟ କରୁଛନ୍ତି ସର୍ବମୋଟ ତେୟାଳିଶଟି ଗ୍ରାମ୍ୟ ବ୍ୟାଙ୍କ। ଏହି ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ୨୧୮୫୬ଟି ଶାଖା ଦେଶର ୭୦୨ ଜିଲାରେ କାମ କରୁଛନ୍ତି। ଏମାନଙ୍କ ପାଖରେ ପ୍ରାୟ ୩୦୦ କୋଟି ଜମା ଖାତା ଥିବାବେଳେ ପ୍ରାୟ ତିନି କୋଟି ଋଣ ଖାତା ରହିଛି।

ଏହି ପରିପ୍ରେକ୍ଷୀରେ ଅର୍ଥ ମନ୍ତ୍ରଣାଳୟର ଏକ ରାଜ୍ୟ -ଏକ ଗ୍ରାମ୍ୟ ବ୍ୟାଙ୍କ ଭଳି ନିଷ୍ପତ୍ତିରେ ଦେଶର ଗ୍ରାମ୍ୟ ବ୍ୟାଙ୍କମାନଙ୍କରେ ଆଗକୁ ନିଶ୍ଚୟ ସଫଳତାର ନୂତନ ସୂର୍ଯ୍ୟୋଦୟ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

ଶାରଳା ଭବନ, ପୋତାପୋଖରୀ, କଟକ
ମୋ: ୯୩୩୭୨୭୨୬୪୭

## ଏଇ ଭାରତରେ

ତାମିଲନାଡୁର ତିରୁଚିରାପଲ୍ଲୀର ଦୁଇ ଭଉଣୀ ପ୍ରିୟା ଓ ଅକିଲା ଗୁଣସେକର ମାଣ୍ଡିଆ, ବାଜରା ଆଦି ଚାଷ କରି ଲୋକଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି। ସେ ବ୍ୟବସାୟରେ ସଫଳତା ହାସଲ କରିବା ପରେ ଏବେ ୫୦୦ କୃଷକଙ୍କଠାରୁ ମିଲେଟ୍ କିଣୁଛନ୍ତି ଓ ତାଙ୍କ ବ୍ୟବସାୟରେ ୧୮୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ୯୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା। ପ୍ରଥମେ ଦୁଇ ଭଉଣୀ ୧୦ ଜଣ ଲୋକଙ୍କୁ ନେଇ ସେମାନଙ୍କ ବ୍ୟବସାୟ ଆରମ୍ଭ କରିଥିଲେ। ସେମାନେ ଆର୍ଏ ଫୁଡ୍ସ ନାମରେ ସେମାନଙ୍କ ବ୍ୟବସାୟ ଜାରି ରଖିଛନ୍ତି। ଏବେ ସେମାନେ ଭାରତର ସବୁଠୁ ବଡ଼ ମିଲେଟ୍ ରପ୍ତାନିକାରୀ ହୋଇପାରିଛନ୍ତି। କେବଳ ଏତିକି ନୁହେଁ, ମିଲେଟ୍‌ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ମଧ୍ୟ ରପ୍ତାନି କରାଯାଉଛି। ଏବେ ସୁଦ୍ଧା ସେମାନେ ଆମେରିକା, ଇଂଲଣ୍ଡ, ଦୁବାଇ, ସିଙ୍ଗାପୁର ସମେତ ୩୦ଟି ଦେଶକୁ ଏହା ରପ୍ତାନି କରୁଛନ୍ତି। ସେମାନେ ୧୧ଟି ମିଲେଟ୍ ଫ୍ୟାକ୍ଟ୍ରି କରିବା ସହ ୨୦୨୩ରେ ୨,୭୦୦ ଟନ୍ ମିଲେଟ ରପ୍ତାନି କରିପାରିଛନ୍ତି ଓ ସେମାନଙ୍କ ବାର୍ଷିକ କାରବାର ୧୩୬ କୋଟି ଟଙ୍କାରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୭୫

- ଏକ ଦ୍ରୁତଗାମୀ ଟ୍ରକ୍ ଉତ୍ତର କଲିକତାର ଏକ ବିଦ୍ୟାଳୟ ଗୃହକୁ ଧକ୍କା ଲଗାଇବା ଫଳରେ ବାରଣ୍ଡାରେ ଶୋଇଥିବା ୧୧ ଜଣଙ୍କ ମୃତ୍ୟୁ।
- ମଧ୍ୟପ୍ରାଚ୍ୟ ସଂକ୍ରାନ୍ତୀୟ ସବୁ ଶାନ୍ତି ଆଲୋଚନାରେ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନ ପାଇଁ ଏକ ଆସନ ରଖିବା ଓ ପାଲେଷ୍ଟାଇନ ଜନସାଧାରଣଙ୍କ କାର୍ଯ୍ୟ ଦାବିକୁ ସାବ୍ୟସ୍ତ କରିବା ସଂକ୍ରାନ୍ତରେ ୨ଟି ପ୍ରସ୍ତାବ ସାଧାରଣ ଆସେମ୍ବ୍ଲିରେ ଗୃହୀତ।
- ଏକ ସ୍ୱତନ୍ତ୍ର ଉତ୍ସବରେ ପର୍ତ୍ତୁଗୀଜ ହାଇକମିଶନର ଆଡମିରାଲ ଲିଓନେଲ ଆଙ୍ଗୋଲାର ସ୍ୱାଧୀନତା ଘୋଷଣା କରିଛନ୍ତି।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 3 | | | 6 |
| | 2 | | | | | | 8 | |
| 5 | | | | 1 | | | | |
| 7 | | 2 | | | | | | |
| | | | 6 | | | 8 | | |
| 4 | | | 3 | | 1 | | | |
| | 7 | | 4 | 6 | | | | 1 |
| | | 1 | 5 | 9 | | 3 | | |
| | | | | | 7 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 2 | 9 | 1 | 5 | 8 | 6 | 7 |
| 6 | 8 | 7 | 4 | 3 | 2 | 1 | 9 | 5 |
| 5 | 1 | 9 | 6 | 8 | 7 | 4 | 2 | 3 |
| 2 | 5 | 1 | 7 | 4 | 3 | 6 | 8 | 9 |
| 8 | 9 | 3 | 1 | 2 | 6 | 7 | 5 | 4 |
| 4 | 7 | 6 | 5 | 9 | 8 | 3 | 1 | 2 |
| 7 | 2 | 5 | 8 | 6 | 4 | 9 | 3 | 1 |
| 1 | 6 | 4 | 3 | 5 | 9 | 2 | 7 | 8 |
| 9 | 3 | 8 | 2 | 7 | 1 | 5 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖେଳାଳି ନିଲାମ

ମହାଶୟ,

ହକି ଇଣ୍ଡିଆ ଲିଗ୍ ପାଇଁ ୧୩,୧୪,୧୫ ତାରିଖରେ ଦିଲ୍ଲୀର ଏକ ତାରକା ହୋଟେଲରେ ପୁରୁଷ ଓ ମହିଳା ହକି ଖେଳାଳିଙ୍କ ନିଲାମ ପ୍ରକ୍ରିୟା ହେବା ଖବର ପ୍ରକାଶ ପାଇଛି। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ତାରକା ଖେଳାଳି ଏଥିରେ ଭାଗନେବେ ବୋଲି ଜଣାପଡ଼ିଛି। ଅବଶ୍ୟ ଆଇପିଏଲ୍ ପରି ଏକ ବ୍ୟବସାୟିକ କ୍ରିକେଟ ସଂସ୍ଥାରେ ଖେଳାଳିମାନେ ନିଲାମ ହେବାରେ କ୍ରିକେଟପ୍ରେମୀ ଉଲ୍ଲସିତ ହେବା ଜଣାଯାଏ। ଏବେ ନାମୀଦାମୀ କୋଟିପତି ଖେଳାଳି ନିଲାମୀରେ ବିକ୍ରି ହେବା ନିମନ୍ତେ ଆଗଭର ହେବା କ୍ଷୋଭର ବିଷୟ। ଖେଳାଳିଙ୍କୁ କିଣି ଖେଳ ମଇଦାନରେ ପ୍ରତିଦ୍ୱନ୍ଦ୍ୱୀ ଦଳ ସାଙ୍ଗରେ ଲଢ଼େଇ କରି ଦର୍ଶକଙ୍କୁ ଆମୋଦିତ କରାଯାଉଛି ଓ ଦଳ କିଣିଥିବା କ୍ରୀଡ଼ା ସଂସ୍ଥା ମାଲିକମାନେ ବିପୁଳ ଅର୍ଥ ଉପାର୍ଜନ କରୁଛନ୍ତି। ଯାହା ଫଳରେ କ୍ରୀଡ଼ା ବ୍ୟାପାରରେ ପରିଣତ ହୋଇ ମହତ୍ୱ ହରାଇବାରେ ଲାଗିଛି।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ନାହିଁ ଜନପ୍ରାଣୀ,
ଅଶୋକ-ପଲ୍ଲବେ ଜାଗେ
ମଧୁ ମୃଦୁ ବାଣୀ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡି ପୁଣି ସରକାର ଗଢ଼ିବ: ଅତନୁ

## ମହାକାଳପଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସଭା



ଜନସମ୍ପର୍କ ପଦଯାତ୍ରା ସଭାରେ ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ।

ମହାକାଳପଡ଼ା,୧୧।୧୧( ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଓଡ଼ିଶାରେ ବିଜୁ ଜନତା ଦଳ (ବିଜେଡି) ପୁଣି ସରକାର ଗଢ଼ିବ ବୋଲି ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ରବିବାର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରା ଅବସରରେ ସେ ଏହା କହିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ତହସିଲ ସାମ୍ନାରେ ଅନୁଷ୍ଠିତ ସଭାରେ ଅତନୁ ଆହୁରି କହିଛନ୍ତି, ମହାକାଳପଡ଼ାର ବିକାଶ ରଥକୁ କେହି ଅଟକାଇ ପାରିବେ ନାହିଁ। ଉପସ୍ଥିତ ଦଳୀୟ କର୍ମୀଙ୍କୁ ଲକ୍ଷ୍ୟ କରି ସେ କହିଛନ୍ତି, 'ଆପଣମାନେ ଭରସା ରଖନ୍ତୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଓଡ଼ିଶାବାସୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।' ତାଙ୍କ କହିବା ଶୈଳୀ ଅତ୍ୟନ୍ତ କାଜୁଆଲ ଥିଲା ଭଳି ଲାଗୁଥିଲା। ସେ କହିଥିଲେ- 'ଆମର ୫୧ ବିଧାୟକ, କଂଗ୍ରେସର ୧୪, ସ୍ୱାଧୀନ ବିଧାୟକ ୩ ନା ଆଉ କେତେ ୭, ୮ , ୯ ନା ୧୦ଟା '। ଏହା ପରେ କର୍ମୀମାନେ ୧୦ ସଦସ୍ୟ ହେଲେ ବଳିବ ବୋଲି କହି ସମସ୍ତେ ତାଳି ମାରି ତାଙ୍କ କଥାକୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଅତନୁଙ୍କ କହିବା ଶୈଳୀରେ ଥିଲା- ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ଅଞ୍ଚଳର ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି, ତେରଗାଁ ଲୁଣାସେତୁ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଚଣ୍ଡିଆପଲ୍ଲୀ ଗୋବରୀ ସେତୁ ନିର୍ମାଣାଧୀନ, ରାମଚଣ୍ଡୀ ସେତୁ, ମିଳନ ମୋଡ ସେତୁ, ତନ୍ତିଆପାଳ ସେତୁ, କଳପଡ଼ା ସେତୁ, ଦଶମୌଜି ସେତୁ, ନିପାଣିଆ ସେତୁ, ସାନଚୁବି ସେତୁ, ବଡ଼ିଡ଼ି ସେତୁ, ଗରଜଙ୍ଗା ସେତୁ, କଳାପୋଲ ଭଳି ଅନେକ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ନେଇ ଅତନୁ ନିଜ ସଫଳତା ବର୍ଣ୍ଣନା କରିଥିଲେ।

ବିଜେଡି ସରକାର ଆସିଲା ନାହିଁ କାହିଁକି ଓ ଆପଣ ହାରିଲେ କାହିଁକି ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅତନୁ ନିଜ ପାଇଁ ହାରିଥିବା କଥା ସ୍ୱୀକାର କରିଥିଲେ। ଏଥିସହିତ ମନେପକାଇଥିଲେ ୨୦୦୪ ମସିହାରେ ସେ ଜଣେ ନବାଗତ ହୋଇ ଜଣେ ବଡ଼ ନେତାଙ୍କୁ କିଭଳି ହରାଇଥିଲେ। ସେ କହିଥିଲେ ପାଟକୁରାରେ ତାଙ୍କ ଜିତିବା ସେତେବେଳେ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା। ତେଣୁ ଆଗାମୀ ଦିନରେ ଦଳୀୟ ସଙ୍ଗଠନ ପରିବର୍ଦ୍ଧିତ ହେବ ଓ ଆପଣମାନେ ଧୈର୍ଯ୍ୟ ଓ ସାହସ ରଖନ୍ତୁ ବୋଲିକହିଥିଲେ।ତାଙ୍କୁନବୀନପଟ୍ଟନାୟକ ଓ ପାଟକୁରା, ମହାକାଳପଡ଼ାବାସୀ ପରିଚୟ ଦେଇଛନ୍ତି ବୋଲି ଅତନୁ କହିଥିଲେ। ନୂଆ ସରକାର ସମୟରେ ଆମ୍ବଟାକୁଆ ଜାଉ ଖାଇ ଲୋକେ ମଲେଣି। ସେ ମନ୍ତ୍ରୀ ଥିବା ସମୟରେ ନବୀନ ପଟ୍ଟନାୟକ ଜାତିସଂଘ ଦ୍ୱାରା ପୁରସ୍କୃତ ହୋଇଥିଲେ ବୋଲି ଅତନୁ ନିଜ ବାହାବା ବଖାଣିଥିବା ଦେଖିବାକୁ ମିଳିଥିଲା।

# ଭାଜପା ଯୋଗାଯୋଗରେ ଅଛନ୍ତି ୨୭ ବିଜେଡି ବିଧାୟକ: ସରୋଜ

ଭୁବନେଶ୍ୱର,୧୧।୧୧(ଅନିଲଦାସ)



ସରୋଜ ପାଢ଼ୀ

ବିଜେଡି ନେତା ଅତନୁ ସବ୍ୟସାଚୀଙ୍କ ମନ୍ତବ୍ୟକୁ ନେଇ ଆସିକାର ଭାଜପା ବିଧାୟକ ସରୋଜ ପାଢ଼ୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅତନୁଙ୍କୁ ସଂଖ୍ୟା ଗଣିତ ଠିକ୍ ଭାବେ ଜଣାନାହିଁ। ୭-୮ ଜଣ ଗଲେ କ'ଣ ହୋଇଯିବ। ବିଜେଡିର ୨୭ ଜଣ ବିଧାୟକ ଭାଜପା ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ନେତା ମହମ୍ମଦ ମୋକିମ କହିଛନ୍ତି, ବିଜେଡି ଛିଡି ଛିଡି ଆସୁଛି । ଏ ନେଇ ବିଜେଡି ସହ କିଛି ଆଲୋଚନା ହୋଇନାହିଁ କିମ୍ବା ହାଇକମାଣ୍ଡଙ୍କ ପାଖରୁ ସେମିତି କିଛି ନିର୍ଦ୍ଦେଶ ଆସି ନାହିଁ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ରାଜ୍ୟ ସଭା ଏମପି ଦେବାଶିଷ ସାମନ୍ତରାୟ କଂଗ୍ରେସ ସହ ମେଣ୍ଟ କରି କ୍ଷମତାକୁ ଫେରିବା ନେଇ ମନ୍ତବ୍ୟ ଦେଇଥିବା ବେଳେ ପ୍ରମିଳା ମଲ୍ଲିକ ଆଜି ନିର୍ବାଚନ ହେଲେ ବିଜେଡି ୧୪୦ ସିଟ୍ ଦଖଲ କରିବ ବୋଲି କହିଥିଲେ। ସେହିପରି କିଛିଦିନ ପୂର୍ବରୁ ବିଜେଡି ରାଜ୍ୟ ସଭା ଏମପି ମୁନା ଖାଁ ୧୪ ଭାଜପା ବିଧାୟକ ବିଜେଡି ଆସିବା ନେଇ ମତ ଦେଇଥିଲେ। ସେ କହିଥିଲେ, ଭାଜପାର ପ୍ରାର୍ଥୀ ନ ଥିଲେ, ସେହି ଦଳର ଅଧିକାଂଶ ଲୋକ ଆମର। ବିଜେଡି ଯେପରି ରଣନୀତି କରୁଛି ତାହା ସଫଳ ହେଲେ ୫ ବର୍ଷ ପୂର୍ବରୁ ଦଳ ପୁଣି ଥରେ ସରକାରକୁ ଫେରିବ।

# ବିଧାୟକ ଟଙ୍କଧରଙ୍କୁ ଶେଷ ସୁଯୋଗଦେଲେ ହାଇକୋର୍ଟ

କଟକ,୧୧।୧୧ (କାର୍ତ୍ତିକ ସାହୁ)

ହାଇକୋର୍ଟରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ସୋମବାର ହୋଇଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ହାଇକୋର୍ଟ ଜବାବ ଦାଖଲ ପାଇଁ ନୋଟିସ କରିଥିଲେ। ସେ ନୋଟିସ ପାଇବାର ୯୦ ଦିନ ମଧ୍ୟରେ ଜବାବ ଦାଖଲ କଲେ ନାହିଁ। ଏନେଇ କୋର୍ଟ ଅସନ୍ତୋଷ ଜାହିର କରିବା ସହ ଏକ ସପ୍ତାହ ମଧ୍ୟରେ ଜବାବ ଦଖଲ କରିବା ନିମନ୍ତେ ଶେଷ ସୁଯୋଗ ଦେଇଛନ୍ତି। ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନବେଳେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ ନେଇ ଟଙ୍କଧରଙ୍କ ନାଁରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ। ଟଙ୍କଧର ପ୍ରାର୍ଥୀପତ୍ର ଦାଖଲବେଳେ ସତ୍ୟପାଠରେ ତାଙ୍କ ବିରୋଧରେ ଥିବା ଆପରାଧିକ ମାମଲା ଲୁଚାଇଥିବା ନେଇ ଦୀପାଳି ଅଭିଯୋଗ କରିଥିଲେ। ଏନେଇ ଅଗଷ୍ଟ ୪ ତାରିଖରେ ହାଇକୋର୍ଟ ଟଙ୍କଧରଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଥିଲେ।

# ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପାଇଁ ଦରଖାସ୍ତ



ଉପଜିଲାପାଳଙ୍କୁ ଆବେଦନପତ୍ର ପ୍ରଦାନ କରାଯାଉଛି।

କାମାକ୍ଷାନଗର,୧୧।୧୧ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ୧୬ ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ଦସ୍ତଖତ ଥିବା ଦରଖାସ୍ତ ସୋମବାର କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ଏଥିପୂର୍ବରୁ କେରଜୁଳି ସରପଞ୍ଚ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଦଣ୍ଡାଧାର ଡ୍ୟାମ୍ ନିକଟରେ ଏକ ବୈଠକ ବସିଥିଲା। ଏହି ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ବ୍ଲକ ଅଧ୍ୟକ୍ଷାଙ୍କ ମନମୁଖି କାର୍ଯ୍ୟ ଓ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା କାରଣରୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଆଲୋଚନା କରିଥିଲେ। ପରେ ୧୬ ଜଣ ପଞ୍ଚାୟତ ପ୍ରତିନିଧିଙ୍କ ଦସ୍ତଖତ ନିଆଯାଇଥିଲା। ଏହି ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ରକୁ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗପତ୍ରରେ କେରଜୁଳି ସରପଞ୍ଚ ରାଜକିଶୋର ସାହୁ, କରଗୋଳା ସରପଞ୍ଚ ତାପସ ପାଣି, ରାଇବୋଲ ସରପଞ୍ଚ ଶାନ୍ତନୁ ସାହୁ, ମହାବିରୋଡ ସରପଞ୍ଚ ସୁତାଲୀନ ସାହୁ, କଙ୍କଡାହାଡ଼ ସରପଞ୍ଚ ଅନସୂୟା ସାହୁ, କଣ୍ଟାପାଳ ସରପଞ୍ଚ ତିଳୋତ୍ତମା ସିଂହ, କାନ୍ଥୁଲ ସରପଞ୍ଚ କାମିନୀ ଦେହୁରୀ, ବିରିବୋଲେଇ ସରପଞ୍ଚ ସୁମିତ୍ରା ପ୍ରଧାନ, କୁରୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ, ବାଲିକୁମା ନାଏବ ସରପଞ୍ଚ ରଘୁନାଥ ହେମ୍ବ୍ରମ, ମରୁଆବିଲ ସମିତି ସଭ୍ୟ ପ୍ରତାପ ମାରାଣ୍ଡି, ଦଶୀପୁର ସମିତିସଭ୍ୟ ପ୍ରସନ ସାହୁ, କୁରୁରିଆ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, କଣ୍ଟାପାଳ ସମିତି ସଭ୍ୟା ଜୟନ୍ତୀ ସିଂହ, କେରଜୁଳି ସମିତି ସଭ୍ୟା ସୁମିତ୍ରା ନାୟକ, ରାଇବୋଲ ସମିତି ସଭ୍ୟ ରୁଦ୍ର ନାୟକଙ୍କ ଦସ୍ତଖତ ରହିଛି। ଏ ସଂକ୍ରାନ୍ତରେ ଉପଜିଲାପାଳ ନାୟକ କହିଛନ୍ତି, ଦାବିପତ୍ର ପ୍ରଦାନ ବେଳେ ୭ ଜଣ ଜନପ୍ରତିନିଧି ଉପସ୍ଥିତ ଥିଲେ। ଆବେଦନପତ୍ର ଉପରେ ଯାଞ୍ଚ କରାଯାଉଛି।

# ସଦର ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଭ୍ୟାସଭ୍ୟମାନେ।

କେନ୍ଦୁଝର,୧୧।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାୟକଙ୍କ ବିରୋଧରେ ୧୬ ଜଣ ପଞ୍ଚାୟତ ସମିତି ସଭ୍ୟ ଓ ୧୧ ଜଣ ସରପଞ୍ଚ ଅନସ୍ଥା ପ୍ରସ୍ତାବ ଆଣିଛନ୍ତି। ଏ ନେଇ ସମିତି ସଭ୍ୟା ସସ୍ମିତା ରାଣୀ ସିଂହଙ୍କ ନେତୃତ୍ୱରେ ସଭ୍ୟାସଭ୍ୟ ବସନ୍ତ କୁମାର ସାହୁ, ପଦ୍ମିନୀ ରାୟ, ସଞ୍ଜୟ କୁମାର ନାୟକ, ଘନଶ୍ୟାମ ନାୟକ, ଗୋଲକ ଦେହୁରୀ, କବିତା ନାୟକ, ଦୌପ୍ରଦୀ ମହାନ୍ତ, ସଙ୍ଗୀତା ନାୟକ, ଶାନ୍ତିଲତା ମହାନ୍ତ, ଉପମା ମଞ୍ଜରୀ ମହାନ୍ତ, ବନିତା ବେହେରା, ସଞ୍ଜୟ କୁମାର ନାୟକ ପ୍ରମୁଖ କେନ୍ଦୁଝର ଉପ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସମିତି ସଭ୍ୟ, ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଅଢ଼େଇ ବର୍ଷ ଅତିକ୍ରାନ୍ତ କରିଥିବା ସତ୍ତ୍ୱେ ବିଭିନ୍ନ ପଞ୍ଚାୟତରେ କିପରି ଉନ୍ନତିମୂଳକ କାର୍ଯ୍ୟ ହେବ, ସେ ବିଷୟରେ ଜାଣିବାପାଇଁ ଚାହିଁଲେ ଜାଣି ପାରୁନାହାନ୍ତି। ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟ ପାଇଁ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକ୍ ସମୟରେ ପଞ୍ଚାୟତ ସମିତିର ବୈଠକ ମଧ୍ୟ ଆୟୋଜନ ହେଉନାହିଁ। ପଞ୍ଚାୟତ ସମିତିକୁ ଆସୁଥିବା ଉନ୍ନୟନ ପାଣ୍ଠିର ସୁବିନିଯୋଗ ହୋଇ ପାରୁନାହିଁ କିମ୍ବା ବିକାଶ ହେଉନି। ଆସୁଥିବା ଅନୁଦାନ ନେଇ ସଭ୍ୟାସଭ୍ୟଙ୍କ ସହ ଆଲୋଚନା ନ କରି ଠିକାଦାରଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ମନଇଛା କାମ ବଣ୍ଟା ଯାଉଛି। ସେ ବିଷୟରେ ଅଧ୍ୟକ୍ଷାଙ୍କୁ ପଚାରିଲେ, ଓଲଟା ଧମକ ଦେଉଛନ୍ତି, ତୁମେ କିଏ ଜାଣିବାପାଇଁ ବୋଲି କୁହାଯାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏଣୁ ଏହାର ସୁବିଚାର କରି ଉଚିତ ପଦକ୍ଷେପ ନେବେ ବୋଲି ସେମାନେ କହିଛନ୍ତି। ଏ ନେଇ ଉପଜିଲାପାଳ ଉମାଶଙ୍କର ଦଳେଇ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିବା ସସ୍ମିତା ରାଣୀ ସିଂହ ସମେତ ଅନ୍ୟମାନେ କହିଛନ୍ତି।


HDFC BANK
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 21.11.2024 | 74890969 | LINGARAJ MISHRA | 551000 | Hdfc Bank Ltd, 7 And 8 Cuttack Puri Road Jharpara Near Flyover Bhubaneswar Odisha 751006 |
| 21.11.2024 | 75249610 | LOVELY MALLICK | 84800 | |
| 21.11.2024 | 75405691 | ANJULA SHARMA | 47200 | |
| 21.11.2024 | 74460048 | GOUTAM BARAL | 77000 | Hdfc Bank Ltd, Ground Floor Bajrakabati Road Cuttack 753001 |
| 21.11.2024 | 73905827 | SWAPNA MISHRA | 14500 | |
| 21.11.2024 | 73385963 | BIJAYA KUMAR MOHAPATRA | 206000 | HDFC Bank Ltd,C/O, Priti Auto Combine Golebazar Sambalpur 768001 |
| 21.11.2024 | 73448744 | SOURAV KUMAR TRIPATHY | 48400 | |
| 21.11.2024 | 75348029 | KEDAR SHARMA | 197100 | Hdfc Bank Ltd,1st Floor Dwivedi Bhawan Square Bisra Road Rourkela 769001 |
| 21.11.2024 | 74472928 | SUDHIR RANJAN MAHANTA | 26500 | |
| 21.11.2024 | 75188954 | SUNIL KUMAR PRADHAN | 134000 | Hdfc Bnak LTd, Ground Floor FM Circle Railway Colony Balasore Odisha 756001 |
| 21.11.2024 | 74557268 | RAMAKANTA JENA | 57100 | |
| 21.11.2024 | 73613703 | ASHOK KUMAR SAHOO | 30000 | |
| 21.11.2024 | 73206077 | RAJESH KUMAR PANDA | 19000 | |
| 21.11.2024 | 75257338 | ALIZA DEHURY | 1305100 | Hdfc Bank Ltd, Gajanan Towers Upper Ground Floor, Plot No-60 Bhubaneswar Odisha751006 |
| 21.11.2024 | 74476228 | KADISANTOSH KUMAR PATRA | 24000 | |
| 21.11.2024 | 75436201 | K RAMESH CHOUDHARY | 187800 | Hdfc Bnak Ltd, Ganeswarpur, Remuna Golai Balasore Odisha756019 |
| 21.11.2024 | 75252863 | SHIBA PRASAD BARIK | 335363 | Hdfc Bank Ltd, Ground Floor Plot No- 447 Bhagwan Trade Center Paradeep Odisha 754142 |
| 21.11.2024 | 75254865 | PRADIPTA KUMAR SWAIN | 328800 | |
| 21.11.2024 | 75499892 | SUBHADRA MOHANTY | 212200 | |
| 21.11.2024 | 75277267 | ANADI CHARAN DALAI | 169300 | |
| 21.11.2024 | 74495739 | SASMITA MISHRA | 44500 | |
| 21.11.2024 | 74468942 | BISWORANJAN DAS | 40500 | |
| 21.11.2024 | 74577443 | SUSHANKAR SARKAR | 24900 | |
| 21.11.2024 | 74497765 | ASHRUMOCHAN BARIK | 12400 | |
| 21.11.2024 | 74436477 | BIPIN MAHALIK | 14400 | Hdfc Bank Ltd, At-Pandua, Po-Kotagara Pandua Odisha26 |
| 21.11.2024 | 74439715 | DHARMESH SHRESTH | 255700 | Hdfc Bank Ltd, Barbil Joda Highway Barbil Odisha 758035 |
| 21.11.2024 | 75437003 | RISHAB OJHA | 233900 | |
| 21.11.2024 | 74466160 | MOHAN NAIK | 13400 | |
| 21.11.2024 | 74752638 | PRASANT KUMAR NAYK | 26920 | Hdfc Bank Ltd, Beside Tahasil Office P O Chandini Chowk Odisha 753002 |
| 21.11.2024 | 75316121 | ASISH KUMAR SINHA | 10000 | |
| 21.11.2024 | 73378697 | DEBASHIS PANDA | 266000 | Hdfc Bank Ltd, Business Park First Floor C111-Saheednagar Odisha 751007 |
| 21.11.2024 | 74893868 | MANOJ KUMAR PATRA | 229000 | |
| 21.11.2024 | 73380096 | DEBASHIS PANDA | 218500 | |
| 21.11.2024 | 75263756 | MANAS RANJAN MOHAPATRA | 55000 | Hdfc Bank Ltd, Chandvali Chowk Athgarh Odisha 754029 |
| 21.11.2024 | 74497648 | BINODINI PIREI | 36500 | |
| 21.11.2024 | 73198098 | RANJAN KUMAR MOHANTY | 50000 | Hdfc Bank Ltd, Durga Complex Jharsuguda Odisha 768201 |
| 21.11.2024 | 74464271 | ANIL KUMAR MALLICK | 14200 | Hdfc Bank Ltd, Ganesh Talkies Square, Dist Puri Nimapara Odisha752106 |
| 21.11.2024 | 75275576 | PANKAJINI JENA | 572500 | Hdfc Bank Ltd, Ghasipura, Dist-Keonjhar Anandpur, Odisha 758015 |
| 21.11.2024 | 75358673 | SARIYAPALLI NEELAVENI | 310000 | HDFC Bank Ltd, Ground & First Floor Plot No-2367/2453 At/Po Parlakhemundi 761200 |
| 21.11.2024 | 74553333 | JOSHABANTA MAHANTA | 24990 | Hdfc Bank Ltd, Ground Floor Rajendra Vihar Apartment, Block- D Khordha, Odisha 751020 |
| 21.11.2024 | 74497679 | AKRAM KHAN | 35700 | Hdfc Bank Ltd, Kalinga Nagar Po Duburi Dist-Jajpur Odisha 755019 |
| 21.11.2024 | 75321606 | SIMANCHAL MOAHNTY | 818100 | Hdfc Bank Ltd, Kalinga Road Holding No 123/106, Ward No 11, Asika Odisha761110 |
| 21.11.2024 | 75433823 | GAYATRI PRUSTY | 295000 | |
| 21.11.2024 | 75220102 | N RAJU PATRA | 222000 | |
| 21.11.2024 | 74874820 | AMIT KUMAR BEHERA | 186000 | |
| 21.11.2024 | 74542845 | NROSINGH NAYAK | 132000 | Hdfc Bank Ltd, Kunjuri, Near Indian Oil Petrol Pump, Chandeswar Odisha752023 |
| 21.11.2024 | 75373065 | SUMANT DAS | 24000 | |
| 21.11.2024 | 73302696 | DEBASHISH PARIDA | 83000 | Hdfc Bank Ltd, Mahipal Kendrapara Odisha 754211 |
| 21.11.2024 | 75299493 | SNEHA MANJARI BEHERA | 876000 | Hdfc Bank Ltd, Main Road Gosaninuagaon Berhampur Odisha 760003 |
| 21.11.2024 | 75524382 | RANJAN KUMAR GOUDA | 204400 | |
| 21.11.2024 | 74795763 | SURYA NARAYAN PADHY | 38600 | |
| 21.11.2024 | 75447545 | SWETANGI PANIGRAHI | 316000 | |
| 21.11.2024 | 75178177 | VIJAY RAJAK | 308500 | |
| 21.11.2024 | 75404195 | KRUSHNA MAHANTY | 252000 | |
| 21.11.2024 | 75304647 | MAHESWAR MUDULI | 180581 | |
| 21.11.2024 | 75333422 | CHINMAYEE PANDA | 173000 | |
| 21.11.2024 | 75453238 | CHINMAYEE PANDA | 100000 | |
| 21.11.2024 | 74856372 | PURNA CHANDRA DAS | 62500 | |
| 21.11.2024 | 74383527 | DEBARAJ ROUT | 67300 | Hdfc Bank Ltd, Manikeswari Chowk Kalahandi Bhawanipatna Odisha766001 |
| 21.11.2024 | 74698124 | P SANTOSH | 66500 | Hdfc Bank Ltd, Near R.T.O Office, N.H-26, Koraput Odisha764020 |
| 21.11.2024 | 75251358 | DEVASIS PANI | 63550 | |
| 21.11.2024 | 75242433 | SANTOSH NAYAK | 54000 | Hdfc Bank Ltd, Opposite Sessions Court, Nayagarh Odisha 752069 |
| 21.11.2024 | 75439867 | PRATAP CHANDRA GHADEI | 49000 | |
| 21.11.2024 | 75198780 | MERAJ KHAN | 77900 | Hdfc Bank Ltd, P.S And P.O Salepur Main Road Salepur Odisha 758037 |
| 21.11.2024 | 74444845 | MADHUSMITA PARIDA | 64100 | Hdfc Bank Ltd, Plot No - E/11, Koel Nagar Rourkela, Odisha 769014 |
| 21.11.2024 | 74483956 | SUDHIR KUMAR PATRA | 38400 | |
| 21.11.2024 | 73471866 | ITISHREE SARANGI | 88700 | Hdfc Bank Ltd, Plot No 516/1676 Sampark Vihar Patia SquareOdisha751024 |
| 21.11.2024 | 74039537 | ITISHREE SARANGI | 41200 | |
| 21.11.2024 | 74444456 | D GANESH RAO | 21000 | |
| 21.11.2024 | 74250774 | BHABANI PRASAD SUKLA | 98300 | Hdfc Bank Ltd, Plot No 6 Santoshi Bhawan Mahanadi Vihar Odisha 753004 |
| 21.11.2024 | 74476187 | DINABANDHU SAHOO | 19500 | Hdfc Bank Ltd, Plot No N5/537 Irc Village, Nayapalli Odisha 751015 |

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 21.11.2024 | 73931265 | MANASI PANDA | 108400 | Hdfc Bank Ltd, S. N. Plaza N.H 5 Neulpur Chandikhol Odisha 755024 |
| 21.11.2024 | 75332570 | SATYA PRAKASH MOHAPATRA | 28300 | |
| 21.11.2024 | 75441015 | RAMA CHANDRA SAHU | 246000 | Hdfc Bank Ltd. Ground Floor At-Braja Nagar, First Lane Luchapada Road Odisha760001 |
| 21.11.2024 | 75488608 | AMIT PARIDA | 243000 | |
| 21.11.2024 | 75432511 | PRATIBHA PRADHAN | 120000 | |
| 21.11.2024 | 75414945 | RAMAKANTA KHUNTIA | 180200 | Hdfc Bank Ltd. Ground Floor, Opp. Block Office Dist. Kalahandi Odisha766015 |
| 21.11.2024 | 75387713 | KUSUMANJALI SABAR | 125400 | |
| 21.11.2024 | 75372179 | KUSUMANJALI SABAR | 46600 | |
| 21.11.2024 | 74439182 | NARENDRA MALICK | 50700 | Hdfc Bank Ltd. Ground Floor, Pokhariapada At/Po-Pattamundai Kendrapada, Odisha754215 |
| 21.11.2024 | 74465268 | DEBENDRA BISWAL | 14600 | Hdfc Bank Ltd. Ground Floor, Pokhariapada At/Po-Pattamundai Kendrapada, Odisha754215 |
| 21.11.2024 | 74498600 | JAGABANDHU SAHU | 182000 | Hdfc Bank Ltd. Main Road, Balugaon. Balugaon Odisha 752030 |
| 21.11.2024 | 75332032 | BIKASH PRADHAN | 101000 | Hdfc Bank Ltd. Main Road, Balugaon. Balugaon Odisha 752030 |
| 21.11.2024 | 75368525 | MANOJ SAHU | 79000 | |
| 21.11.2024 | 75373508 | BIKASH PRADHAN | 46000 | |
| 21.11.2024 | 75406816 | KULDEEP PATRA | 53000 | Hdfc Bank Ltd, Opposite Hotel Lao Palace. Mahavir Chowk Joda 758034 |
| 21.11.2024 | 75415470 | SUMIT KUMAR MOHANTY | 38000 | |
| 21.11.2024 | 74781158 | BHUPENDRA NIAL | 34000 | |
| 21.11.2024 | 75454075 | ARABINDA BAL | 265000 | Hdfc Bank Ltd,Purna Gouri Market Complex At Matha Sahi Bhadrak Odisha756100 |
| 21.11.2024 | 75264405 | NRUSINGHA CHARAN MISHRA | 182500 | |
| 21.11.2024 | 73922583 | PRAKASH CHANDRA MALLICK | 171000 | |
| 21.11.2024 | 75256627 | SAKAMBARI HALBA | 909600 | Hdfc Bank Ltd, Ground Floor Near Saraswati Sihu Mandirr Odisha 764059 |
| 21.11.2024 | 75255958 | SAKAMBARI HALBA | 339400 | |
| 22.11.2024 | 75331839 | AMIT KUMAR PRADHAN | 418000 | Hdfc Bank Ltd, Ground Floor Ranipada Square Ganjam Odisha 761105 |
| 22.11.2024 | 75428761 | AMIT KUMAR PRADHAN | 278000 | |
| 22.11.2024 | 75433776 | JYOTI KISHOR BEHERA | 189000 | Hdfc Bank Ltd, Plot No 1435/2249, Opp. Pwd Office Karanjia Odisha 757037 |
| 22.11.2024 | 75287665 | DILIP KUMAR DAS | 54500 | Hdfc Bank Ltd, Jabara Gram Panchayat, At P.O Jabara Via Jenapur Jajpur Odisha 755023 |
| 22.11.2024 | 75394639 | DILIP KUMAR DAS | 40900 | |
| 22.11.2024 | 75182146 | NALLA RAMESHKUMAR CHOUDHURY | 136600 | Hdfc Bank Ltd, Jeypore Main Road Near Nh Inspection Bungalow Koraput Jeypore Odisha 764001 |
| 22.11.2024 | 74796391 | GOBINDA CHANDRA PUJARI | 92000 | |
| 22.11.2024 | 74764739 | SWARNALATA SAHU | 82000 | |
| 22.11.2024 | 74471522 | DEBARAJ MOHANTY | 49000 | |
| 22.11.2024 | 74890615 | GAYATRI BEHERA | 48000 | |
| 22.11.2024 | 75322689 | SUJATA SAHU | 41000 | |
| 22.11.2024 | 75314777 | SANJAYA KUMAR SAHU | 499200 | Hdfc Bank Ltd, Main Road Balisira Guntha Pada Bhanjanagar Odisha 761115 |
| 22.11.2024 | 75376552 | SIBA RAM PRADHAN | 223700 | |
| 22.11.2024 | 75500392 | GIRIDHAR TURUK | 610000 | Hdfc Bank Ltd, Nalco Biju Pattnaik Chowk Koraput Damanjodi Odisha 763008 |
| 22.11.2024 | 75067937 | RAJ KISHOR KHARA | 262600 | |
| 22.11.2024 | 75346397 | SANJAY KHORA | 111500 | |
| 22.11.2024 | 74291031 | RAGHUNATH GEMEL | 106800 | |
| 22.11.2024 | 74431251 | PADU BARIKA | 69700 | |
| 22.11.2024 | 75440332 | RANJIT KUMAR SAHOO | 496500 | Hdfc Bank Ltd, Hatatota Main Rd Talcher Odisha 759100 |
| 22.11.2024 | 75424977 | SOUBHAGYA GOUDA | 472000 | Hdfc Bank Ltd, Pakalavari Street City Post Office Road Brahmapore Odisha 742101 |
| 22.11.2024 | 75406064 | MAHESHWAR MUDULI | 389800 | |
| 22.11.2024 | 75493248 | SOUBHAGYA GOUDA | 210000 | |
| 22.11.2024 | 75156711 | PRANAB BARIK | 76200 | |
| 22.11.2024 | 74452025 | KUMADA BEHERA | 45400 | Hdfc Bank Ltd, Parijat Palace Complex, N.A.C. Chhak Boudhgarh, Odisha762014 |
| 22.11.2024 | 74453126 | RAJESWARI DAS | 39000 | Hdfc Bank Ltd, PatrapadaKhurda, Bhubaneswar Odisha 751019 |
| 22.11.2024 | 74813628 | JAYAKRUSHNA KABI | 59500 | Hdfc Bank Ltd, Plot No 1078/1110, Upper Ground Floor Bhubaneswar Odisha 751003 |
| 22.11.2024 | 75203325 | KALPANA DAS | 13700 | |
| 22.11.2024 | 75340352 | KRUSHNA KUMARI PANI | 360000 | Hdfc Bank Ltd, Plot No 191, 204, 205, And 206, Unit 36 Samantarapur Odisha751014 |
| 22.11.2024 | 75220613 | PRIYABRATA PATNAIK | 352000 | |
| 22.11.2024 | 75447412 | CH BADAL PRUSTY | 297500 | |
| 22.11.2024 | 73678032 | MADHUSMITA SETHI | 255500 | |
| 22.11.2024 | 75458723 | CH BADAL PRUSTY | 250000 | |
| 22.11.2024 | 75446099 | SANJAY KUMAR MUDULI | 75600 | |
| 22.11.2024 | 75275395 | KARIM KHAN | 658800 | Hdfc Bank Ltd, Plot No 239/2048/2323, Ground Floor,At-Baliabadi, Near Odisha752056 |
| 22.11.2024 | 75337048 | NASIM AKTAR | 204000 | |
| 22.11.2024 | 74652160 | JITENDRA KUMAR JENA | 99900 | Hdfc Bank Ltd, Sahu Niwas Kashipur Road Jagannathpur Kendujhar 758001 |
| 22.11.2024 | 75416921 | JITENDRA KUMAR JENA | 40000 | |
| 22.11.2024 | 74831104 | K ASHISH | 500000 | Hdfc Bank Ltd, Sarguna Street, Aska Road Brahmapur Odisha760006 |
| 22.11.2024 | 75356345 | KAILASH CHANDRA SAHU | 294400 | |
| 22.11.2024 | 75260524 | BISWANATH PADHY | 205000 | |
| 22.11.2024 | 74477528 | NARESH KUMAR RANA | 17000 | Hdfc Bank Ltd, Upper Ground Floor, Jain Shopping Complex Titlagarh, Odisha767033 |
| 22.11.2024 | 75227633 | DEBASISH DAS | 350500 | Hdfc Bank Ltd, VIP Plaza VIP Road Puri 752001 |
| 22.11.2024 | 74187860 | SUVAJIT ROY | 208000 | |
| 22.11.2024 | 73855032 | SHAKTI PRASAD DALAI | 195000 | |
| 22.11.2024 | 74471707 | SUKANT PRADHAN | 161000 | |
| 22.11.2024 | 74326271 | SUVAJIT ROY | 104000 | |
| 22.11.2024 | 74322612 | SUVAJIT ROY | 103900 | |
| 22.11.2024 | 74462237 | SOMIYAL JENA | 48000 | |
| 22.11.2024 | 74467775 | JASHASWINI BISOI | 30000 | |
| 22.11.2024 | 75368625 | B ANIL DAS | 29000 | |
| 22.11.2024 | 75337855 | MADAN MAJHI | 53600 | Hdfc Bank Ltd, Ward No 10. Ground Floor, Opp Ram Mandir Nuapada Odisha 766104 |

| Auctions Date | Loan No | Nominee/Borrower's Name | Loan Amount | Place of Auction |
|---|---|---|---|---|
| 21.11.2024 | 50200047591899 | PADMALAYA KHANDUAL WIFE OF JYOTIRANJAN KHANDUAL | 891779.25 | Hdfc Bank Ltd, Mahipal Kendrapara Odisha 754211 |
| 21.11.2024 | 74464664 | RITA PRADHAN, WIFE OF MURALI SHRIDHARA PRADHAN | 71400 | Hdfc Bank Ltd, Ground Floor, Near Saptashree Science College Ganjam Odisha 761010 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 12/11/2024,**
**Place : Orissa**

**Authorised Officer,**
**HDFC BANK LTD.**

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଜେଲଗଲେ

ଦିଗପହଣ୍ଡି,୧୧।୧୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ପରେ ବ୍ଲାକମେଲ୍ କରି ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୪୦ ହଜାର ଟଙ୍କା ଠକି ନେବା ଓ ତାଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଧରାକୋଟ ଥାନା ଜାହାଡା ଗ୍ରାମ ଦଳିତ ସାହିର ହ୍ରିତିକ କିଶନ ନାଇକ। ସୋମବାର ଥାନା ମାମଲା ନଂ.୪୩୭/୨୪ ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରାୟ ୫ ବର୍ଷ ପୂର୍ବେ ଜରଡ଼ା ଥାନା ପାତ୍ରପୁର ଗ୍ରାମର ଏକ ଭୋଜିରେ ଅଭିଯୁକ୍ତଙ୍କ ସହ ମହିଳାଙ୍କ ସାକ୍ଷାତ ହୋଇଥିଲା। ସେଠାରେ ସେ କୌଶଳକ୍ରମେ ମହିଳାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଘରକୁ ଫେରିବା ପରେ ଅଭିଯୁକ୍ତ ନିୟମିତ ବ୍ୟବଧାନରେ ତାଙ୍କ ପାଖକୁ ଆସୁଥିଲେ। ସ୍ୱାମୀ ଅନ୍ୟ ରାଜ୍ୟରେ କାମ କରୁଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିବା ସହ ଅସଜ୍ଞାତ ମୁହୂର୍ତ୍ତର ଫଟୋ ଉଠାଇ ଭାଇରାଲ କରିବାର ଧମକ ଦେଇଥିଲେ। ଅଭିଯୁକ୍ତ ହିଞ୍ଜିଳି ଥାନା ପିତ୍ତଳ ଗ୍ରାମର ତାଙ୍କ ପ୍ରେମିକାଙ୍କ ଦ୍ୱାରା ମହିଳାଙ୍କୁ ଭୟଭୀତ କରି ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୪୦ ହଜାର ନେଇ ଯାଇଥିଲେ। ଅଭିଯୁକ୍ତଙ୍କ ପ୍ରେମିକା ପୋଲିସ ସ୍କାନରରେ ଥିବା ଜଣାପଡିଛି।

### ୱାରେଣ୍ଟ ବଳରେ ୨ ଗିରଫ

ବ୍ରହ୍ମପୁର,୧୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ପକ୍ଷରୁ ୱାରେଣ୍ଟ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି। ଗତ ଦୁଇ ଦିନ ମଧ୍ୟରେ ୨ ଯୁବକଙ୍କୁ ଜାମିନ ବିହୀନ ଗିରଫ ପରୱାନା ବଳରେ ଗିରଫ କରିଛି। ସୋମବାର ହରିଡାଖଣ୍ଡିର ଶିବ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ଡକାୟତି ଓ ହତ୍ୟା ଉଦ୍ୟମ ଭଳି ମାମଲା ରହିଛି । ୨୦୨୩ରେ ମାରଣାସ୍ତ୍ର ଦେଖାଇ ରାସ୍ତାରେ ଯାଉଥିବା ଲୋକଙ୍କୁ ଡରାଇବା ସହ ଲୁଟ ଉଦ୍ୟମ ମାମଲାରେ ଶିବ ଅଭିଯୁକ୍ତ ଥିଲେ । ପରେ ସେ ଜାମିନ ଆସି ଫେରାର ହୋଇଯିବା ସହ କୋର୍ଟରେ ବିଚାର ବେଳେ ହାଜର ନ ହେବାରୁ ୱାରେଣ୍ଟ ଜାରି ହୋଇଥିଲା। ସେହିପରି ପୂର୍ବରୁ ଏକ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଚନ୍ଦ୍ରମା ସାହିରେ ରହୁଥିବା ଟୁଙ୍ଗୁରୁ ସେଠୀଙ୍କୁ ଗିରଫ କରିଥିଲା। କିଛିମାସ ପରେ ସେ ସର୍ତ୍ତମୂଳକ ଜାମିନରେ ଆସିଥିଲେ। ଉକ୍ତ ମାମଲାର ବିଚାର ବେଳେ ସେ କୋର୍ଟକୁ ସହଯୋଗ କରିନଥିଲେ। ଏଣୁ ତାଙ୍କ ବିରୋଧରେ କୋର୍ଟ ପକ୍ଷରୁ ଏନବିଡବ୍ଲ୍ୟୁ ଜାରି ହୋଇଥିଲା। ସେ ମୁମ୍ବାଇ ଚାଲିଯାଇଥିଲେ। ଗତ ୯ ତାରିଖରେ ଟୁଙ୍ଗୁରୁ ଚନ୍ଦ୍ରମା ସାହିରେ ଥିବା ପୋଲିସ ଖବର ପାଇ ସେଠାରୁ ଗିରଫ କରିଥିଲା।

# ଗାଡ଼ି ଯାଞ୍ଚ, ୭.୫୨ ଲକ୍ଷ ଚାଲାଣ କଟାଗଲା

ରାୟଗଡ଼ା,୧୧।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର କପିଳାସ ଛକ ନିକଟରେ ୩୨୬ନଂ ଜାତୀୟ ରାଜପଥରେ ଥିବା ଟ୍ରାଫିକ ଛକଠାରେ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଜୁଭେନାଇଲ ଗାଡ଼ି ଡ୍ରାଇଭ ଓ ହେଲମେଟ ଆଦି ଯାଞ୍ଚ କରାଯାଇ ମୋଟ ୭ ଲକ୍ଷ ୫୨ ହଜାର ଟଙ୍କା ଚାଲାଣ କଟାଯାଇଛି। ଏହାସହିତ ସହରର ବିଭିନ୍ନ ଛକରେ ଗାଡି ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ ୧୧୦ ଜଣଙ୍କୁ ହେଲମେଟ, ଟ୍ରିପଲ ରାଇଡିଂ ଆଦି ଉପରେ ଚାଲାଣ କଟାଯାଇଥିଲା । ମୋଟ ୭ ଲକ୍ଷ ୨୬ ହଜାର ଟଙ୍କାର ଚାଲାଣ କଟାଯାଇଥିବା


ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଉଛି।

### ଜଣେ ନାବାଳକଙ୍କୁ ୨୬ ହଜାର ଟଙ୍କା ଜରିମାନା

ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏତଦ୍‌ବ୍ୟତୀତ ଜଣେ ୧୬ବର୍ଷର ନାବାଳକ ଗାଡ଼ି ଡ୍ରାଇଭିଂ କରୁଥିବା ବେଳେ ପୋଲିସ ହାବୁଡରେ ପଡ଼ିଥିଲେ। ଉକ୍ତ ନାବାଳକ ଗାଡ଼ି ଡ୍ରାଇଭିଂ ପାଇଁ ୨୬ ହଜାର ଟଙ୍କା ଜରିମାନା ପକାଇଛି ପରିବହନ ବିଭାଗ । ଏହି ଯାଞ୍ଚରେ ରାୟଗଡ଼ା ଆଞ୍ଚଳିକ ପରିବହନ ବିଭାଗ ଏମ୍‌ଭିଆଇ ରାଜକୁମାର ବେହେରା, ଟାଉନ ଥାନା ଏଏସ୍‌ଆଇ ଅମୂଲ୍ୟ ପଣ୍ଡା ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# ଟ୍ରେନ୍ ଲାଇନ କଡ଼ରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ

ବିଷମ କଟକ,୧୧।୧୧(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ରେଳ ଷ୍ଟେଶନରୁ ମୁନିଗୁଡା ଅଭିମୁଖେ ଯାଇଥିବା ଟ୍ରେନ ଲାଇନ କଡ଼ରୁ ମୁମୂର୍ଷ ଅବସ୍ଥାରେ ଜଣେ ଯୁବକଙ୍କୁ ମୁନିଗୁଡା ଜିଆରପି ପୋଲିସ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ହେଲେ ଚିକିତ୍ସାଧିନ ଅବସ୍ଥାରେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଜିଆରପି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ଶରୀରରେ କୌଣସି ଆଘାତ ଲାଗି ନ ଥିବାବେଳେ ସେ କେଉଁ କାରଣରୁ ଗୁରୁତର ଅବସ୍ଥାରେ ଟ୍ରେନ ଲାଇନ କଡ଼ରେ ପଡ଼ିଥିଲେ ତାକୁ ନେଇ ସନ୍ଦେହ ଉପୁଜୁଛି ।

ସୂଚନା ଅନୁଯାୟୀ, ସୋମବାର ସକାଳୁ ଟ୍ରେନ ଲାଇନ କଡ଼ରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡିରହିଥିବା ସ୍ଥାନୀୟ ଲୋକେ ଦେଖି ବିଷମ କଟକ ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଏହାପରେ ଷ୍ଟେଶନ ମାଷ୍ଟର ମୁନିଗୁଡା ଜିଆରପି ପୋଲିସକୁ ଜଣେଇଥିଲେ। ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ୧୫ରେ ରାୟଗଡ଼ା ସାହିତ୍ୟ ମହୋତ୍ସବ


ସାହିତ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଲେଖକ, କବି ଓ କବୟିତ୍ରୀ।

ରାୟଗଡା,୧୧।୧୧(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ଆୟୋଜନ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ଡିସେମ୍ବର ୧୫ରେ ରାୟଗଡା ସାହିତ୍ୟ ମହୋତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ୩ଟି ଅଧିବେଶନରେ ଆୟୋଜିତ ହେବ ଏହି ସାହିତ୍ୟ ମହୋତ୍ସବ। ଉଦ୍‌ଘାଟନୀ ସମାରୋହ ବ୍ୟତୀତ ଗଳ୍ପ ଓ କବିତା ଅଧିବେଶନ କରିବାକୁ ସହମତି ପ୍ରକାଶ ପାଇଛି। ସ୍ଥାନୀୟ ନିମନ୍ତ୍ରିତ ସାହିତ୍ୟିକଙ୍କ ଦ୍ୱାରା ଗଳ୍ପ ଓ କବିତା ପାଠ କରାଯିବ । ରାଜ୍ୟସ୍ତରୀୟ ଜଣେ ବିଶିଷ୍ଟ ସାହିତ୍ୟିକଙ୍କୁ ରାୟଗଡା ସାହିତ୍ୟ ସମ୍ମାନ ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଥିଲା। ମହୋତ୍ସବର ମୁଖପତ୍ର 'ଶବ୍ଦ ରାଗ' ପ୍ରକାଶନ ହେବ। ଏଥିପାଇଁ ଆଗାମୀ ସପ୍ତାହ ମଧ୍ୟରେ ଗଳ୍ପ, କବିତା ଓ ପ୍ରବନ୍ଧଗୁଡିକୁ ଇ-ମେଲ ଯୋଗେ ପଠାଇବାକୁ ନିବେଦନ କରାଯାଇଛି । ସମ୍ପାଦକ ସୁଶାନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ସହ ଚଳିତ ସାହିତ୍ୟ ମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ଗୋପୀନାଥ ସାହୁ ଏବଂ କୀର୍ତ୍ତି ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଂଗଠନ ସମ୍ପାଦକ ଡ. ଦ୍ୱିତୀ ଚନ୍ଦ୍ର ସାହୁ ମହୋତ୍ସବର ସାମଗ୍ରିକ ରୂପରେଖ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଉପସଭାପତି ଡ. ବିପିନ ବିହାରୀ ବିଶ୍ୱାଳ, ଜଗଦୀଶ ଚନ୍ଦ୍ର ଦୋରା, କୋଷାଧ୍ୟକ୍ଷ ରବି ଶତପଥି, ଡ଼. ପ୍ରସନ୍ନ କୁମାର ଗନ୍ତାୟତ, ଲାବଣ୍ୟ ମୋହନ ପଟ୍ଟନାୟକ, ଅରୁଣ କୁମାର ପାଣିଗ୍ରାହୀ, ବିମଳ ଚାନ୍ଦ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ନୀଳାଞ୍ଚଳ ମିଶ୍ର, ଶରତ ଚନ୍ଦ୍ର ରାଉତ, ଲୋକନାଥ ପଣ୍ଡା, ମଞ୍ଜୁଶ୍ରୀ ମୁଖାର୍ଜୀ, ତ୍ରିବେଣୀ ମିଶ୍ର, କଲ୍ୟାଣୀ ସାସମଲ, ସସ୍ମିତା କୁମାରୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

## ରତନେଇ ଜଙ୍ଗଲରେ ବାଘ ପାଦଚିହ୍ନ

ଦିଗପହଣ୍ଡି,୧୧।୧୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧିନ ଜକର ପଞ୍ଚାୟତ ଚୈତନ୍ୟପ୍ରସାଦ ଗ୍ରାମ ସଂଲଗ୍ନ ରତନେଇ ଜଙ୍ଗଲରେ ସୋମବାର ବନ ବିଭାଗ ମହାବଳ ବାଘ ପାଦଚିହ୍ନ ଠାବ କରିଛି। ଖବରପାଇ ବ୍ରହ୍ମପୁର ସହକାରୀ ବନ୍ୟପ୍ରାଣୀ ସଂରକ୍ଷକ ଡ଼. ରୁଦ୍ର ପ୍ରସାଦ ରଥ, ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ସଦଳବଳ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ଆଖପାଖରେ ଥିବା ବିଭିନ୍ନ ଗ୍ରାମବାସୀଙ୍କୁ ବାଘର ଉପସ୍ଥିତି ନେଇ ବନ ବିଭାଗ ପକ୍ଷରୁ ସଚେତନ କରାଯାଇଛି। ସନ୍ଧ୍ୟାରୁ ସକାଳ ଯାଏଁ ସମ୍ପୃକ୍ତ ଅଞ୍ଚଳରେ ଲୋକେ ଘରୁ ନ



ବାହରିବା ପାଇଁ ପରାମର୍ଶ ଦିଆଯାଇଛି। କିଛିଦିନ ତଳେ ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତର ଆଦିବାସୀ ଗ୍ରାମ ପଦ୍ମପୁର ନିକଟସ୍ଥ ମକାବାଡରେ ମହାବଳ ବାଘ ପାଦଚିହ୍ନ ଠାବ କରାଯାଇଥିଲା। ନିକଟସ୍ଥ ପଦ୍ମପୁର ଗ୍ରାମର ମଙ୍ଗଳା ମଣ୍ଡଳଙ୍କ ଗୋଟିଏ ବଳଦକୁ ମାରି ଚାଲିଯାଇଥିଲା।

# ଭାଜପାର ସକ୍ରିୟ ସଦସ୍ୟ ସମାବେଶ


ସମାବେଶରେ ଉପସ୍ଥିତ ଭାଜପା କର୍ମୀ।

ମୁନିଗୁଡ଼ା,୧୧।୧୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାସ୍ଥିତ ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ସୋମବାର ଭାଜପାର ସକ୍ରିୟ ସଦସ୍ୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ଭାଜପା ମଣ୍ଡଳ ସଭାପତି ଜଗା ଶବରଙ୍କ ଅଧ୍ୟକ୍ଷତା ଓ ଜିଲା ସମ୍ପାଦିକା ସୁଶୀଳା ସରାଫଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥିଭାବେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଓ ବିଷମକଟକ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ୍ରୁକା ଯୋଗଦେଇ ସଦସ୍ୟତା ଅଭିଯାନରେ ନୂତନ ସଦସ୍ୟଙ୍କୁ ଭାଜପା ପରିବାରରେ ଯୋଡ଼ିଥିବା କାରଣରୁ ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ଗ୍ରାମାଞ୍ଚଳସ୍ତରରୁ ପ୍ରତି ବୁଥ୍‌କୁ ସକ୍ରିୟ ଓ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ୧୫ ତାରିଖରେ ବୁଥ୍ ଚାଲ ଅଭିଯାନ, କମିଟି ଗଠନ ଓ ଭାଜପାର ରାଷ୍ଟ୍ରବାଦ ଆଦର୍ଶ, ସଂକଳ୍ପକୁ ସାଧାରଣ ଲୋକଙ୍କୁ ଅବଗତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଓବିସି ମୋର୍ଚ୍ଚା ସଭାପତି ପଦ୍ମ ବେହେରା, ଉପସଭାପତି ସୁବାସ ଗୌଡ଼, ସମ୍ପାଦକ ମୀନ ଗୌଡ଼, ଭୀମ ବେହେରା, କୃଷକ ମୋର୍ଚ୍ଚା ସଭାପତି ବୁଦ୍ଧିଆ ଗୌଡ଼, ଯୁବନେତା ଗରିବ ଗରଡ଼ିଆ, ଚୁନା କରକରିଆ, ଧନୁ କୁସୁଲିଆ, ଆଲିବାନ ବାଗ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ୩୫ ହଜାର ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଗୁଡାରି,୧୧।୧୧ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅଞ୍ଚଳରେ ଗୁଡାରି ପୋଲିସ, ଅବକାରୀ ବିଭାଗ ଓ ଜଙ୍ଗଲ ବିଭାଗ ପକ୍ଷରୁ ସୋମବାର ପ୍ରଚୁର ପରିମାଣର ଗଞ୍ଜେଇ ଗଛ ନଷ୍ଟ କରାଯାଇ ଗୁଇନ୍ଦା ସୂଚନା ଆଧାରରେ ଅପରେଶନ ଗ୍ରୀନ କ୍ଲିନ୍ ଆରମ୍ଭ ହୋଇଛି। ଗୁଡାରି ବ୍ଲକ୍‌ର ଡୁନାମା, ଡୁକୁଡୁପଙ୍ଗା, ଖଇରାଗୁଡା ଓ ନାରେଙ୍ଗୀ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବେ ୮ ଏକର ଜମିରେ ଚାଷ ହୋଇଥିବା ୩୫ ହଜାରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ରାୟଗଡା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁଣୁପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ତତ୍ତ୍ୱାବଧାନରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଜଙ୍ଗଲ ଜମିରେ ନା ବ୍ୟକ୍ତିଗତ ମାଲିକାନା ଜମିରେ ଗଞ୍ଜେଇ ଚାଷ କରାଯାଇଛି ସେ ନେଇ ସ୍ଥାନୀୟ ଆରଆଇଙ୍କୁ ରିପୋର୍ଟ ଦେବାକୁ ପୋଲିସ କହିଛି। ରିପୋର୍ଟ ଆସିବା ପରେ ଗଞ୍ଜେଇ ଚାଷରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ଏସ୍‌ଡିପିଓ ଓ ଗୁଡାରି ଥାନା ଅଧିକାରୀଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି।

# କାଶୀପୁରର ୬ ଶ୍ରମିକ ଗୁରୁତର

### ସମ୍ବଲପୁର ଦାଦନ ଖଟିବାକୁ ଯାଇ ଦୁର୍ଘଟଣା ଶିକାର

ଟିକିରି, ୧୧।୧୧ (ପ୍ରଫୁଲ୍ଲ କୁମାର ବେହେରା)




ଆହତ ଶ୍ରମିକ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସିରିପାଇ ଗ୍ରାମର ୬ଜଣ ଯୁବକ ପେଟପାଟଣା ପାଇଁ ଦାଦନ ଖଟିବାକୁ ସମ୍ବଲପୁର ଜିଲା ଯାଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ଶନିବାର ରାତିରେ ସଉଦା ଆଣିବା ପାଇଁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ସମ୍ବଲପୁର ବଜାରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ କାଶୀପୁର ବ୍ଲକ୍ ଦୁଲକି ଗ୍ରାମର ୬ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଯୁଗେଶ୍ୱର ମାଝୀ, ପବିତ୍ର ମାଝୀ, ମଦନ ମାଝୀ, କୃଷ୍ଣ ମାଝୀ, ମିଥୁନ ମାଝୀ ଓ ମୋହନ ମାଝୀ। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତମାନଙ୍କୁ ବୁର୍ଲା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଆହତ ଶ୍ରମିକମାନେ ସମ୍ବଲପୁର ସଦର ଥାନା ଅଞ୍ଚଳରେ ଏକ ବ୍ରିଜ୍ କାର୍ଯ୍ୟରେ ନିୟୋଜିତ ଥିଲେ।

# ଜୟ ଜଗନ୍ନାଥ ୧୧, ଗୁଣପୁର ସୁପର କିଙ୍ଗ୍ ବିଜୟୀ

ଗୁଣପୁର,୧୧।୧୧ (ପ୍ରଦୀପ କୁମାର ପାଢ଼ୀ)

### ଗୁଣପୁର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିନ

ରାୟଗଡ଼ା ଜିଲା ଗୁଣପୁର ମିନି ଷ୍ଟାଡିୟମରେ ଗୁଣପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଜୟ ଜଗନ୍ନାଥ ୧୧ ଓ ଗୁଣପୁର ସୁପର କିଙ୍ଗ୍ ଦଳ ବିଜୟ ଲାଭ କରିଛନ୍ତି। ପ୍ରିମିୟର ଲିଗ୍‌ର ଦ୍ୱିତୀୟ ମ୍ୟାଚ ପ୍ରଥମେ ଜୟ ଜଗନ୍ନାଥ ଓ ନିୟମଗିରି ବୁଲ୍‌ସ ମଧ୍ୟରେ ହୋଇଥିଲା। ଜୟ ଜଗନ୍ନାଥ ଦଳ ପ୍ରଥମେ ବ୍ୟାଟିଂକରି ୮ଟି ଉଇକେଟ ହରାଇ ୨୨୧ ରନ୍ ସଂଗ୍ରହ କରିଥିଲେ। ନିୟମଗିରି ବୁଲ୍‌ସ ଦଳ ୧୫ ଓଭର ଗୋଟିଏ ବଲ୍‌ରେ ସମସ୍ତ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲେ। ଜୟ ଜଗନ୍ନାଥ ୧୧ ଦଳର ଅଧିନାୟକ ସନ୍ତୋଷ କେ. ପାତ୍ର ସର୍ବାଧିକ ୫୪ଟି ବଲରେ ୧୨୬ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ନିୟମଗିରି ବୁଲ୍‌ସ ଦଳର ଆମ୍ବାଲା ରାମକୃଷ୍ଣ ୪ ଓଭରରେ ୨୭ ରନ ଦେବା ସହ ୩ ଉଇକେଟ ଅକ୍ତିଆର କରିଥିଲେ। ତୃତୀୟ ମ୍ୟାଚ ଗୁଣପୁର ସୁପର କିଙ୍ଗ୍ସ ଓ ନ୍ୟୁ ଏସ୍ ଲାଏନ୍ସ ଗୁଡ଼ାରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଟସ୍ ଜିତି ନ୍ୟୁ ଏସ୍ ଲାଏନ୍ସ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଗୁଣପୁର ସୁପର କିଙ୍ଗ୍ ଦଳ ୧୮ ଓଭରରେ ୧୯୮ ରନ ସଂଗ୍ରହ କରିଥିଲା। ଏଥିରେ ସୁପର କିଙ୍ଗ୍ ଦଳର ରିସି ମେହେର ୬୭ ବଲ୍‌ରେ ସର୍ବାଧିକ ୧୪୩ ରନ ସଂଗ୍ରହକରି ଅପରାଜିତ ରହିଥିଲେ। ଦ୍ୱିତୀୟ ଇନିଂସରେ ନ୍ୟୁଏସ ଲାଏନ୍ସ ଗୁଡ଼ାରି ୧୮ ଓଭରରେ ୭ ଉଇକେଟ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲେ। ୨୯ ରନ୍‌ରେ ସୁପର କିଙ୍ଗ୍ ଦଳ ବିଜୟୀ ହୋଇଥିଲା। ନ୍ୟୁ ଏସ୍ ଲାଏନ୍ସ ଦଳର ଶ୍ରବଣ ବୁଙ୍ଗା ୨୬ଟି ବଲରେ ୩୨ ରନ ସଂଗ୍ରହ କରିଥିଲେ । ଅଧିନାୟକ ଦିନେଶ କୁମାର ମାଝୀ ୧୬ଟି ବଲରେ ୩୦ ରନ ସଂଗ୍ରହ କରିଥିଲେ। ଅନୁଷ୍ଠିତ ମ୍ୟାଚରେ ସାରଦା ପ୍ରସନ୍ନ ମହାପାତ୍ର ଓ ଶ୍ୟାମସୁନ୍ଦର ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। କିରଣ ପାଣିଗ୍ରାହୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଭାଜପା ନେତା ୱାଇ. ଗଣପତି ଓ ଆଇନଜୀବୀ ଲକ୍ଷ୍ମୀ ମହାଙ୍କୁଡ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ମ୍ୟାନ୍ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# କାର୍ତ୍ତିକ ଶେଷ ସୋମବାର, ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼


ଚାଟିକୋଣା ପାତାଳେଶ୍ୱର ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବିଷମକଟକ/ ପାଇକଡାକୁଲୁଗୁଡ଼ା, ୧୧।୧୧ (ପ୍ରସନ୍ନ କୁମାର ପଣ୍ଡା/ଧନୁର୍ଜୟ ରାଜୁ)

କାର୍ତ୍ତିକ ଶେଷ ସୋମବାର ଯୋଗୁ ବିଷମକଟକ ବ୍ଲକ୍‌ର ବିଭିନ୍ନ ଶୈବପୀଠରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଷମକଟକ ସହରର ନାଗେଶ୍ୱର, ପାତାଳେଶ୍ୱର, ନୀଳକଣ୍ଠେଶ୍ୱର, ତୁମ୍ବେଶ୍ୱର ମହାଦେବ ମନ୍ଦିରରେ ସକାଳୁ ଭକ୍ତମାନେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ପାଇକଡାକୁଲୁଗୁଡ଼ା ମହାଦେବ ମନ୍ଦିର ସହ ଜଗନ୍ନାଥପୁରର ନାଗେଶ୍ୱର ମନ୍ଦିର, ଗଜବାହାଲର ନୀଳକଣ୍ଠେଶ୍ୱର ଏବଂ ପଣସପଦର ସ୍ୱର୍ଣ୍ଣଗିରି ମହାଦେବ ମନ୍ଦିରରେ ଭକ୍ତଙ୍କ ଲମ୍ବାଲାଇନ ଦେଖିବାକୁ ମିଳିଥିଲା। ଚାଟିକୋଣା ପର୍ଯ୍ୟଟନସ୍ଥଳୀ ପାତାଳେଶ୍ୱର ମହାଦେବ ମନ୍ଦିରରେ ଜିଲା ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଦର୍ଶନ କରିବା ପରେ ମନ୍ଦିର ପରିସରରେ ରହିଥିବା ଜଳପ୍ରପାତ ଏବଂ ନିୟମଗିରି ପାହାଡ଼ ଉପରେ ରହିଥିବା ମନୋରମ ଦୃଶ୍ୟକୁ ଉପଭୋଗ କରିବା ସହ ଭୋଜିଭାତର ଆସର ଜମେଇଥିଲେ । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଚାଟିକୋଣା ଓ ଗଜବାହାଲ ମନ୍ଦିରର ପୂଜା କମିଟି ପକ୍ଷରୁ ପାନୀୟ ଜଳର ସୁବିଧା ସାଙ୍ଗକୁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବିଷମକଟକ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଗୁଣପୁର ଶିବାଳୟରେ ଭକ୍ତଙ୍କ ଲମ୍ବା ଲାଇନ୍

ଗୁଣପୁର,୧୧।୧୧(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁରଠାରେ ପବିତ୍ର କାର୍ତ୍ତିକ ମାସର ଶେଷ ସୋମବାର ଉପଲକ୍ଷେ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ସୋମବାର ସକାଳୁ ଭକ୍ତମାନେ ସହର ଏବଂ ଏହାର ଆଖପାଖରେ ଥିବା ବିଭିନ୍ନ ଶିବ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ସେଫାଳି ପାହାଡସ୍ଥିତ ରାମେଶ୍ୱର ମନ୍ଦିର, କଲେଜ ନିକଟ କାଶୀ ବିଶ୍ୱନାଥ ମନ୍ଦିର, ସହର ମଧ୍ୟରେ ଥିବା ବାଘୁଆ ଦେଉଳ, ନିଳକଣ୍ଠେଶ୍ୱର ମନ୍ଦିର, ମହା ମୃତ୍ୟୁଞ୍ଜୟ ମନ୍ଦିର, କରାବଙ୍କ ସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ବିକ୍ରମପୁରସ୍ଥିତ ମଲିକେଶ୍ୱର, ଶ୍ମଶାନ ଘାଟରେ ଥିବା ଭୂତେଶ୍ୱର ମନ୍ଦିର, ପ୍ରଧାନିଗୁଡା ଓ ତୁର୍କାନିଗୁଡାଠାରେ ଥିବା ଶିବ ମନ୍ଦିର, ନୂଆଗାଁସ୍ଥିତ ନାଗେଶ୍ୱର ମନ୍ଦିରରେ ଭକ୍ତଙ୍କ ଗହଳ ଚହଳ ଲାଗିଥିଲା। ଶେଷ ସୋମବାର ଉପଲକ୍ଷେ ବିଭିନ୍ନ ସ୍ଥାନରେ ଭୋଜିଭାତ ମଧ୍ୟ ହୋଇଥିଲା ।


ଶେଷ ସୋମବାର ଯୋଗୁ ରାମେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼।

**ଶିବାଳୟରେ ଭକ୍ତଙ୍କ ଭିଡ**

ଜୟପୁର,(ପବନ ପାଣିଗ୍ରାହୀ)- କାର୍ତ୍ତିକ ଶେଷ ସୋମବାର ଅବସରରେ ଜୟପୁର ରାଜୁ ସାହିସ୍ଥିତ ଅଷ୍ଟଶମ୍ଭୁ ପଞ୍ଚାନନ ମନ୍ଦିର, ନିଳକଣ୍ଠେଶ୍ୱର, ହଟେକେଶ୍ୱର, ବୈଦନାଥ ମନ୍ଦିର, ବାରିଣିପୁଟ ଶିବ ମନ୍ଦିର, ଗାଗନାପୁର ମନ୍ଦିର, କପିଳେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର ଓ ଲୋକନାଥ ଆଦି ମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିଲା।

## ସଂକ୍ଷେପରେ

### ଓଡ଼ିଶା ବନ ଉନ୍ନୟନ ନିଗମର କାଠ ଡିପୋରୁ ଚୋରି, ଥାନାରେ ଏତଲା

ଉମରକୋଟ, ୧୧।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହରର କୋଣ୍ଡାଗାଁ ରାସ୍ତାରେ ଥିବା ଓଡ଼ିଶା ବନ ଉନ୍ନୟନ ନିଗମର କାଠ ଡିପୋରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଉମରକୋଟ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାନୁଯାୟୀ, ଡିପୋର ଉପଖଣ୍ଡ ଅଧିକାରୀ ଜନ୍ମେଜୟ ପ୍ରଧାନ ଓ ତାଙ୍କର କେତେଜଣ କର୍ମଚାରୀ ଡିପୋ କାର୍ଯ୍ୟାଳୟ ଭିତରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ଅଧିକାରୀଙ୍କ ନଗଦ ୫ ହଜାର ଟଙ୍କା, ଗୋଟିଏ ମୋବାଇଲ, ୨ଟି ଏଟିଏମ୍ କାର୍ଡ ଓ ପାନ୍‌କାର୍ଡ ଚୋରିକରି ନେଇଥିଲେ। ସକାଳୁ ସେ ଏହି କଥା ଜାଣି ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଏଠାରୁ ବିଭିନ୍ନ ସମୟରେ ୬ଥର ମୋବାଇଲ ଓ ଟଙ୍କା ଚୋରି ହେଇଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଉମରକୋଟରେ ବାରମ୍ବାର ଚୋରି ହେଉଥିବା ବେଳେ ପୋଲିସ ଏହାକୁ ରୋକିବାରେ ବିଫଳ ହେଉଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି। ପାଟ୍ରୋଲିଂ ଜୋର୍‌ଦାର ସହ ଏବଂ ଚୋରଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି ବୋଲି ଥାନାଧିକାରୀ କହିଛନ୍ତି।

### ୱାରେଣ୍ଟି ଗିରଫ

ଡାବୁଗାଁ, ୧୧।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟରେ ହାଜର କରିଛି। ସେ ହେଲେ ଡାବୁଗାଁ ଥାନା ସିଂସାରି ଫାଣ୍ଡି ଅଧୀନ ତୋରେଗାଁ ଗ୍ରାମର ମହାଦେବ ଭତ୍ରା (୪୮)। ସୂଚନାନୁଯାୟୀ, ୨୦୧୩ରେ ମହାଦେବଙ୍କୁ ଚୋରା ମଦ କାରବାର ମାମଲାରେ କୋର୍ଟ ଚାଲାଣ କରାଯାଇଥିଲା। ପରେ କୋର୍ଟରୁ ଜାମିନରେ ବାହାରିଥିଲେ। ଏହାପରେ କୋର୍ଟରେ ହାଜର ହେବା ନେଇ ବାରମ୍ବାର ନୋଟିସ ହୋଇଥିଲେ ମଧ୍ୟ ସେ ତାହାକୁ ଅବମାନନା କରିଥିଲେ। ପରେ କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ଏହାପରେ ଡାବୁଗାଁ ପୋଲିସ ମହାଦେବଙ୍କୁ ରବିବାର ରାତିରେ ତାଙ୍କ ଘରୁ ଗିରଫ କରି ଥାନାକୁ ଆଣିଥିଲେ। ସୋମବାର ମହାଦେବଙ୍କୁ ଉମରକୋଟ କୋର୍ଟରେ ହାଜର କରାଯାଇଛି। ଏହି ଚଢ଼ାଉରେ ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୧୧।୧୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ଜିପିଓ ଭାଗିରଥୀ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା,ଏପିଓ ସନ୍ତୋଷି ମହାପାତ୍ର, ସରପଞ୍ଚ ରୁକ୍ମଣୀ ଗାଦବା ସହ ଅନ୍ୟ ଲାଇନର ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାସ୍ତା ମରାମତି ଓ ନିର୍ମାଣ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିରେ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଅଧିକାରୀଙ୍କୁ ସମସ୍ୟା ଜଣାଇଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା। ସରକାରୀ ଯୋଜନାର ଲାଭ ପାଇବା ନେଇ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସୁନାବେଡା/ସେମିଳିଗୁଡା,୧୧।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ସେମିଳିଗୁଡା ଅଗ୍ନି ଗଙ୍ଗା ମା' କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସେମିଳିଗୁଡା ବ୍ୟତୀତ ଆଖପାଖ ପ୍ରାୟ ୮ ଗାଁର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଦୁସୁରା, ସୁବାଇ ,ସେମିଳିପୁଟ, ବିଜାପୁର, ସୁନାବେଡା,କଙ୍କଡାପୁଟ,ଭିତରଗ ଓ ପେଟକଣା ଗାଁର ସଂକୀର୍ତ୍ତନ ମଣ୍ଡଳୀ ଅଷ୍ଟପ୍ରହରିରେ ସାମିଲ ହୋଇ ସଂକୀର୍ତ୍ତନ କରିଥିଲେ। ଶନିବାର ଅପରାହ୍ନ ୫ ଟାରେ ଘଟ ଆମନ୍ତ୍ରଣ,ରବିବାର କଳସସ୍ଥାପନ ଏବଂ ସୋମବାର ସକାଳ ୯ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଶେଷରେ ଅଗ୍ନି ଗଙ୍ଗା ମା' କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା।

# ଘୋଷଣାକୁ ବିତିଲା ଦେଢ଼ବର୍ଷ, ଖୋଲିପାରୁନି ୭୮ ନୂଆ ଲ୍ୟାମ୍ପ୍ସ

**ତିଆରି ହୋଇନି ଅଫିସ୍ କୋଠା, କର୍ମଚାରୀଙ୍କୁ ମିଳିନି ନିଯୁକ୍ତି**

ନବରଙ୍ଗପୁର, ୧୧।୧୧ (ସଦାଶିବ ପ୍ରହରାଜ)

ଚାଷୀଙ୍କୁ ଋଣ ପ୍ରଦାନରେ ସରଳୀକରଣ କରିବା ପାଇଁ ନବରଙ୍ଗପୁର ଜିଲାରେ ୭୮ଟି ନୂତନ ଲ୍ୟାମ୍ପ୍ସ ଖୋଲିବା ପାଇଁ ପ୍ରାୟ ଦେଢ଼ ବର୍ଷ ତଳେ ଘୋଷଣା ହୋଇଥିଲା। ଏବେ ଯାଏ କିନ୍ତୁ କାର୍ଯ୍ୟାଳୟ ଖୋଲିବା ପାଇଁ ଜାଗା ଚିହ୍ନଟ ହୋଇନାହିଁ। ନୂଆ କର୍ମଚାରୀ ନିଯୁକ୍ତି ହୋଇ ନ ଥିବା ବେଳେ ନୂତନ ସଭ୍ୟଙ୍କୁ ବି ମିଳିପାରିଲାନି କୃଷି ଋଣ। ଗତବର୍ଷ ନୂଆ ଲ୍ୟାମ୍ପ୍ସ କାର୍ଯ୍ୟକାରୀ ହେବ ଏବଂ ନୂଆ ଲ୍ୟାମ୍ପସ୍‌ରେ ଚାଷୀଙ୍କୁ ଋଣ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ନା ନୂତନ ଲ୍ୟାମ୍ପ୍ସ କୋଠା ନିର୍ମାଣ ହେଲା ନା ନୂଆ କର୍ମଚାରୀ ନିଯୁକ୍ତି ପାଇଲେ। ତେବେ ଚଳିତ ଖରିଫ୍‌ରେ ନୂଆ ଲ୍ୟାମ୍ପସ୍‌ରେ ପୁରୁଣା ଲ୍ୟାମ୍ପ୍ସ କର୍ମଚାରୀମାନେ ଯାଇ ଋଣ ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ନୂତନ ସଭ୍ୟ ଏ ଯାଏ ଋଣ ପାଇପାରିଲେ ନାହିଁ।

ନବରଙ୍ଗପୁର ଜିଲାରେ ପୂର୍ବରୁ କୋଷାଗୁମୁଡ଼ା, ପାପଡ଼ାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ୨ଟି ଲେଖାଏ ଓ ଅନ୍ୟ ୭ ବ୍ଲକରେ ଗୋଟିଏ ଲେଖାଏ ଏପରି ୧୩ଟି ଲ୍ୟାମ୍ପସ୍ ଖୋଲାଯାଇଥିଲା। ଚାଷୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲାରେ ୭୮ଟି ନୂଆ ଲ୍ୟାମ୍ପସ୍ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନୂତନ ଲ୍ୟାମ୍ପସ୍ କାର୍ଯ୍ୟକ୍ଷମ ପାଇଁ ପ୍ରାୟ ୫୮ରୁ ଉର୍ଦ୍ଧ୍ୱ ସଭ୍ୟଙ୍କ ଆବଶ୍ୟକ ରହିଥିବାବେଳେ ଏଠାରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ସଭ୍ୟ ହୋଇଥିବା ଜଣାପଡିଛି। ସେହି ସଭ୍ୟଙ୍କୁ ନେଇ ଗୋଟିଏ ଗୋଟିଏ ୧୫ ଜଣିଆ କମିଟି ଗଠନ ହୋଇଥିଲା। ତେବେ ଏ ମଧ୍ୟରେ ନୂତନ କମିଟିର ଅବଧି ସରିଛି। ତେବେ ଏ ପର୍ଯ୍ୟନ୍ତ ଗୋଟିଏ ବି ଜାଗାରେ ନୂତନ ଲ୍ୟାମ୍ପସ୍ କାର୍ଯ୍ୟାଳୟ ଖୋଲାଯାଇନି। ଏପଟେ ନିଜ ଅଞ୍ଚଳରେ ନୂଆ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ଖୋଲିଲେ ଋଣ ମିଳିବ ବୋଲି ଭାବି ଅନେକ ଚାଷୀ ସଭ୍ୟ ହୋଇଛନ୍ତି। କିନ୍ତୁ ଏବେ ଯାଏ ସେମାନଙ୍କୁ ଋଣ ମିଳିପାରିଲା ନାହିଁ। ସେହିପରିଭାବେ ପଞ୍ଚାୟତ ସଦରମହକୁମାରେ ୨ ଏକର ସରକାରୀ ଜାଗା ଯୋଗାଇଦେବା ପାଇଁ ତହସିଲଦାରମାନଙ୍କୁ ଚିଠି କରାଯାଇଥିଲା। ତହସିଲଦାରମାନେ ଆରଆଇମାନଙ୍କୁ ଜାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଜାଗା ଚିହ୍ନଟ ଓ ନୂତନ କୋଠା ହେବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ଭଡ଼ା ଘରେ ନୂତନ କାର୍ଯ୍ୟାଳୟ ଖୋଲିବା ପାଇଁ କୁହାଯାଇଛି। ତେବେ ପ୍ରାୟତଃ ବହୁ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଲ୍ୟାମ୍ପ୍ସ ଖୋଲିବା ପାଇଁ ଜାଗା ଦେଲେନାହିଁ। ଏପଟେ କିଛି ଆରଆଇ ଜାଗା ଚିହ୍ନଟ କରିଥିବାର ଜଣାପଡ଼ିଛି। ତେବେ ଉକ୍ତ ଚିହ୍ନଟ ହୋଇଥିବା ଜାଗାକୁ ନୂଆ ଲ୍ୟାମ୍ପସକୁ ସ୍ଥାନାନ୍ତର ପାଇଁ ସମବାୟ ସମିତି ପକ୍ଷରୁ ତହସିଲଦାରଙ୍କୁ ଚିଠି କରାଯାଇଛି। ତେବେ ଗୋଟିଏ ବି ଜାଗା ନୂଆ ଲ୍ୟାମ୍ପ୍ସ ପାଇଁ ହସ୍ତାନ୍ତର ହୋଇପାରିନାହିଁ। କେବେ ନୂଆ ଲ୍ୟାମ୍ପସ ପାଇଁ ଜାଗା ହସ୍ତାନ୍ତର ହୋଇ କାର୍ଯ୍ୟ ଆରମ୍ଭ ହେବ, ନୂତନ କର୍ମଚାରୀ ନିଯୁକ୍ତି ପାଇବେ ଏବଂ ନୂଆ ସଭ୍ୟଙ୍କୁ ଚାଷୀ ଋଣ ମିଳିବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

## ମନସ୍ତତ୍ତ୍ୱ ବିଜ୍ଞାନରେ ନଫିସାଙ୍କୁ ସ୍ୱର୍ଣ୍ଣ



ନଫିସାଙ୍କୁ ସମ୍ମାନିତ କରାଯାଉଛି ।

ନବରଙ୍ଗପୁର,୧୧।୧୧(ସଦାଶିବ ପ୍ରହରାଜ)

ରମାଦେବୀ ସ୍ୱୟଂଶାସିତ ମହିଳା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୪ କଲେଜର ଅଧ୍ୟୟନରତ ଛାତ୍ରୀମାନଙ୍କ ମଧ୍ୟରୁ ଚଳିତ ବର୍ଷ ମନସ୍ତତ୍ତ୍ୱ ବିଜ୍ଞାନରେ ଶୀର୍ଷ ସ୍ଥାନ ଅଧିକାରକରି ସ୍ନାତକୋତ୍ତର ଡିଗ୍ରୀରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ନବରଙ୍ଗପୁର ସେନାପତି ସାହିର ନଫିସା ତୁରୁକ। ଆଇନଜୀବୀ ସଞ୍ଜୟ କୁମାର ତୁରୁକ ଏବଂ ସଞ୍ଜିତାଙ୍କ ଝିଅ ନଫିସା ତାଙ୍କର ପ୍ରାଥମିକ ଶିକ୍ଷା ନବରଙ୍ଗପୁର ପବ୍ଲିକ ସ୍କୁଲରୁ ଆରମ୍ଭ କରିଥିଲେ। ଏହାପରେ ନବରଙ୍ଗପୁର ମହାବିଦ୍ୟାଳୟରେ ଯୁକ୍ତ ୨ ଅଧ୍ୟୟନ କରିଥିଲେ। ପରବର୍ତ୍ତୀ ସମୟରେ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପାଇଁ ଯାଇଥିଲେ। ନଫିସା ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ନବରଙ୍ଗପୁରରେ ଖୁସି ପ୍ରକାଶ ପାଇଛି। ବିଶେଷକରି ନବରଙ୍ଗପୁର ପବ୍ଲିକ ସ୍କୁଲ ଅଧକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ନବରଙ୍ଗପୁର ମହାବିଦ୍ୟାଳୟର ଅଧକ୍ଷଙ୍କ ସମେତ ଅଧାପିକା ଅଧାପକଙ୍କ ସହ ସାଙ୍ଗମାନେ ଶୁଭେଚ୍ଛା ଜଣାଇଛନ୍ତି।

## ବନ୍ଧଗୁଡ଼ାକୁ ହରାଇ ବିଜ୍ରାଗୁଡ଼ା ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳିମାନେ।

**ଫୁଟ୍‌ବଲ ଟୁର୍ନାମେଣ୍ଟରେ ଉଦ୍‌ଯାପିତ**

ତେନ୍ତୁଳିଖୁଣ୍ଟି, ୧୧।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ସଦର ମହକୁମାସ୍ଥିତ ବାପୁଜୀ ମିନି ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବିଜ୍ରାଗୁଡ଼ା ବନ୍ଧଗୁଡ଼ାକୁ ୧-୦ରେ ହରାଇ ଚାମ୍ପିୟନ ହୋଇଛି।

ଉଦ୍‌ଯାପନୀ ଦିବସରେ କୁମର ପୂଜାରୀ, ସୁଜନ ବାଘ, ସୁଶାନ୍ତ ଶତପଥୀ, ଗୋପାଳ କୃଷ୍ଣ ନାୟକ,ବାରିଜ ପଟ୍ଟନାୟକ, ସରୋଜ ଖୁରା, ପ୍ରଦୀପ ଦାସ, ଦାମ ଜାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜୟୀ ଦଳକୁ ୮ ହଜାର ଓ ରନର୍ସ ଅପ୍ ଦଳକୁ କୁ ୫ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସୁନୀଲ କର୍କରା ଖେଳ ବିବରଣୀ ଦେଇଥିଲେ। ବରିଷ୍ଠ ଖେଳାଳି ଗୋପାଳ ନାୟକ ଓ ତୁଷାର ଗୁରୁ ପ୍ରବୀଣ ଓ ମାନସ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଦେବ ସୁନା, ମାନସ ହିଆଲ, ଲଛମନ କର୍କରା, ମିଥୁନ କର୍କରା, ପ୍ରଦ୍ୟୁମ୍ନ ବାଘ, ପିଣ୍ଟୁ ଜାନୀ, ଜଗା କର୍କରା, ବାବୁଲା ସଗରିଆ, ବାବୁଲି ଜାନୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଯେ, ଏହି ଟୁର୍ନାମେଣ୍ଟ ୮ ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ବିଡିଓ ମନୋଜ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ଜୟପୁର,୧୧।୧୧(ପବନ ପାଣିଗ୍ରାହୀ)

ବାଇକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତକ ହେଲେ ପଣସପୁଟ ବାଗ୍ରା ଗ୍ରାମର ମକର ହରିଜନ (୪୫)। ପଣସପୁଟ ବାଗ୍ରା ଗ୍ରାମର ମକର ହରିଜନ ଏକ ବାଇକରେ ସ୍ତ୍ରୀ ଓ ମା'ଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିବା ବେଳେ ବୈପାରୀଗୁଡା ପଟକୁ ଯାଉଥିବା ଅନ୍ୟ ଏକ ବାଇକ ଓଭରଟେକ୍ କରି ଧକ୍କା ହୋଇଥିଲା। ମକର ରାସ୍ତାରେ ପଡି ଗୁରୁତର ହେବାରୁ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମା',ସ୍ତ୍ରୀ ଓ ଅନ୍ୟ ବାଇକ ଚାଳକ ଆହତ ହୋଇଛନ୍ତି। ଏନେଇ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ସଦର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## 'ସମାଜକୁ ସୁପଥ ଦେଖାଇବ ଭଗବଦ୍ ଗୀତା'



ଜଣେ ଅତିଥି ନିଜ ବକ୍ତବ୍ୟ ରଖୁଛନ୍ତି।

**ପୌରାଞ୍ଚଳସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା**

ନବରଙ୍ଗପୁର,୧୧।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଜ୍ଞାନ ମିଶନ (ଗୀତା ସୁଗୀତା କର୍ତ୍ତବ୍ୟା) ଆନୁକୁଲ୍ୟରେ ନବରଙ୍ଗପୁର ପୌରାଞ୍ଚଳସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରଜ୍ଞାନ ମିଶନ ସ୍ଥାନୀୟ ଉଦ୍ୟୋକ୍ତା କୁଞ୍ଜ ବିହାରୀ ଦାସ, ବିଷ୍ଣୁ ବ୍ରହ୍ମା, ମଧୁସୂଦନ ସାହୁ, ଝରଣା ପଟ୍ଟନାୟକ, ବିନୟ କର, ରବି ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିବର୍ତ୍ତନଶୀଳ ଜଗତରେ ଶ୍ରୀମଦ୍ ଭଗବଦ୍ ଗୀତା ହିଁ ବିପଥଗାମୀ ସମାଜକୁ ସୁପଥ ଦେଖାଇବ। ଏହାର ପ୍ରଚାର ପ୍ରସାର ଶିଶୁମାନଙ୍କ ଦ୍ୱାରା ଉତ୍ତମ ଭାବରେ ହୋଇ ପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ପଣ୍ଡିତ ଅଶୋକ ତ୍ରିପାଠୀ, ପବିତ୍ର ମିଶ୍ର, ପ୍ରଭାକର ସାହୁ, ତୁଳସୀରାମ ମହାନ୍ତ, ଡକ୍ଟର ଜଗନ୍ନାଥ ସ୍ୱାଇଁ , ଡକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର, ସଂସ୍କୃତ ଶିକ୍ଷୟିତ୍ରୀ ମୋନାଲିସା ମହାନ୍ତି, ଲୋପାମୁଦ୍ରା ଦାସ ଏବଂ ରଶ୍ମିତା ସାହୁ ବିଚାରକଭାବେ ଉପସ୍ଥିତ ଥିଲେ। ପୌରାଞ୍ଚଳର ବିଭିନ୍ନ ସ୍କୁଲ ଓ କଲେଜରୁ ୧୩୦ ଜଣ ପ୍ରତିଯୋଗୀ ଗୀତା ଆବୃତ୍ତି କରି ଥିଲେ। 'କ' ବିଭାଗରେ ନବରଙ୍ଗପୁର ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରର ସ୍ୱାଗତିକା ମହାପାତ୍ର, 'ଖ'ରେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୁରଜ ସିଂ, 'ଗ' ରେ ସ୍ଥାନୀୟ ଟେକ୍ନୋ ଗୁରୁକୁଳ ମହାବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ ଛାତ୍ର ଏମ୍. ସୂର୍ଯ୍ୟ ପ୍ରକାଶ ନାଇଡୁ ଏବଂ 'ଘ' ବିଭାଗରେ ବିନୋଦ ବିହାରୀ ମହାବିଦ୍ୟାଳୟର ପ୍ରିୟଙ୍କା ନାୟକ ପ୍ରଥମ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲାପାଳ ପୁରସ୍କୃତ କରିଛନ୍ତି। ସେମାନେ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ସରସ୍ୱତୀ ଜ୍ଞାନ ମନ୍ଦିରର ଗୁରୁମା ଗୁରୁଜୀ, ରାଜା ଚୈତନ୍ୟ ଦେବ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକଙ୍କ ସହଯୋଗ କରିଥିଲେ।

## ଟ୍ରାକ୍ଟର ଓଲଟି ହେଲ୍‌ପର ମୃତ, ଡ୍ରାଇଭର ଆହତ

ଲମତାପୁଟ,୧୧।୧୧(ଭକ୍ତ ରାମ ବାଙ୍କିଆ)

ମାଛକୁଣ୍ଡ ଥାନା ଅନ୍ତର୍ଗତ ଆଲଙ୍ଗପଡ଼ା ବ୍ରିଜ ନିକଟରେ ରବିବାର ଟ୍ରାକ୍ଟର ଓଲଟି ହେଲପରଙ୍କ ମୃତ୍ୟ ହୋଇଥିବା ବେଳେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଜୟପୁଟସ୍ଥିତ ବାରିଣୀପୁଟ ଅଞ୍ଚଳର ବି. ମାଲିଗୁଡା ଅଞ୍ଚଳରୁ ସିମେଣ୍ଟ ୱାଲ ଲୋଡ୍ କରି ୨ ଜଣ ଯୁବକ ମାଛକୁଣ୍ଡ ଅଞ୍ଚଳକୁ ଏକ ଟ୍ରାକ୍ଟର ଯୋଗେ ଯାଉଥିଲେ। ଆଲଙ୍ଗପଡା ବ୍ରିଜ ନିକଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ବି.ମାଲିଗୁଡା ଅଞ୍ଚଳର ଗଙ୍ଗା ମାଳି(ହେଲପର୍)ଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଲମତାପୁଟ ପୋଲିସ ଘଟଣାର ତଦନ୍ତ କରି ଟ୍ରାକ୍ଟର ଡ୍ରାଇଭରଙ୍କୁ ଲମତାପୁଟ ଫାଣ୍ଡିରେ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ମାଛକୁଣ୍ଡ ପୋଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ମନ୍ଦିରରୁ ଫେରିବାବେଳେ ଦୁର୍ଘଟଣା

**୩ ଗୁରୁତରଙ୍କ ସମେତ ୧୩ ଆହତ**

ଡାବୁଗାଁ, ୧୧।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବପୀଠ ନିକଟରେ ଅଟୋ ଓଲଟି ୧୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, କାର୍ତ୍ତିକ ଶେଷ ସୋମବାରରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧୀନ ନୂଆଗାଁର ୨ ପରିବାରର ୧୩ ଜଣ ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବ ପୀଠକୁ ଠାକୁରଙ୍କ ଦର୍ଶନ ପାଇଁ ଆସିଥିଲେ। ପରେ ଝରିଗାଁ ବ୍ଲକ ଅଧୀନ ଚନ୍ଦନଧାରା ଯାଇଥିଲେ। ସେଠାରୁ ରାତି ପ୍ରାୟ ୭ରେ ଏକ ଅଟୋ ନଂ (ଓଡି-୧୦ଏ-୦୧୬୧) ଯୋଗେ ଫେରୁଥିବାବେଳେ କେଲିଆ ଶୈବପୀଠ ନିକଟ ଉଠାଣି ଉପରେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡିରେ ଥିବା ସୁନାଧର ହରିଜନ (୩୫), ଦହଣା ହରିଜନ (୩୫), ରାହୁଲ ହରିଜନ (୧୭), ସୁଇଟି ହରିଜନ (୭), ଯୁବରାଜ ହରିଜନ (୮), ମିତ୍ରମଣି ହରିଜନ (୩୮), ଶ୍ରୀୟା ହରିଜନ (୧୪), ସୁମିତ ହରିଜନ (୪୦), ପ୍ରମିଳା ହରିଜନ (୨୬), ସନ୍ଧ୍ୟା ହରିଜନ (୩୦), ଗୋମତୀ ହରିଜନ (୪୦), କବିତା ହରିଜନ (୨୫) ଓ ସୁନୀଲ ହରିଜନ (୨୭) ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୁଇଟି, ରାହୁଲ ଓ ପ୍ରମିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଡାବୁଗାଁ ଥାନା ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ପୋଡ଼ି ହୋଇ ବୃଦ୍ଧା ଗୁରୁତର

ପାପଡ଼ାହାଣ୍ଡି, ୧୧।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗାଦବାକତ୍ରା ଗ୍ରାମରେ ନିଆଁରେ ପୋଡି ହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ସାରାବଣି ହରିଜନ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏକ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟା ୭ଟାରେ ସାରାବଣି ଭାତ ଗାଳିବା ସମୟରେ ଚୁଲିରୁ ଶାଢ଼ିରେ ନିଆଁ ଲାଗିଯାଇଥିଲା। ସେ ପୋଡ଼ି ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

## ମାଣ୍ଡିଆ ଚାଷରେ କୋରାପୁଟ ଜିଲାକୁ ଶ୍ରେଷ୍ଠ ସମ୍ମାନ


ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲାପାଳଙ୍କୁ ସମ୍ମାନିତ କରୁଛନ୍ତି।

**ଶ୍ରୀଅନ୍ନ ଅଭିଯାନ**

କୋରାପୁଟ,୧୧।୧୧(ଅମିତାଭ ବେହେରା)

ଶ୍ରୀଅନ୍ନ ଅଭିଯାନରେ କୋରାପୁଟ ଜିଲା ପାରମ୍ପରିକ ମାଣ୍ଡିଆ ଚାଷ, ଉତ୍ପାଦନ ଏବଂ ଖାଦ୍ୟ ବ୍ୟବହାରରେ ଶ୍ରେଷ୍ଠ ପରିଗଣିତ ହୋଇଥିବାରୁ ରବିବାର ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଖାଦ୍ୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସମ୍ମାନିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଜିଲାପାଳଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ବିଭାଗୀୟ ସଚିବମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ୪ ଲକ୍ଷ ୨୨ ହଜାର ୦୬୮ ହେକ୍ଟର ଜମିରେ ଚାଷ କରାଯାଉଥିବା ବେଳେ ସେଥିରୁ ପ୍ରାୟ ୩୦ ହଜାର ଚାଷୀ ମାଣ୍ଡିଆ ଚାଷ କରୁଥିବା ଜଣାଯାଇଛି। ବର୍ତ୍ତମାନ ମାଣ୍ଡିଆ କି.ଗ୍ରା. ପ୍ରତି ଦର ୪୨.୯୦ ଟଙ୍କା ରହିଛି। ଭଲ ଦର ଥିବାରୁ ଜିଲାର ଅଧିକାଂଶ ଚାଷୀ ଧାନ ବଦଳରେ ମାଣ୍ଡିଆ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖାଯାଇଛି।

## ଜରାଜୀର୍ଣ୍ଣ ଅବସ୍ଥାରେ ଏମ୍‌ଭି-୧୧୯ ଅଙ୍ଗନୱାଡି କେନ୍ଦ୍ର

**ଦୁର୍ଦ୍ଦଶା ଭୋଗୁଛନ୍ତି କୋମଳମତି ଶିଶୁ, କର୍ମୀ**

କୋରୁକୋଣ୍ଡା, ୧୧।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୁରୁଣା ଚିମ୍‌ଟାପାଲ୍ଲୀ ପଞ୍ଚାୟତ ଏମ୍‌ଭି-୧୧୯ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଜରାଜୀର୍ଣ୍ଣ ଓ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସରକାରଙ୍କ ପକ୍ଷରୁ ୨୦୦୮ରେ ଏହି କେନ୍ଦ୍ର ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ଏଠାରେ ଶୂନ୍ୟରୁ ୫ବର୍ଷ ମଧ୍ୟରେ ୩୩ ଜଣ ଶିଶୁ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ୧୯ ଜଣ ଶିଶୁ ଏଠାରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ଦୀର୍ଘବର୍ଷ ପୂର୍ବେ ନିର୍ମାଣ ହୋଇଥିବା କେନ୍ଦ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ଷାଦିନେ ଛାତରୁ ପାଣି ଗଳିବା ସହ କାନ୍ଥରୁ ପ୍ଲାଷ୍ଟର ଖସି ପଡୁଥିଲା। ଚଟାଣ ଓ ନୂତନ ଭାବେ ନିର୍ମାଣ ହୋଇଥିବା ରୋଷେଇଘର ଓ ଶୌଚାଳୟ କଥା ନ କହିବା ଭଲ। ଏନେଇ ଗ୍ରାମବାସୀ ଓ ଅଙ୍ଗନୱାଡି କର୍ମୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ୍ ପ୍ରଶାସନ ଓ ସୁପରଭାଇଜର ଏବଂ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା କେତେଜଣ ଗ୍ରାମବାସୀ ଓ ଅଙ୍ଗନୱାଡି କର୍ମୀ କହିଛନ୍ତି।


ଅଙ୍ଗନୱାଡି କେନ୍ଦ୍ର ଗୃହ ଠିକ୍ ନ ଥିବାରୁ ପିଲାମାନେ ବାରଣ୍ଡାରେ ପଢୁଛନ୍ତି ।)

ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା କୋରୁକୋଣ୍ଡା ବ୍ଲକ୍ କନିଷ୍ଠଯନ୍ତ୍ରୀ କାରିଆ ପୂର୍ତ୍ତି ୨୦୨୩ ନଭେମ୍ବରରେ କେନ୍ଦ୍ରରେ ପହଞ୍ଚି ଉକ୍ତ ଗ୍ରାମର ଝୁଣ୍ଟୁ ଓଝା ବିନା ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କୁ କେନ୍ଦ୍ର ଛାତ ଗ୍ରେଡିଂ, ପ୍ଲାଷ୍ଟର ଛଡ଼ାଇ ନୂତନ ଭାବେ କରିବା ସହ ଚଟାଣ ଫ୍ଲୋରିଂ ଓ ଟାଇଲ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ଦେଢ଼ ଲକ୍ଷ ଟଙ୍କାରେ ସମସ୍ତ କାମ କରିବାକୁ କହିଥିଲେ। ଏହା ପରେ ଠିକାଦାର ଝୁଣ୍ଟୁ ବିନା କାର୍ଯ୍ୟାଦେଶ, ଏଷ୍ଟିମେଟ୍‌ରେ କନିଷ୍ଠ ଯନ୍ତ୍ରୀଙ୍କ କହିବାନୁସାରେ ମରାମତି କାର୍ଯ୍ୟ କରିଥିଲେ। ଦୀର୍ଘ ମାସ ହେବ ଏହି କେନ୍ଦ୍ରର ଚଟାଣ ଖୋଳାହୋଇ ପଡ଼ି ରହିଛି। ଫଳରେ ଶିଶୁମାନେ ଏଠାରେ ବସି ପାଠ ପଢ଼ିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ଠିକାଦାର ଝୁଣ୍ଟୁଙ୍କୁ ପଚାରିବାରୁ କନିଷ୍ଠଯନ୍ତ୍ରୀ ପୂର୍ତ୍ତିବାବୁ ମୋତେ ଏହି କେନ୍ଦ୍ର ମରାମତି କରିବାକୁ କହିଥିଲେ, ହେଲେ ମୁଁ ଏବେ ସୁଦ୍ଧା ଯେତିକି କାମ ସାରିଲାଣି ମୋତେ ସେ ଟଙ୍କା ଦେଉନାହାନ୍ତି ବରଂ ମୋଠାରୁ ପ୍ରାୟ ୫/୬ହଜାର ଟଙ୍କା ମାଗି ନେଇଛନ୍ତି। ବିଲ୍ ମାଗିଲେ ଏହି କାମ ପାଇଁ ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ କୌଣସି ଅନୁଦାନ ଆସିନାହିଁ। ତୁମେ କାମ ସାର, ମୁଁ ପରେ ବ୍ୟବସ୍ଥା କରି ତମ ବିଲ୍ କରିଦେବି ବୋଲି କହିଛନ୍ତି ।

ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରାଧେଶ ମାଡକାମୀ ଓ ସମିତିସଭ୍ୟା ମଦନା ପାମିୟାଙ୍କୁ ପଚାରିବାରୁ ଆମମାନଙ୍କର ଅଜାଣତରେ ଏହି କାମ କନିଷ୍ଠଯନ୍ତ୍ରୀ ପୂର୍ତ୍ତି ନିଜ ମନ ଇଚ୍ଛାରେ କରିଛନ୍ତି। ଏହି କାମ ବାବଦରେ ପଞ୍ଚାୟତକୁ କୌଣସି ଅନୁଦାନ ଏ ପର୍ଯ୍ୟନ୍ତ ଆସିନାହିଁ ବୋଲି କହିଛନ୍ତି।

ଏ ସମ୍ପର୍କରେ ବ୍ଲକର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ପୂର୍ବରୁ ଅବଗତ ଅଛି। ଏହି କେନ୍ଦ୍ରର ମରାମତି ପାଇଁ କୌଣସି ଆଲର୍ଟମେଣ୍ଟ ନାହିଁ। କନିଷ୍ଠ ଯନ୍ତ୍ରୀ ପୂର୍ତ୍ତି କାହା ଅନୁମତି ନ ନେଇ ଠିକାଦାରଙ୍କ ସହ ସଲାସୁତୁରା ହୋଇ ଏଭଳି କାର୍ଯ୍ୟ କରିଛନ୍ତି। ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ବିଡିଓଙ୍କୁ ଜଣାଇଛି ବୋଲି କହିଛନ୍ତି। ଏହି ଘଟଣା ସମ୍ପର୍କରେ କୋରୁକୋଣ୍ଡା ବିଡିଓ ସୁଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ଏହି ଘଟଣାର ଉପଯୁକ୍ତ ତଦନ୍ତକରି ତୁରନ୍ତ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ କାଇରା ପୂର୍ତ୍ତିଙ୍କୁ ପଚାରିବାରୁ ଏହି କାମ କରିବାକୁ ସେ ଝୁଣ୍ଟୁ ନାମକ ଠିକାଦାରଙ୍କୁ କରିବାକୁ କହିଥିଲେ ବୋଲି ସ୍ୱୀକାର କରିଛନ୍ତି । ସୂଚନାଯୋଗ୍ୟ, କନିଷ୍ଠଯନ୍ତ୍ରୀ ପୂର୍ତ୍ତିଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବା ଜଣାପଡ଼ିଛି।

# ତଳକୁ ଧସୁଛି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ

ମାଲକାନଗିରି,୧୧।୧୧(ଦୁର୍ଯ୍ୟୋଧନ ପାତ୍ର)

ତଳକୁ ଧସିବାରେ ଲାଗିଛି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ। ୭ ମହଲା ବିଶିଷ୍ଟ ଏହି ଚିକିତ୍ସାଳୟର ଅନେକ ସ୍ଥାନ ମାଟି ଭିତରକୁ ଧସିବା ସହ ଚିକିତ୍ସାଳୟଟି ତଳକୁ ଦବି ଯାଉଥିବା ଦେଖିବାକୁ ମିଳିଛି। ବିରାଟକାୟ ଚିକିତ୍ସାଳୟରେ ତଳ ମହଲାର ବିଭିନ୍ନ ସ୍ଥାନରେ ମାଟି ଦବି ନିର୍ମାଣ ହୋଇଥିବା ଗୃହର କିଛି ଅଂଶ ମଧ ମାଟି ଭିତରକୁ ଦବି ଯାଇଥିବା ଦେଖାଯାଇଛି। ଫଳରେ ଚିକିତ୍ସାଳୟଟି ବିପଦପୂର୍ଣ୍ଣ ଭାବେ ତଳକୁ ଦବିବାରେ ଲାଗିଥିବା ବେଳେ ଏହାର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ଏଠାରେ ସହ ସହ ସଂଖ୍ୟାର ରୋଗୀ ଆସୁଥିବାବେଳେ ସେମାନଙ୍କୁ ସେବା ଯୋଗାଇବା ପାଇଁ ଶତାଧିକ ଡାକ୍ତର,



ଘର ଭିତର ଅଂଶ ଦବିଥିବା ଚଟାଣ ।

ସ୍ୱାସ୍ଥ୍ୟ କର୍ମୀ ଓ ବିଭିନ୍ନ କର୍ମଚାରୀ ନିୟୋଜିତ ଅଛନ୍ତି। ଏପରି ସ୍ଥିତିରେ ଯଦି ଜିଲା ଚିକିତ୍ସାଳୟ ଧସିବାରେ ଲାଗେ ତେବେ ଏହା ବିପଦକୁ ଆମନ୍ତ୍ରଣ ସଦୃଶ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଏନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଏହା ସହ ସେ କହିଛନ୍ତି, ଗତ ୬ ମାସଧରି ଆମେ ଅନୁଭବ କରୁଛୁ କି ଚିକିତ୍ସାଳୟର ତଳ ଫ୍ଲୋର ଦାବିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଏପରି ମାଟି ଧସି ଯାଇଥିବା ବେଳେ ପୂର୍ବରୁ ଏନେଇ ଆରଆଣ୍ଡବି ବିଭାଗକୁ ଅବଗତ କରାଯାଇଥିଲା। ଏହାପରେ ବିଭାଗ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। କିନ୍ତୁ କିଛିଦିନ ପରେ ପୁଣି ବିଭିନ୍ନ କକ୍ଷ ଫ୍ଲୋର ଧସିଯାଇଥିବା ବେଳେ ଏହାକୁ ପୁନଃ ମରାମତି ପାଇଁ ବିଭାଗକୁ ଚିଠି କରାଯାଇଛି। ତୁରନ୍ତ ଏହାର ମରାମତି ଦିଗରେ ପଦକ୍ଷେପ ନେବାକୁ ଦାସ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ।

# ବିପୁଳ ମାଓବାଦୀ ସାମଗ୍ରୀ, ବିସ୍ଫୋରକ ଜବତ


ଜବତ ବିସ୍ଫୋରକ ।

ମାଲକାନଗିରି,୧୧।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀ ବିଏସ୍ଏଫ କ୍ୟାମ୍ପର ବିଏସ୍ଏଫ ଯବାନ ଓ ସ୍ପେଶାଲ ଅପରେଶନ ଟିମ୍ ପକ୍ଷରୁ କୋମ୍ବିଂ ବେଳେ ରବିବାର ଆରଲିପଡ଼ା ଓ ଟାବେର ଗ୍ରାମ ରାସ୍ତାରେ ବହୁ ବିସ୍ଫୋରକ ଓ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ସେଗୁଡ଼ିକ ମଧ୍ୟରେ ମାଟି ତଳେ ପୋତା ଯାଇଥିବା ୫୬ ଜିଲୋଟିନ ଷ୍ଟିକ୍, ୧୩ ଇଲେକ୍ଟ୍ରିକ ଡେଟୋନେଟର, ୩୦ ମିଟର କୋଡ଼େକ୍ସ ତାର, ୩୦ ମିଟର ଇଲେକ୍ଟ୍ରିକ ତାର, ଗୋଟିଏ ବ୍ୟାଟେରି, ଗୋଟିଏ ଶିଡି, ୭ ମାଓବାଦୀ ପୁସ୍ତିକା ସମେତ ମୋଟ ୧୦ ପ୍ରକାରର ସାମଗ୍ରୀ ରହିଛି।

ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ବିଏସ୍ଏଫ୍ ରାୟପୁରସ୍ଥିତ ସ୍ୱତନ୍ତ୍ର ମହାନିର୍ଦ୍ଦେଶକ, ଓଡ଼ିଶା ବିଏସ୍ଏଫ ଆଇଜି ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଏସ୍ଏଫ ପକ୍ଷରୁ ଜିଲାର ବିଭିନ୍ନ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କୋମ୍ବିଂ କରାଯାଇଥିଲା।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋରୁକୋଣ୍ଡା,୧୧।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା-ଜୟପୁର ମୁଖ୍ୟ ରାସ୍ତା ତଥା ଚିତ୍ରକୋଣ୍ଡା ଛକ ନିକଟ ବୁଲାଣି ରାସ୍ତା ପାର୍ଶ୍ୱରେ ଥିବା ଲୁହା ସୁରକ୍ଷା ପାଚେରିରେ ଭାରସାମ୍ୟ ହରାଇ ବାଇକ୍ (ନମ୍ବର-ଓଡି -୩୦-ଇ -୮୧୯୧) ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ ବାଇକ୍ ଆରୋହୀ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ସୌଭାଗ୍ୟ କୁମାର ହୁଇ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ବାଲିମେଳା ସହରର ୧ ନମ୍ବର ୱାର୍ଡରେ ରହୁଥିବା ଅରୁଣ ବାଘ(୨୩)। ଏ ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନଂ. ୩୫୪/୨୪ରେ ଏକ ମାମଲା ରୁଜୁକରାଯିବା ସହ ଏସ୍ଆଇ ସଞ୍ଜିତ କୁମାର ଟାକ୍ରୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅରୁଣଙ୍କ ମୃତଦେହ ଓ ବାଇକ୍ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍ଆଇ ଟାକ୍ରୀ ସୂଚନା ଦେଇଛନ୍ତି। ଅରୁଣ ବାଲିମେଳା ଛକ ନିକଟରେ ଥିବା ପେଟ୍ରୋଲ ଟାଙ୍କିରେ କାମ କରନ୍ତି।

### ମୌଲାନା ଅବୁଲ କଲାମଙ୍କ ଜନ୍ମଦିନ ପାଳନ

ମାଥିଲି, ୧୧।୧୧(ସୁବାଷ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲିରେ ସୋମବାର କଂଗ୍ରେସ ଦଳ ପକ୍ଷରୁ ଭାରତ ରତ୍ନ ତଥା ପ୍ରଥମ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ ସ୍ମୃତିରଞ୍ଜନ ପାଢୀଙ୍କ ନେତୃତ୍ୱରେ ପାଳିତ ହୋଇଥିଲା। ମୌଲାନା ଆଜାଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ଯୁବନେତା ବାଲାରାଜୁ କପେ, ଏମ. ଡି. ଆକବର, ଉମାକାନ୍ତ ସାହୁଙ୍କ ସମେତ ବି. ଆରୁଣା କୁମାରୀ, ଗୁପ୍ତେଶ୍ୱର ରାଓ କୈଳାସ ଚନ୍ଦ୍ର ସାହୁ, ଦିଲସାଦ ବିବି ଏବଂ ବହୁ କଂଗ୍ରେସ ନେତ୍ରୀ ଓ ନେତା ଯୋଗ ଦେଇଥିଲେ ।

### ପାଣିରେ ପଡ଼ି ନାବାଳକ ମୃତ

ପଡିଆ,୧୧।୧୧(ଭାସ୍କର ରାଓ)

ପଡିଆ ମରୁମ ଗୁଡାଠାରୁ ପାଲାଗୁଡା ଯିବା ରାସ୍ତା କଲଭର୍ଟ ତଳେ ଥିବା ପାଣିରେ ପଡି ଜଣେ ୭ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଡିଆ ସଦର ଗ୍ରାମର ବାତିନ ଆକାଶ ରାଓଙ୍କ ବାତିନ ଅମୃତ ରାଓ । ପଡିଆ ଅଗ୍ନିଶମ ବାହିନୀ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମତା ପିତା ଦୁହେଁ ପାଲାଗୁଡା ଗ୍ରାମ ନିକଟ ଜମିକୁ ଧାନ କାଟିବାକୁ ଯାଇଥିଲେ। ଅପରାହ୍ନରେ ଅମୃତ ସେଠାକୁ ଯାଉଥିବା ବେଳେ କଲଭର୍ଟ ତଳେ ଥିବା ଖାଲରେ ପଡିଯାଇ ଆଉ ଉଠି ପାରି ନ ଥିବାରୁ ଏପରି ଅଘଟଣ ଘଟିଛି।

### କାଠ କିଣିବାକୁ ଆସି ବ୍ୟବସାୟୀ ନିଖୋଜ

ପଟ୍ଟାଙ୍ଗି,୧୧।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓପଟ୍ଟାଙ୍ଗି ଅଞ୍ଚଳକୁ ଜୟପୁରର ଜଣେ ବ୍ୟବସାୟୀ କାଠ କିଣିବାକୁ ଆସି ନିଖୋଜ ହୋଇଥିବା ପରିବାର ଲୋକେ ଜୟପୁର ପୋଲିସରେ ଅଭିଯୋଗ କରିଛନ୍ତି। ସେପଟେ ଦେଓପଟ୍ଟାଙ୍ଗି ଅଞ୍ଚଳଟି ପଟ୍ଟାଙ୍ଗି ଥାନା ଅଧିନରେ ରହିଥିବା ବେଳେ ପରିବାର ସଦସ୍ୟ ଉକ୍ତ ଥାନାର ଦ୍ୱାରସ୍ଥ ହୋଇ ସହାୟତା ମାଗିଥିବା ବେଳେ ଜୟପୁର ଓ ପଟ୍ଟାଙ୍ଗି ପୋଲିସ ମିଳିତ ଭାବେ ନିଖୋଜ ବ୍ୟବସାୟୀଙ୍କୁ ଠାବ କରିବାକୁ ଉଦ୍ୟମ କରୁଛି। ପ୍ରକାଶ ଯେ, ଜୟପୁର ମାଦଳାସାହିର ରାଧାକୃଷ୍ଣ ମହାପାତ୍ର ରବିବାର ବାଇକ୍(ଓଡି ୧୦କ୍ୟୁ ୮୬୨୨) ଯୋଗେ ଦେଓପଟ୍ଟାଙ୍ଗି ଅଞ୍ଚଳରେ ପହଞ୍ଚି ଗଛ କାଠ କିଣିବା ଲାଗି ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ୟବସାୟୀ ମହାପାତ୍ରଙ୍କ ସହ ପରିବାର ଲୋକେ ଫୋନରେ କଥାବାର୍ତ୍ତା ହୋଇଥିଲେ। କିନ୍ତୁ ଉପରୋକ୍ତ ସମୟପରେ ପୁଣିଥରେ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ ତାହା ବନ୍ଦ ରହିଥିଲା, ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଏନେଇ ପଟ୍ଟାଙ୍ଗି ଥାନ ଅଧିକାରୀ ଚତୁର୍ଭୁଜ ନାୟକଙ୍କୁ ପଚାରିବାରୁ ଦେଓପଟ୍ଟାଙ୍ଗି ଅଞ୍ଚଳର ଯେଉଁ ଲୋକଙ୍କ ପାଖକୁ କାଠ କିଣିବା ପାଇଁ ଆସିଥିଲେ ସେହି ଲୋକମାନଙ୍କୁ ଡାକି ପଚରାଉଚରା କରାଯିବାରୁ କାଠ କିଣିବାକୁ ରାଧାକୃଷ୍ଣ ମହାପାତ୍ର ଆସିଥିଲେ। କିନ୍ତୁ ଆଲୋଚନା କରି ଫେରି ଯାଇଥିବା ନେଇ ସେମାନେ କହିଥିବା ନାୟକ ସୂଚନା ଦେଇଛନ୍ତି ।

# ୭ ଘଣ୍ଟାରେ ଜାତୀୟ ରାଜପଥରୁ ହଟିଲା ମୃତଦେହ



ସ୍ଥାନୀୟ ରେଡକ୍ରସ୍ ପକ୍ଷରୁ ମୃତ ସର୍ବେଶ୍ୱରଙ୍କ ବାପାଙ୍କୁ ୧୦ହଜାର ସହାୟତା ରାଶି ପ୍ରଦାନ କରାଯାଉଛି।

ପଟ୍ଟାଙ୍ଗି,୧୧।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପଡାଲଗୁଡା ଛକରେ ରବିବାର ରାତିରେ ଘଟିଥିବା ଦୁର୍ଘଟଣାରେ ଜଣେ କାର୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ୭ ଘଣ୍ଟା ପରେ ରାଜପଥରୁ ମୃତଦେହ ହଟିଥିଲା। ଉଭୟ ଆନ୍ଧ୍ର ଏବଂ ଛତିଶଗଡ଼ ଦୁଇ ରାଜ୍ୟକୁ ଯିବାକୁ ଅଟକି ଥିବା ସମସ୍ତ ଭାରିଯାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ରବିବାର ରାତି ୮ଟା ୩୦ରେ ପଡାଲଗୁଡା ଛକ ନିକଟରେ ଓମିନି କାର୍ ସହ ଏକ ଟ୍ରେଲରର ଧକ୍କା ହୋଇଥିଲା। ଏଥିରେ କାର ଚାଳକ ସର୍ବେଶ୍ୱର ପଡାଲଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ବୁଝି ନ ଥିଲେ। ଶେଷରେ ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଓ ଅନ୍ୟମାନେ ପହଞ୍ଚି ଗ୍ରାମବାସୀ ଓ ଭଦ୍ରବ୍ୟକ୍ତିଙ୍କ ସହିତ ଆଲୋଚନା କରି ରାତି ପ୍ରାୟ ୪ଟା ୩୦ରେ ସମସ୍ୟା ସମାଧାନ ହୋଇଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରେଲର ଛାଡ଼ି ଚାଲି ଯାଇଥିବା ଡ୍ରାଇଭରଙ୍କୁ ଠାବ କରିବାଠାରୁ ଆରମ୍ଭ କରି ବୀମା କ୍ଷତିପୂରଣ ପର୍ଯ୍ୟନ୍ତ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାଜପଥରୁ ମୃତଦେହ ଉଠିଥିଲା। ଏ ନେଇ ନଂ ୧୨୬/୨୪ରେ ମାମଲା ରୁଜୁ ହୋଇଛି। ୧୨୬/୨୪ରେ ମାମଲା ରୁଜୁ ହୋଇଛି।

# ଚକ୍ଷୁପରୀକ୍ଷା ଶିବିର

ଦାମନଯୋଡ଼ି,୧୧।୧୧(ମାନସ ରଞ୍ଜନ କର)

କୋରାପୁଟ ବ୍ଲକ କେନ୍ଦାର ପଞ୍ଚାୟତ ଉପର ମାଗ୍ରୀ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ପକ୍ଷରୁ ଏକ ଚକ୍ଷୁପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦାର ଓ ମାନବାର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୪୨ଜଣଙ୍କ ଚକ୍ଷୁପରୀକ୍ଷା କରାଯାଇଥିଲା। ୧୬ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ, ୭ ଜଣଙ୍କ ଚଷମା ପରୀକ୍ଷା, ଜଣଙ୍କୁ କୋରାପୁଟ ରେଫର୍ ଓ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ, ଚାଳିଶିଆ ଚଷମା ବଣ୍ଟନ ସହ ରକ୍ତଚାପ ଓ ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସୁମନ କୁମାର ଟପ୍ପୋ, ବିପିଏମ୍ ନୂତନ ସିଂ ଓ ପିଏଚଇଓ ବିଜୟ ଖିଲଙ୍କ ନେତୃତ୍ୱରେ ସିଏଚଓ ପ୍ରିୟଙ୍କା




ପଣ୍ଡା ଓ ସାସ୍ଥ୍ୟକର୍ମୀ ଈଶ୍ୱରୀ ପାତ୍ର ପରିଚାଳନା କରିଥିଲେ। ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁପରୀକ୍ଷା କରିଥିଲେ। ଆଶାକର୍ମୀ ଚିନ୍ତାମଣି ପରଜା,ରତ୍ନମଣି ସୂର୍ଯ୍ୟ,କମଳା ଜାନି, ରମା ଦିଶାରୀ,ଭଗବତୀ ମାଝୀ, ଟିଙ୍କିକା ସୁନା ଓ ହସମତି ବେନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ଅଭିଯୋଗ ଶୁଣିଲେ ବିଡିଓ


ସମସ୍ୟା ସମାଧାନ ନେଇ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦଶମନ୍ତପୁର, ୧୧।୧୧(ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧି ସେବକେନ୍ଦ୍ରରେ ପଞ୍ଚାୟତସ୍ତରୀୟ ସଚେତନତା ଓ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ରାଓ, ବିଡିଓ ମିଳନ କୁମାର ଝାଙ୍କର, ବ୍ଲକ ଶିକ୍ଷାଧିକାରୀ ଦୟାସିନ୍ଧୁ ବାଘ, ଜିପିଡିଓ ବେଦାବ୍ୟାସ ହରପାଳ, ସ୍ଥାନୀୟ ସରପଞ୍ଚ ସବାଇ ଜନି, ସମିତି ସଭ୍ୟା ମଧୁସ୍ମିତା ବାଘ, ଏଡିଇଓ ବିକାଶ କୁମାର ବିଡ଼ିକା, ଏପିଓ ମାସିଦାସ ଖସଲା ଓ ବିପିସି ରଜତ କୁମାର ବିଡ଼ିକାଙ୍କ ସହ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ଶିବିରରେ ୩ ବ୍ୟକ୍ତିଗତ ଓ ୧୦ ସାମୁହିକ ଅଭିଯୋଗର ଶୁଣାଣି ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଦ ବ୍ୟାପାର ଏବଂ ପଞ୍ଚାୟତ ଷ୍ଟଲ ଚୟନକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ଏଥିସହ ହଟୋଇଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଖୁବଶୀଘ୍ର କରିବା ନେଇ ବିଡିଓ ଝାଙ୍କର ପଞ୍ଚାୟତ ଅଧିକାରୀ ରାଓଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଯୋଗାଣ ସହାୟକ ଆଶିଷ କୁମାର ଖୁରା ଏବଂ ମୋହନ ଗରଡ଼ା ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ପରବ ଉଦ୍‌ଘାଟିତ

କୋରାପୁଟ/ ବୋରିଗୁମ୍ମା,୧୧।୧୧
(ଅମିତାଭ ବେହେରା/ ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିଜାପୁର ପଞ୍ଚାୟତରେ ସୋମବାର ପରବ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ବିଜାପୁର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିରାଟ ପଟୁଆର ଓ ବାଜା ବାଜଣା ସହ ମଶାଲ ବଣ୍ଡାଗୁଡାସ୍ଥିତ ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲା। ଏଥିରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ସାମିଲ ହୋଇ ଗ୍ରାମବାସୀଙ୍କ ସହ ନାଚିଥିବା ଦେଖିବାକୁ ମିଳିଛି। ଗାଁର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ 'ପରବ' ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନୀଳାବତୀ ଯାନୀ ନାୟକ ସରପଞ୍ଚ ମହୁଲି ମୁଦୁଲି, ସମିତିସଭ୍ୟ ଭାଗିରଥି ମୁଦୁଲି, ୱାର୍ଡମେମ୍ବର ବଳରାମ ଗୌଡ଼, ରାମ ଯାନୀ, ଅଲେଖ କୁମାର ନାୟକ, ସାବିତ୍ରୀ କାକୁଡ, ଶଶୀକାନ୍ତ ପାତ୍ର, ଧନୁର୍ଜୟ ପେଣ୍ଠିଆ, କୃଷ୍ଣ ଯାନୀ, ଚନ୍ଦ୍ର ଯାନୀ, ରମେଶ ଗୋଲାରି ବାଲିଭଦ୍ର ଗୌଡ଼, ସଦନ କୁମାର, କ୍ଷେତ୍ର ମୁଦୁଲ, ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।



ପରବ ମଶାଲ ମନ୍ଦିରକୁ ନିଆଯାଉଛି।

# ଶ୍ରୀ ଜଲାରାମ ବାପାଙ୍କ ଜୟନ୍ତୀ

ଜୟପୁର,୧୧।୧୧ (ପବନ ପାଣିଗ୍ରାହୀ)

ଜୟପୁର ହାଟ ସମ୍ମୁଖରେ ଗୁଜରାଟୀ ସମାଜ ପକ୍ଷରୁ ଭକ୍ତ ଶିରୋମଣି ଶ୍ରୀ ଜଲାରାମ ବାପାଙ୍କ ଜୟନ୍ତୀ ଜୀବରାମ ପଟେଲଙ୍କ ବାସଭବନରେ ସୋମବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଜୟପୁର ଓ କୋରାପୁଟର ସମସ୍ତ ଗୁଜରାଟୀ ସଭ୍ୟ, ଜୀବରାମ ପଟେଲ, ଲଖମସି ପଟେଲ, ଭିଖୁଭାଇ ରାଠୋର, ମହେଶ ଢୋଲକିଆ, ଚନ୍ଦୁଭାଇ ଚୌହାନ, ଭରତ ଚୌହାନଙ୍କ ସହ ସମସ୍ତ ପରିବାରର ସଭ୍ୟ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କୁନ୍ଦୁରା, ୧୧।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଭା ଗୃହରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜୟପୁର ଏସଡିପି ଓ ଅଙ୍କିତ ବର୍ମା ,ଜିଲା ଚିକିତ୍ସା ଅଧିକାରୀ ବି. କେ ମିଶ୍ର,ସିଡିଓ ଦେବାଶିଷ ପଟ୍ଟନାୟକ,ଏଡିଏମ୍ ଲଗ୍ନଜିତ ରାଉତ, ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରାରୁ ଜୟପୁର ବସ ସେବା ନେଇ ଅଭିଯୋଗ ହୋଇଥିବା ବେଳେ ଜିଲାପାଳ କୋରାପୁଟ ଆର୍‌ଟିଓଙ୍କୁ ଅତିଶୀଘ୍ର ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା କାମ ସ୍ଥାନରେ ସାଇନ ବୋର୍ଡ, ପ୍ରଧାନୀପୁଟ ନିକଟ ଘାଟି ରାସ୍ତାକୁ ସମତୁଲ କରିବା, ପାଡ଼ଁସି ନିକଟସ୍ଥ କୋଲାବ ବ୍ରିଜକୁ ଓସାର ଓ ତାର ବାଡ଼ ଦେବା, ଲିମା କୁଲ୍ଲୁ ନଦୀରେ ଆଡିବନ୍ଧ ନିର୍ମାଣ, ପାଡ଼ଁସି ଗ୍ରାମର ବ୍ଲକ୍ ଗ୍ରାଣ୍ଟ ପାଇଥିବା ଅନନ୍ତ ବିଦ୍ୟାପୀଠରେ ଶିକ୍ଷକ ନିଯୁକ୍ତି, ଜଗନ୍ନାଥ ମନ୍ଦିର ରାସ୍ତା ସମ୍ପୂର୍ଣ୍ଣ, ଶ୍ମଶାନ ସୌନ୍ଦର୍ଯ୍ୟକରଣ ଏବଂ ଶାସ୍ତ୍ରୀ ମୈଦାନରେ ବିପଦସଙ୍କୁଳ ଥିବା ବିଦ୍ୟୁତ ଟ୍ରାନ୍ସଫରମର ସ୍ଥାନାନ୍ତର ଆଦି ଅଭିଯୋଗ ହୋଇଥିଲା। ଏଥିରେ କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡି,ତହସିଲଦାର ବିନୋଦ ଚନ୍ଦ୍ର ନାୟକ, ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ଓ ସିଡିପିଓ ଆରତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବକେୟା ଟଙ୍କା ଦାବିରେ କାଠ ବ୍ୟବସାୟୀଙ୍କ ବିକ୍ଷୋଭ

ଜୟପୁର,୧୧।୧୧(ପବନ ପାଣିଗ୍ରାହୀ)

ଜୟପୁର ପେପରମିଲରେ ୯ ଭେଣ୍ଡର ବକେୟା ଟଙ୍କା ମ୍ୟାନେଜ୍‌ମେଣ୍ଟକୁ ଦାବି କରି ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୫ବର୍ଷ ହେବ ଭେଣ୍ଡରମାନେ ପେପରମିଲ ସହ ଜଡିତ ହୋଇ କଞ୍ଚାମାଲ ଯୋଗାଉଥିବା ବେଳେ ମ୍ୟାନେଜମେଣ୍ଟ ସେମାନଙ୍କ ୫କୋଟି ଟଙ୍କା ବାକି ରଖିଥିଲା। ମ୍ୟାନେଜମେଣ୍ଟ ଓ ଭେଣ୍ଡରଙ୍କ ମଧ୍ୟରେ କଞ୍ଚାମାଲ ଦେବାର ୭ ଦିନ ମଧ୍ୟରେ ଟଙ୍କା ଦିଆଯିବ ବୋଲି ଚୁକ୍ତିନାମା ହୋଇଥିଲା। ଭେଣ୍ଡରମାନଙ୍କୁ ମ୍ୟାନେଜମେଣ୍ଟ ଅଧା ଟଙ୍କା ଦେଇ କାମ ଚଲାଉଥିଲେ। କିନ୍ତୁ ୬ ମାସ ହେଲା ମ୍ୟାନେଜମେଣ୍ଟ କିଛି ଟଙ୍କା ନ ଦେବାରୁ ସୋମବାର ଭେଣ୍ଡରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଟ୍ରକ ଅଟକ ରଖି ଟଙ୍କା ଦିଅ ନଚେତ ଆମ କାଠ ଫେରାଅ ବୋଲି ଦାବି କରିଥିଲେ। ମ୍ୟାନେଜମେଣ୍ଟକୁ ବିଶ୍ୱାସ କରି କଞ୍ଚାମାଲ ଦେଉଥିଲୁ। ମ୍ୟାନେଜମେଣ୍ଟ ଅଧା ଟଙ୍କା ଦେଉଥିଲେ। କିନ୍ତୁ ଗତ ୬ମାସ ହେଲା ଟଙ୍କା ମାଗିଲେ ଏଡାଇ ଦେଉଛନ୍ତି। ଫଳରେ ଆମେ କଞ୍ଚାମାଲ କିଣୁଥିବା ଚାଷୀଙ୍କୁ ଟଙ୍କା ଦେଇ ପାରୁନାହୁଁ। ଦିଲ୍ଲୀରୁ ଏମ.କେ. ଗୁପ୍ତା ଆସିଛନ୍ତି ବୋଲି ଖବର ପାଇବା ପରେ ଆମେ ଅଭିଯୋଗ କରୁଛୁ କି ଯଦି ଆମକୁ ବକେୟା ୩ କୋଟି ୭୦ ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ନ ହେଲେ କଞ୍ଚାମାଲ ଫେରସ୍ତ କରିଦିଅନ୍ତୁ। ଫଳରେ ମିଲ ପରିସରରେ କଞ୍ଚାମାଲ ପଡି ଖତ ଖାଇଗଲାଣି। ଏଠାରୁ କଞ୍ଚାମାଲ ଉଠାଇ ନେଇ ସେମାନେ ବାହାରେ ବିକ୍ରି କରିବେ ବୋଲି ଦାବି କରିଥିଲେ। କଞ୍ଚାମାଲ ରକ୍ଷଣାବେକ୍ଷଣ କରୁଥିବା ଅଧିକାରୀ ବିଜୟ ବନ୍ଥ କହିଛନ୍ତି, ଆମେ ନା କଞ୍ଚାମାଲ ଦେବୁ ନା ଟଙ୍କା ଦେବୁ ବର୍ତ୍ତମାନ କିଛି ଦେଇ ହେବନାହିଁ। ମିଲ ଠିକ ଭାବରେ ଚାଲିଲେ ଆମେ ତୁମ ଟଙ୍କା ଧିରେ ଧିରେ ଦେଇଦେବୁ ବୋଲି କହିଛନ୍ତି। କିନ୍ତୁ ଭେଣ୍ଡରମାନେ ମ୍ୟାନେଜମେଣ୍ଟର କଥାକୁ ନ ମାନି ଆଜି ସମସ୍ୟାର ସମାଧାନ କରିବାକୁ ଜିଦ ଧରି ବସିଥିଲେ। ଏହି ଦାବିରେ ଭେଣ୍ଡର ବାବୁଲା ନାୟକ, କେବିକେ ଫାଇବର୍ସର ରମେଶ, ମହାଲକ୍ଷ୍ମୀ ଏଣ୍ଟରପ୍ରାଇଜେସର, ଖୁସି ଏଣ୍ଟରପ୍ରାଇଜେସ, ବି.କେ.ପି. ଟ୍ରେଡିଂ, ମଧୁସୂଦନ ଟ୍ରେଡର୍ସ, ସୁହାନୀ ଟ୍ରେଡର୍ସ, ପାଟଣେଶ୍ୱରୀ ଆଗ୍ରୋ ଇଣ୍ଡଷ୍ଟ୍ରି, ସୁମିତ ଏଣ୍ଟର ପ୍ରାଇଜେସର ମାଲିକମାନେ ଉପସ୍ଥିତ ଥିଲେ। ଏନେଇ ମେନେଜମ୍ୟାଣ୍ଟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଧାରଣା

## ହଷ୍ଟେଲରେ ନିମ୍ନମାନର ଖାଦ୍ୟ,ପିଇବା ପାଣି ସମସ୍ୟାକୁ ନେଇ ଅସନ୍ତୋଷ

ସୁନାବେଡା/ସେମିଳିଗୁଡା,୧୧।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡା କ୍ୟାମ୍ପସରେ ପିଇବା ପାଣି ସମସ୍ୟାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସୋମବାର କ୍ୟାମ୍ପସ ମୁଖ୍ୟ ଫାଟକ ଆଗରେ ଗେଟ୍ ବନ୍ଦକରି ଧାରଣାରେ ବସିଥିଲେ। ବିଭିନ୍ନ ସମୟରେ ହଷ୍ଟେଲରେ ନିମ୍ନମାନର ଖାଦ୍ୟ ସାଙ୍ଗକୁ ଅନେକ ସମୟରେ ପିଇବା ପାଣି ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ବିଶ୍ୱବିଦ୍ୟାଳୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ହଷ୍ଟେଲ ପରିଚାଳନା ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଉଛନ୍ତି ବୋଲି ଛାତ୍ରୀଛାତ୍ର କହିଛନ୍ତି। ୪ ଦିନ ହେବ ହେଷ୍ଟେଲକୁ ପାଣି ଆସୁ ନ ଥିବା ବେଳେ ସେଠାରେ ରହୁଥିବା ୧ ହଜାରରୁ ଉର୍ଦ୍ଧ୍ୱ ଅନ୍ତେବାସୀ ନିତ୍ୟକର୍ମ କରିବାକୁ ନେଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପରେ ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ସହ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରଶାସନିକ ଭବନ ପରିସରରେ ଆଲୋଚନା କରିବା ପରେ ଆନ୍ଦୋଳନରୁ ହଟିଥିଲେ। ଖବର ପାଇ ସୁନାବେଡା ପୌର ପରିଷଦ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ କର, ପୌର ପରିଷଦ କଂଗ୍ରେସ ସଭାପତି ଦିବାନ କୁଲଦୀପଙ୍କ ସହ କଂଗ୍ରେସ ଯୁବନେତା ତପନ ଖରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ପରେ କୁଳପତିଙ୍କ ସହ ଆଲୋଚନା କରିଥିଲେ। କୁଳପତି ସମସ୍ତ ସମସ୍ୟା ମାସେ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିବା ଏମ୍‌ପି ପ୍ରତିନିଧି କର କହିଛନ୍ତି।


ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର ।

ଏ ସମ୍ପର୍କରେ କୁଳପତି ଚକ୍ରଧର ତ୍ରିପାଠୀଙ୍କୁ ପଚାରିବାରୁ ୪ ଦିନ ପାଣି ବନ୍ଦକୁ ମିଥ୍ୟା ବୋଲି କହିବା ସହ ବିଭିନ୍ନ ଉଦାହରଣ ଦେଇ ଗୋଟିଏ ଦିନ ପାଣି ବନ୍ଦକୁ ସମସ୍ୟା କୁହାଯାଏନି ବୋଲି କହିଥିଲେ। ତା'ଛଡ଼ା ୬ ବିଭାଗ ନୂଆ ଖୋଲିଛି, ଫଳରେ ହଷ୍ଟେଲ ପିଲାଙ୍କ ସଂଖ୍ୟା ବଢିବା ଦ୍ୱାରା ଗୋଟିଏ ଦିନ ସମସ୍ୟା ରହିଥିଲା ତାହା ସମାଧାନ ହୋଇସାରିଛି। ହଷ୍ଟେଲ ମେସ ଅବ୍ୟବସ୍ଥା ସମ୍ପର୍କରେ ପଚାରିବାରୁ ସରକାରଙ୍କ ନିୟମ ଅନୁସାରେ ଟେଣ୍ଡର କରାଯାଇ ଏଲ୍ ୧କୁ ଦିଆଯାଇଥାଏ, ସେଥିରେ ଗୋଟିଏ ଟିଫିନ ଓ ୨ ମିଲ ରହିଥାଏ। କିଛି ଅବ୍ୟବସ୍ଥା ଥିଲେ ମେସ୍‌କୁ ହଟାଇ ଦିଆଯିବ ବୋଲି ତ୍ରିପାଠୀ କହିଛନ୍ତି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଜୟପୁର ୧୧।୧୧ (ପବନ ପାଣିଗ୍ରାହୀ)

ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜୟପୁର ଟାଉନ ପୋଲିସ ଭଦ୍ରାୟା ସାହିର ଭି. ଭେଙ୍କଟ ରମନା (୩୦)ଙ୍କୁ ଗିରଫ କରିଛି। ସୂଚନାନୁଯାୟୀ ଜଣେ ନବାଳିକା ଗତ ୮ ତାରିଖରେ ନିଖୋଜ ଥିଲେ। ଏନେଇ ପରିବାର ଲୋକେ ଗତ ୯ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହା ଜାଣି ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଟାଉନ ଥାନା ନିକଟରେ ଛାଡି ଚମ୍ପଟ ମାରିଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜୟପୁର ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର,୧୧।୧୧(ସତ୍ୟଜିତ୍ ରାଉତ)

**ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ କାରଣ**

ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ବାହାଦଲପୁରସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ୟୁନିଟ-୬ ଗଙ୍ଗନଗର ଅଞ୍ଚଳର ସୁମନ୍ତ ପଣ୍ଡା (୩୬)। ସୋମବାର ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ଡାକ୍ତରଙ୍କ ଏମ୍ଏଲ୍ସି ଆଧାରରେ ଖଣ୍ଡଗିରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯୬/୨୦୨୪) ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାରେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଅପରପକ୍ଷରେ ସୁମନ୍ତଙ୍କ ସ୍ତ୍ରୀ କହିଛନ୍ତି, ତାଙ୍କ ସ୍ୱାମୀ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେବା ପରେ କିଛି ଉପଦ୍ରବ କରିଥାଇ ପାରନ୍ତି। ତେବେ ତାଙ୍କର କିଭଳି ମୃତ୍ୟୁ ହେଲା ସେନେଇ ପୋଲିସ ତଦନ୍ତ କରିବା ଜରୁରୀ ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୁମନ୍ତ କିଛିମାସ ହେବ ପ୍ରଚୁର ମାତ୍ରାରେ ନିଶା ସେବନ କରୁଥିଲେ। ଏଥିପାଇଁ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପୂର୍ବରୁ ସେ ୪ରୁ ୫ଥର ରହି ମଧ୍ୟ ଫେରିଥିଲେ। ତେବେ ରବିବାର ରାତିରେ ସୁମନ୍ତ ପୁଣି ନିଶା ସେବନ କରି ଝଗଡା କରିଥିଲେ। ତାଙ୍କ ସ୍ତ୍ରୀ ଉକ୍ତ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଖବର ଦେଇ ପୁଣି ସୁମନ୍ତଙ୍କୁ ସେଠାରେ ଛାଡ଼ିଥିଲେ। ତେବେ ସକାଳେ ସୁମନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ କେନ୍ଦ୍ରର



ସୁମନ୍ତ ପଣ୍ଡା

କର୍ମଚାରୀମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଓ କେନ୍ଦ୍ର କର୍ତ୍ତୃପକ୍ଷ ସୁମନ୍ତଙ୍କୁ ହସ୍ପିଟାଲ ନେଇଥିଲେ। ମଧ୍ୟରାତ୍ରିରେ ତାଙ୍କର ଝାଡ଼ା ହେବା ପରେ ଧୁଆଧୋଇ କରି ସେଠାରେ ତାଙ୍କୁ ଶୁଆଇଦେଇଥିଲେ ବୋଲି ଜଣେ ସମ୍ପର୍କୀୟ କହିଛନ୍ତି। ଏହି ଘଟଣାକୁ ନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ଉକ୍ତ କେନ୍ଦ୍ରରେ ଥିବା ସିସିଟିଭି ଯାଞ୍ଚ କରିବା ସହ ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ବୟାନ ରେକର୍ଡ କରାଯିବ। ତେବେ ସାମାଜିକ, ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ଜରିଆରେ ଏନ୍ଜିଓ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଏହି କେନ୍ଦ୍ର କରିବାକୁ ଦାୟିତ୍ୱ ଦିଆଯାଉଥିବା ବେଳେ ଏନେଇ ଏସ୍ଓପି ମଧ୍ୟ ରହିଛି। ତେବେ ଏହି କେନ୍ଦ୍ରରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ କମିଶନରେଟ୍ ପୋଲିସ ଅଧିକ ସଜାଗ ହୋଇଛି। ଏନେଇ ଡିସିପି କହିଛନ୍ତି, ନିଶା ନିବାରଣ କେନ୍ଦ୍ର ଏସ୍ଓପିକୁ ଯାଞ୍ଚ କରି ଏହାକୁ ଅଧିକ କଡ଼ାକଡ଼ି କରାଯିବ। ଏଥିସହ ଏକ୍ସପର୍ଟଙ୍କ ସହାୟତା ନିଆଯାଇ ଏହି ସଂସ୍ଥା ଚାଲିବାକୁ ଏକ କମିଟି ଗଠନ କରି ତର୍ଜମା କରିବୁ ବୋଲି ସେ କହିଛନ୍ତି।

## ପାହାଡ଼ ଖୋଲରୁ ନରକଙ୍କାଳ ଜବତ

ନୀଳଗିରି, ୧୧।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ଅଧୀନ ଟିଆକଟାଠାରେ ଥିବା ଏକ ପାହାଡ଼ ଖୋଲରୁ ନରକଙ୍କାଳ ଜବତ କରାଯାଇଛି। ସ୍ଥାନୀୟ କେତେକ ଲୋକେ ଉକ୍ତ ଅଞ୍ଚଳକୁ ଛେଳି ଚରାଇବାକୁ ଯାଇଥିବା ବେଳେ ନରକଙ୍କାଳ ପଡ଼ିଥିବା ଦେଖି ଭୟଭୀତ ହୋଇଥିଲେ। ରବିବାର ବରହମପୁର ପୋଲିସ ଘଟଣାସ୍ଥଳକୁ ଯାଇ ପାହାଡ଼ରେ ନରକଙ୍କାଳ ଖୋଜିବାକୁ ଯାଇଥିଲେ ମଧ୍ୟ ସନ୍ଧ୍ୟା ହୋଇଯିବାରୁ ପାହାଡ଼ ଖୋଲରେ ନରକଙ୍କାଳ ପଡ଼ିଥିବା ସ୍ଥାନରେ ପହଞ୍ଚି ନ ପାରି ଫେରିଆସିଥିଲେ। ସୋମବାର ନୀଳଗିରି ଏସ୍ଡିପିଓ ସରୋଜ ଉପାଧ୍ୟାୟଙ୍କ ନେତୃତ୍ୱରେ ବାଲେଶ୍ୱରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଓ ବରହମପୁର ଆଇଆଇସି ଆର୍ତ୍ତତ୍ରାଣ ସେଠୀଙ୍କ ସମେତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ନରକଙ୍କାଳକୁ ଜବତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଏହାକୁ ପରୀକ୍ଷା ନୀରିକ୍ଷା କରିବା ପରେ ଏନେଇ ବରହମପୁର ଥାନାରେ ଅପମୃତ୍ୟୁ ମାମଲା (ନଂ.୧୫।୨୪) ରୁଜୁ




ଜବତ ନରକଙ୍କାଳ।

କରାଯାଇଛି। ଅଧିକ ପରୀକ୍ଷା ନୀରିକ୍ଷା ପାଇଁ ଉଦ୍ଧାର ହୋଇଥିବା କଙ୍କାଳକୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଏଫ୍ଏମ୍ଟି ବିଭାଗକୁ ପଠାଇ ଦିଆଯାଇଛି। ତେବେ ମିଳିଥିବା କଙ୍କାଳଟି ବର୍ଷେ ଦେଢବର୍ଷ ତଳର ଓ ଜଣେ ମହିଳାଙ୍କର ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ପୋଲିସ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରହିଥିବା ନେଇ ବରହମପୁର ଆଇଆଇସି ସେଠୀ ସୂଚନା ଦେଇଛନ୍ତି।

## ଝରକା ଗ୍ରୀଲ କାଟି ବ୍ୟାଙ୍କରୁ ଚୋରି

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/(ଅମୂଲ୍ୟ କୁମାର ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ବସ୍ତା(ହରିଶଙ୍କର ପାଢୀ), ୧୧।୧୧

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଖପରାପଦା ଛକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ରବିବାର ରାତିରେ ଇନଭର୍ଟର ବ୍ୟାଟେରି, ଲାପଟପ, କମ୍ପ୍ୟୁଟର, ସିସିଟିଭି ହାର୍ଡଡିସ୍କ ଆଦି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତମାନେ ସିସିଟିଭିର ଲାଇନ୍କୁ କାଟି ଅଚଳ କରିଦେଇଥିବା ଜଣାପଡିଛି।

ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କୋଠାର ଉପର ମହଲାରେ ଥିବା ବ୍ୟାଙ୍କ କାର୍ଯ୍ୟାଳୟର ଝରକା ଗ୍ରୀଲକୁ ଗ୍ୟାସ କଟରରେ କାଟି ଭିତରକୁ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍ କରି ଚମ୍ପଟ ମାରିଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କର ଝରକା ଭଙ୍ଗାଯାଇଥିବା ଦେଖି ବ୍ୟାଙ୍କ ମ୍ୟାନେଜର ଏବଂ ବାଲିଆପାଳ ଥାନା ପୋଲିସକୁ ଖବର ଦେଇଥିଲେ। ବାଲିଆପାଳ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ୍ ବିଭିନ୍ନ ସ୍ଥାନରୁ ଫିଙ୍ଗରପ୍ରିଣ୍ଟ ନମୁନା ନେଇ ପରୀକ୍ଷା ପାଇଁ ପଠାଇଛନ୍ତି। ଏନେଇ ବାଲିଆପାଳ ଥାନାରେ ଏକ ମାମଲା (ନଂ.୨୪୯/୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଏହି ବ୍ୟାଙ୍କରେ ୫ବର୍ଷ ପୂର୍ବରୁ ମଧ୍ୟ ପଛ ପଟ ସ୍କାଏଲାଇଟ ଭାଙ୍ଗି କମ୍ପ୍ୟୁଟର ସହିତ ବିଭିନ୍ନ ଆସବାବପତ୍ରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ତେବେ ଏହି ଅଞ୍ଚଳରେ ବାରମ୍ବାର ଚୋରି ବଢୁଥିବାରୁ ପୋଲିସ ପାଟ୍ରୋଲିଂକୁ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ଖପରାପଦା ଛକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ବିପୁଳ ପରିମାଣର ମାରଣାସ୍ତ୍ର, ଚୋରି ସାମଗ୍ରୀ ଜବତ**

କେନ୍ଦୁଝର,୧୧।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ପବିତ୍ରା ଗ୍ରାମ ନିକଟ ଜଙ୍ଗଲରେ ରବିବାର ରାତିରେ ପୋଲିସ ଚଢ଼ାଉ କରି ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଟାଉନ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର ପ୍ରଭାତ ମଲ୍ଲିକ, ପାଟୁଙ୍ଗ ଗ୍ରାମର କୃପାସିନ୍ଧୁ ପାତ୍ର, ମନୋଜ ମହାରଣା, ହରିଚନ୍ଦନପୁର ଥାନା ଜିରାଙ୍ଗ ଅଞ୍ଚଳର ଶିବଶଙ୍କର ମୋଦି। ସେମାନଙ୍କ ନିକଟରୁ ମାରଣାସ୍ତ୍ର, ଚୋରି ସାମଗ୍ରୀ ସହ ବାଇକ୍, କାର ଜବତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କେନ୍ଦୁଝର ସହରରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଖବର ପାଇ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ବାଇକ୍ ଯୋଗେ ଧାନବାଦ ଅଞ୍ଚଳର କୁଖ୍ୟାତ ଅପରାଧୀ ସଲାବୁଦ୍ଦିନ




ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଫେରାର୍ ହୋଇଯାଇଛନ୍ତି। ଘଟଣାସ୍ଥଳରୁ ପୋଲିସ ୨ କାତି, ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ୨ ଛୁରି, ୨ ପଞ୍ଚମୁଖୀ, ୨୩୦୦ ଟଙ୍କା, ୫ ମଦ ବୋତଲ, ୫ ମୋବାଇଲ ସହ ବୁଲେଟ(ଓଡି ୦୯-ଏନ-୮୯୨୫), ଗୋଟିଏ ମାରୁତି ଡିଜାୟାର କାର୍ (ଓଡି ୦୨-ବିଏମ-୫୫୬୧) ଜବତ ହୋଇଛି। ଅଭିଯୁକ୍ତ ପ୍ରଭାତ ନାମରେ କେନ୍ଦୁଝରର ବିଭିନ୍ନ ଥାନାରେ ୩୦ ମାମଲା ଥିବାବେଳେ କୃପାସିନ୍ଧୁଙ୍କ ନାମରେ କେନ୍ଦୁଝର ଏବଂ କମିଶନରେଟ ପୋଲିସରେ ୧୦ଟି ଚୋରି ଏବଂ ଡକାୟତି ମାମଲା ରହିଛି। ଟାଉନ ଥାନାରେ ଏକ ମାମଲା(ନଂ.୫୬୧/୨୦୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ନଭେମ୍ବର ୮ରେ ଜାମୁନାଳିଆ ଗ୍ରାମରୁ ହିମାଂଶୁ ଶେଖର ସାହୁଙ୍କ ଘରୁ ଦୁର୍ବୃତ୍ତ କବାଟ ଭାଙ୍ଗି ଗୋଟିଏ ସୁନା ଚେନ ଓ ସୁନା ମୁଦି ନେଇଯାଇଥିଲେ। ଅକ୍ଟୋବର ୩୧ରେ ଗମ୍ଭାରିଆ ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟରେ ବସିଥିବା ବାଣ ବଜାରରୁ ବ୍ରାହ୍ମଣୀଗାଁ ରାଜୀବ କୁମାର ନାୟକଙ୍କ ବାଇକ୍ (ଓଡି ୦୯ ଜେ ୮୪୩୩) ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

## ପୋଲିସ ବେଶରେ ଆସି ଡକାୟତି

**୩ ଜଣଙ୍କୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ**

ଭବାନୀପାଟଣା,୧୧।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଏମ୍ ରାମପୁର ଥାନା ଅନ୍ତର୍ଗତ ଦେଢ଼ଶୂଳି ପଞ୍ଚାୟତ ଡଙ୍ଗରିଆ ରୁବେନ ଗାଁର ରିପା ମାଝିଙ୍କ ଘରକୁ ରବିବାର ରାତିରେ ପୋଲିସ ବେଶରେ କେତେଜଣ ଦୁର୍ବୃତ୍ତ ଆସି ଡକାୟତି କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ୩ ଜଣଙ୍କୁ କାବୁକରି ସ୍ଥାନୀୟ ମୋହନଗିରି ଫାଣ୍ଡି ଜିମା ଦେଇଥିଲେ। ଏହାସହ ଦୁର୍ବୃତ୍ତମାନେ ସାଙ୍ଗରେ ଧରି ଆସିଥିବା ବୋଲେରୋକୁ ମଧ୍ୟ ପୋଲିସ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ରିପାଙ୍କ ଘରକୁ ୭ ଜଣ ଦୁର୍ବୃତ୍ତ ପୋଲିସ ପୋଷାକ ପିନ୍ଧି ଏକ ଧଳା ରଙ୍ଗର ବୋଲେରୋ (ନଂ.ଓଡି ୦୭ବି ୩୮୨୮)ରେ ଆସିଥିଲେ। ଏହି ସମୟରେ ରିପା ତାଙ୍କୁ ପଚାରିବାରୁ ତମ ଘରେ ଦୁଇଜଣ ଫେରାର ଝିଅପୁଅ ଲୁଚି ରହିଛନ୍ତି। ଆମେ ପୋଲିସବାଲା, ତାଙ୍କୁ ଧରିବାକୁ ଆସିଛୁ କହି କାଠଫାଳିଆ ଓ ଛୁରି ଧରି ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲେ। ପରେ ସେମାନେ ଘରେ ବାକ୍ସରେ ଥିବା ୨ ଲକ୍ଷ ୪୦ ହଜାର ଗ୍ରୁପ୍ ଲୋନ ଟଙ୍କା ଲୁଟି ନେଇଥିବା ରିପା ଅଭିଯୋଗ କରିଛନ୍ତି। ଟଙ୍କା ଲୁଟ୍ ସମୟରେ ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଆସିବା ପରେ ୪ଜଣ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିବାବେଳେ ୩ଜଣ ଗାଁ ଲୋକଙ୍କ ହାବୁଡ଼ରେ ପଡିଥିଲେ। ଗ୍ରାମବାସୀ ଏ ନେଇ ମୋହନଗିରି ଫାଣ୍ଡି ପୋଲିସକୁ ଜଣାଇଥିଲେ। ହେଲେ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ କହି ପୋଲିସ ଉକ୍ତ ଗ୍ରାମକୁ ନ ଯିବାରୁ ଗାଁ ଲୋକେ ସୋମବାର ବୋଲେରୋ ସହିତ ଅଭିଯୁକ୍ତମାନଙ୍କୁ ଫାଣ୍ଡିକୁ ଆଣି ପୋଲିସ ଜିମା ଦେଇଥିଲେ। ସ୍ଥାନୀୟ ପୋଲିସ ତଦନ୍ତ କରିବା ପରେ ସେମାନଙ୍କୁ ଏମ୍ ରାମପୁର ଥାନାକୁ ନେଇଥିଲେ। ସେଠାରେ ୩ ଦୁର୍ବୃତ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସଠାରୁ ସୂଚନା ମିଳିଛି। ସମ୍ପୃକ୍ତ ୩ ଦୁର୍ବୃତ୍ତ କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳର ବୋଲି ଜଣାପଡିଛି।



ପୋଲିସ ବେଶରେ ଆସିଥିବା ୩ ଦୁର୍ବୃତ୍ତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଖାଇବ ଦକ୍ଷିଣେ, ଶୋଇବ ବାଆଁ**
**ଭାତ ଝଡ଼ିଯିବ ଆପଣା ଛାଁ।**

ଦକ୍ଷିଣ ନାସା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ ହୋଇଥାଏ। ସେହିପରି ବାମ ନାସା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ବିଶ୍ରାମ କରିବା ବା ଶୋଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖରାକୁ ମରେ, ବର୍ଷାକୁ ଡରେ**
**ଶୀତକୁ ନୁହେଁ ମୁଁ ବାହାର;**
**ଏମନ୍ତ ଜନ ମୁଁ କେମିତି ବଞ୍ଚିବି,**
**କିଏ ଆଣି ଦବ ଆହାର?**

ଖରା, ବର୍ଷା ଓ ଶୀତକୁ ଡରି ବା ଆଳ ଦେଖାଇ କୌଣସି କାମଧନ୍ଦା କରୁ ନ ଥିବା ବ୍ୟକ୍ତି ସାଧାରଣତଃ ଅଳସୁଆ ପ୍ରକୃତିର ହୋଇଥାନ୍ତି। ଏପରି ବ୍ୟକ୍ତିଙ୍କୁ ଆହାର ମିଳିବା କଷ୍ଟକର ହୋଇପଡ଼ିଥିବାବେଳେ ଅଳସୁଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ମଙ୍ଗୁଲୁ ବେହେରା ହତ୍ୟା ମାମଲା | ଫେରାର ସ୍ତ୍ରୀ, ପ୍ରେମିକ ଗିରଫ

ପବିତ୍ରନଗର,୧୧।୧୧(ନିରୋଜ କୁମାର ପ୍ରଧାନ)

ଅନୁଗୋଳ ପ୍ରଗତିନଗରର ମଙ୍ଗୁଲୁ ବେହେରା(୨୪)ଙ୍କ ହତ୍ୟା ମାମଲାର ତଦନ୍ତ କରୁଥିବା କଣିହାଁ ଥାନା ପୋଲିସକୁ ବର୍ଷେ ପରେ ସଫଳତା ମିଳିଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମଙ୍ଗୁଲୁଙ୍କ ସ୍ତ୍ରୀ ବସୁମତୀ ପ୍ରଧାନ(୨୦) ଓ ବସୁମତୀଙ୍କ ପ୍ରେମିକ ମନୋଜ ନାଗ(୨୩)ଙ୍କୁ ଗିରଫ କରାଯାଇଛି। ପରକୀୟା ପ୍ରୀତି ବାଟରେ କଣ୍ଟା ସାଜିଥିବା ସ୍ୱାମୀ ମଙ୍ଗୁଲୁଙ୍କୁ ବସୁମତୀ ଓ ପ୍ରେମିକ ମନୋଜ ମିଶି ହତ୍ୟା କରିଥିବା କଣିହାଁ ଥାନା ଆଇଆଇସି ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ଆଇଆଇସି ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲା କଣିହାଁ ଥାନା ଜମାନିଆ ଡମ୍ପିଂୟାର୍ଡ ତଳୁ ୨୦୨୩ ଅଗଷ୍ଟ ୨୪ରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପ୍ରଥମେ ଯୁବକଙ୍କ ପରିଚୟ ମିଳି ନ ଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ମୃତକ ଅନୁଗୋଳ ପ୍ରଗତିନଗରର ମଙ୍ଗୁଲୁ ବେହେରା ବୋଲି ଜଣାପଡ଼ିଥିଲା। ଏଥିସହ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ସମୟରେ ପ୍ରେମିକ ସହ ମିଶି ସ୍ତ୍ରୀ ବସୁମତୀ ସ୍ୱାମୀ ମଙ୍ଗୁଲୁଙ୍କୁ ହତ୍ୟା କରିଥିବା ଜଣାପଡ଼ିବାରୁ ପୋଲିସ ଉଭୟଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା। ହେଲେ ଦୁହେଁ ଫେରାର ଥିବାରୁ ପୋଲିସ ସେମାନଙ୍କ ସନ୍ଧାନ ଜାରି ରଖିଥିଲା। ରବିବାର ଉଭୟଙ୍କ ଠିକଣା ମିଳିବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା କଣିହାଁ ଥାନା ଆଇଆଇସି ପ୍ରକାଶ କରିଛନ୍ତି।

## ଅଭିଯୁକ୍ତ ସ୍ୱାମୀ ଗିରଫ

**ଶ୍ୱଶୁର ଘରକୁ ପଥର ମାଡ଼ ସହ ସ୍ତ୍ରୀଙ୍କୁ ହତ୍ୟା ଧମକ**

ଜୟପୁର ୧୧।୧୧ (ପବନ ପାଣିଗ୍ରାହୀ)


ଶ୍ୱଶୁର ଘର ଉପରକୁ ଟେକାପଥର ମାରିବା ସହ ସ୍ତ୍ରୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଗୋପବନ୍ଧୁ ନଗରର ସନ୍ତୋସ ବାଘ (୩୭)। ପୋଲିସ ସୂଚନାନୁଯାୟୀ ୮ବର୍ଷ ତଳେ ସନ୍ତୋସଙ୍କ ସହ ନୂଆ ସାହିର ଲକ୍ଷ୍ମୀ ନାୟକଙ୍କ ବିବାହ ହୋଇଥିଲା। ସନ୍ତୋସ ଶାରିରିକ ଓ ମାନସିକ ଭାବେ ଲକ୍ଷ୍ମୀଙ୍କୁ ନିର୍ଯ୍ୟତନା ଦେଉଥିବାନେଇ ୪ମାସ ତଳେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଲକ୍ଷ୍ମୀ ସେବେଠାରୁ ନୂଆ ସାହିରେ ରହୁଥିଲେ। ରବିବାର ସନ୍ତୋସ ସେଠାକୁ ଯାଇ ଘର ଉପରକୁ ପଥର ମାଡ଼ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଲକ୍ଷ୍ମୀ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନାମରେ ୩ଟି ମାମଲା ରହିଛି। ଏଏସ୍ଆଇ ଦେବି ପ୍ରସାଦ ପଣ୍ଡା ତଦନ୍ତ କରୁଥିବା ନେଇ ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ଛତିଶଗଡ଼ରୁ ମୁଖ୍ୟ ଅଭିଯୁକ୍ତ ଯୋଗାଣ ସହାୟକ ଗିରଫ

**ବିଧବାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଘଟଣା**

ଲୋଇସିଂହା/ବଲାଙ୍ଗୀର,୧୧।୧୧ (ସୁଶାନ୍ତ ବାରିକ/ ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଆଗଲପୁର ଅଞ୍ଚଳର ଜଣେ ବିଧବାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଘଟଣାରେ ।ଗଲପୁର ବ୍ଲକ୍ ବୁଦଲା ପଞ୍ଚାୟତର ଯୋଗାଣ ସହାୟକ ତଥା ରେଙ୍ଗାଲିର ବାସିନ୍ଦା ଗିରୀଶ ଚନ୍ଦ୍ର ସାହୁ (୩୪)ଗିରଫ ହୋଇଛନ୍ତି । ଫେରାର ହେବାର ସପ୍ତାହକ ପରେ ପୋଲିସ ଛତିଶଗଡ଼ ଅଞ୍ଚଳରୁ ତାଙ୍କୁ ରବିବାର ଗିରଫ କରିଛି। ସୋମବାର ମୁଖ୍ୟ ଅଭିଯୁକ୍ତ ଗିରୀଶଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସ୍ଡିପିଓ ପ୍ରଦୀପ କୁମାର ସାହୁ ଓ ଆଗଲପୁର ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି । ଅପରପକ୍ଷେ ଭିଡିଓ ଭାଇରାଲ ହେବା ଘଟଣାରେ ସହଯୋଗ କରିଥିବା ଅନ୍ୟତମ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ପ୍ରାୟ ଦେଢବର୍ଷ ତଳେ ସମ୍ପୃକ୍ତ ମହିଳା ଜଣଙ୍କୁ ଯୋଗାଣ ସହାୟକ ସାହୁ ପିଡିଏସ୍ ଚାଉଳ ନେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିଥିଲେ । ସେ ପିଡିଏସ୍ ଚାଉଳ ନେବା ବେଳେ ସେଠାରେ କେହି ନ ଥିବାର ସୁଯୋଗ ନେଇ ଗିରୀଶ ତାଙ୍କୁ ଏକ ନିଛାଟିଆ କୋଠରିକୁ ଡାକି ନେଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ । ଏପରି କି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକରି ନେଇଥିଲେ । ଉକ୍ତ ଭିଡିଓକୁ ନେଇ ସମ୍ପୃକ୍ତ ମହିଳାଙ୍କୁ ବ୍ଲାକ୍ମେଲିଂ କରି ପ୍ରାୟ ସମୟରେ ଡାକି ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଗତ କିଛିଦିନ ପୂର୍ବରୁ ଯୋଗାଣ ସହାୟକ ସାହୁ ସମ୍ପୃକ୍ତ ପୀଡ଼ିତାଙ୍କୁ ଡାକିଥିଲେ । ହେଲେ ସେ ନ ଆସିବାରୁ ପୂର୍ବର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଯୋଗାଣ ସହାୟକ ସାହୁ ଓ ତାଙ୍କର ଜଣେ ସହଯୋଗୀ ଭାଇରାଲ କରି



ଗିରଫ ମୁଖ୍ୟ ଅଭିଯୁକ୍ତ ଗିରୀଶ ଚନ୍ଦ୍ର ସାହୁ।

ଦେଇଥିଲେ । ଗତ ୨ ତାରିଖରେ ମହିଳା ଜଣକ ଏହା ଜାଣିବାକୁ ପାଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଘଟଣା ନେଇ ପ୍ରତିବାଦ କରିଥିଲେ । ସେତେବେଳେ ପୀଡିତା ଜଣକ ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟ ପରିସରରେ ଚପଲରେ ମାଡ଼ ମାରିବାକୁ ମଧ୍ୟ ପଛାଇ ନ ଥିଲେ । ତେବେ ପ୍ରତିବାଦ କରିବା ବେଳେ ପୀଡ଼ିତାଙ୍କୁ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ କୁଆଡେ ଜାତିଆଣ ଆକ୍ଷେପ କରିବା ସହ ଆଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ । ହତ୍ୟା ଧମକ ଦେବାକୁ ପଛାଇ ନ ଥିଲେ । ଏହାଛଡ଼ା ପ୍ରତିବାଦ ଦିନ ଆକ୍ରମଣର ଶିକାର ହୋଇ ପୀଡିତା ଗୁରୁତର ହୋଇ ପଡ଼ିଥିଲେ । ସେ ଡାକ୍ତରଖାନାରୁ ଫେରିଲା ପରେ ଗତ ୪ ତାରିଖରେ ଆଗଲପୁର ଥାନାକୁ ଯାଇ ଲିଖିତ ଅଭିଯୋଗକରି ନ୍ୟାୟ ଭିକ୍ଷା କରିଥିଲେ । ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁଯାୟୀ ଏକ ମାମଲା (ନଂ ୧୮୬।୨୪)ରୁଜୁ ହୋଇଥିଲା । ଗତ ୫ ତାରିଖରେ ଜିଲା ବିଚାରପତିଙ୍କ ଆଗରେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା । ଅପରପକ୍ଷେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ତଦନ୍ତ ଚଳାଇଥିଲା ।

## ଆଜିଠୁ ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସଂସଦୀୟ ବ୍ୟାପାରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସେ ଦିଲ୍ଲୀ ଗସ୍ତ କରିବେ। ଏହାସହ ଅନ୍ୟ କେତେକ ସରକାରୀ କାର୍ଯ୍ୟକ୍ରମରେ ମଧ ଯୋଗଦେବା ସହ ସେ କିଛି ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ବୁଧବାର ସନ୍ଧ୍ୟାରେ ପୁଣି ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ଆସନ୍ତା ୧୪ରେ କମିଶନଙ୍କ ପ୍ରଥମ ଶୁଣାଣି

## ଭରତପୁର ଥାନାରେ ନିର୍ଯାତନା ଘଟଣା

ଭୁବନେଶ୍ୱର,୧୧।୧୧ (ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଏଥିସହ ବିଚାର ବିଭାଗୀୟ ଯାଞ୍ଚ ରହିଥିବାବେଳେ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ପକ୍ଷରୁ ଆସନ୍ତା ନଭେମ୍ବର ୧୪ରେ ପ୍ରଥମ ଶୁଣାଣି ହେବ। ଏହି ସମୟରେ କମିଶନଙ୍କ ନିକଟରେ ଆର୍ମି ଅଫିସର, ତାଙ୍କ ବାନ୍ଧବୀ, ଦୁର୍ବ୍ୟବହାର କରିଥିବା ୭ ଅସାମାଜିକ ଯୁବକ ଓ ନିଲମ୍ବିତ ପୋଲିସ ଅଧିକାରୀମାନଙ୍କୁ ଉପସ୍ଥିତ ରହିବାକୁ ନୋଟିସ୍ କରାଯାଇଥିବା କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୋମବାର ସୂଚନା ଦେଇଛନ୍ତି। ସଚିବ ଶୁଭେନ୍ଦୁ କହିଛନ୍ତି, ଗ୍ରହଣ ହୋଇଥିବା ସତ୍ୟପାଠଗୁଡ଼ିକର ଯାଞ୍ଚ ସରିଥିବାବେଳେ ପ୍ରଥମ ଦଫାରେ କମିଶନଙ୍କ ପକ୍ଷରୁ ଶୁଣାଣି ପାଇଁ ଡକାଯାଇଛି। ଅନ୍ୟପକ୍ଷରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣଙ୍କ ପଲିଗ୍ରାଫ ଟେଷ୍ଟ, ନାର୍କୋ-ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ ଏବଂ ଅନ୍ୟ ୪ ପୋଲିସ ଅଧିକାରୀଙ୍କ କେବଳ ପଲିଗ୍ରାଫ୍ ଟେଷ୍ଟର ରିପୋର୍ଟ ଗୁଜରାଟ ଗାନ୍ଧୀନଗରସ୍ଥିତ ଏସ୍ଏଫ୍ଏସ୍ଏଲ୍ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। କ୍ରାଇମ୍ବ୍ରାଞ୍ଚ ଟିମ୍ ପକ୍ଷରୁ ରିପୋର୍ଟଗୁଡ଼ିକର ସମୀକ୍ଷା କରାଯାଉଛି। ଅପରପକ୍ଷରେ ଆର୍ମି ଅଫିସର, ତାଙ୍କ ବାନ୍ଧବୀ ଏବଂ ପୋଲିସ ଅଧିକାରୀମାନଙ୍କ ମୋବାଇଲ ଯାଞ୍ଚ ପାଇଁ ରସୁଲଗଡ଼ସ୍ଥିତ ଷ୍ଟେଟ୍ ଫରେନ୍ସିକ୍ ସାଇନ୍ସ ଲାବରେଟୋରିକୁ ଦିଆଯାଇଥିବାବେଳେ ଏହାର ରିପୋର୍ଟକୁ କ୍ରାଇମ୍ବ୍ରାଞ୍ଚ ଅପେକ୍ଷା କରିଥିବା ସୂଚନା ମିଳିଛି।

# ଓଡ଼ିଶାକୁ ମିଳିବ ୨୦୧ କୋଟି

ଭୁବନେଶ୍ୱର,୧୧।୧୧(ଅନିଲ ଦାସ)

ଅଗ୍ନିଶମ ସେବା ବିଭାଗର ଆଧୁନିକୀକରଣ ପାଇଁ ଓଡ଼ିଶାକୁ ୨୦୧.୧୦ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ମିଳିବ। ସୋମବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଓଡ଼ିଶା ସମେତ ଛତିଶଗଡ଼, ପଶ୍ଚିମବଙ୍ଗ ପାଇଁ ଅଗ୍ନିଶମ ସେବା ଆଧୁନିକୀକରଣ ବାବଦରେ ମୋଟ ୭୨୫.୬୨ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଛତିଶଗଡ଼କୁ ୧୪୭.୭୬ କୋଟି ଟଙ୍କା ସହାୟତା ମିଳିବାକୁ ଥିବାବେଳେ ପଶ୍ଚିମବଙ୍ଗକୁ ୩୭୬.୭୬ କୋଟି ଟଙ୍କା ସହାୟତା ରାଶିକୁ କମିଟି ଅନୁମୋଦନ କରିଛି।

### ଅଗ୍ନିଶମ ଆଧୁନିକୀକରଣ

କେନ୍ଦ୍ର ସରକାର ଅଗ୍ନିଶମ ସେବା ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍) ଜରିଆରେ ୫ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ସେଥିରୁ ୧୫ଟି ରାଜ୍ୟ ପାଇଁ ଇତିମଧ୍ୟରେ ୨୫୪୨.୧୨ କୋଟି ଟଙ୍କା ଅନୁମୋଦନ ହୋଇ ସାରିଛି। ଦେଶରେ ଧନଜୀବନ ନଷ୍ଟକୁ ରୋକିବା ସହ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ମାର୍ଗଦର୍ଶନରେ ଚଳିତବର୍ଷ ରାଜ୍ୟଗୁଡ଼ିକୁ ୨୧ ହଜାର ୨୬ କୋଟି ଟଙ୍କାର ଅର୍ଥରାଶି ପୂର୍ବରୁ ଆବଣ୍ଟନ କରାଯାଇ ସାରିଛି। ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ୨୬ଟି ରାଜ୍ୟକୁ ୧୪ ହଜାର ୮୭୮ କୋଟି ୪୦ ଲକ୍ଷ ଟଙ୍କା, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ରୁ ୧୫ଟି ରାଜ୍ୟକୁ ୪,୬୩୭ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଏମ୍‌ଏଫ୍)ରୁ ୧୧ଟି ରାଜ୍ୟକୁ ୧୩୮୫ କୋଟି ୪୫ ଲକ୍ଷ ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନ୍‌ଡିଏମ୍‌ଏଫ୍)ରୁ ୩ଟି ରାଜ୍ୟକୁ ୧୨୪ କୋଟି ୯୩ ଲକ୍ଷ ଟଙ୍କା ସାମିଲ ରହିଛି।

# ଆଜିଠାରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଭୁବନେଶ୍ୱର,୧୧।୧୧ (ଅନୁରାଧା ମହାରଣା)

ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମଙ୍ଗଳବାରଠାରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ୍ ପରିସରରେ ଆରମ୍ଭ ହେବ। ୧୪ ତାରିଖ ଯାଏ ଚାଲିବାକୁ ଥିବା ଏହି ମହୋତ୍ସବରେ ବ୍ଲକ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ୨ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ସହ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, କର୍ମଶାଳା ଓ ବିଭିନ୍ନ ପ୍ରଦର୍ଶନୀ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ମଙ୍ଗଳବାର ସନ୍ଧ୍ୟାରେ 'ସୁରଭି'ର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଏମ୍‌ସି ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ବାବୁ ସିଂ, ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅତିଥି ଭାବରେ ଯୋଗଦେବେ। ଦ୍ୱିତୀୟ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀ ଗଣ୍ଡ ଯୋଗଦେବେ। ସେହିପରି ଶେଷଦିନ ଶିଶୁ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

# ଲଘୁ ଖଣିଜ ପରିବହନ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ

## ଟ୍ରକ ମାଲିକ ସଂଘ ସହ ସାମିଲ ହେଲା ଟ୍ରାକ୍ଟର ମାଲିକ ସଂଘ

ବାରିପଦା, ୧୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ରାଜ୍ୟ ସରକାରଙ୍କ ଲଘୁ ଖଣିଜ ପରିବହନରେ ଜରିମାନା ପ୍ରଣୟନ ହୋଇଥିବା ନୂତନ ନିୟମକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିୟମକୁ ବିରୋଧ କରି ନଭେମ୍ବର ୧୦ରୁ ଜିଲା ଟ୍ରକ ମାଲିକ ସଂଘ ଲଘୁ ଖଣିଜ ପରିବହନ ବନ୍ଦ କରିଥିବା ବେଳେ ଟ୍ରାକ୍ଟର ମାଲିକ ସଂଘ ସାମିଲ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜିଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲଘୁ ଖଣିଜ ପରିବହନ ସୋମବାରଠାରୁ ବନ୍ଦ କରିଛନ୍ତି। ଏନେଇ ସ୍ଥାନୀୟ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପ୍ରଭାତ କୁମାର ଦାସ, ନବୀନ ଅଗ୍ରୱାଲ, ଗୋପୀନାଥ ବେହେରା, ଏମ୍‌ଡି ନଜିର ହୁସେନ, ଗଣେଶ୍ୱର ମହାନ୍ତ, ଧୀରେନ ମହାନ୍ତ, ରବୀନ୍ଦ୍ର ପଳେଇ, ବିଶନାଥ ମାର୍ଣ୍ଡି, କାହ୍ନୁ ସିଂ, ଦୁର୍ଯ୍ୟୋଧନ ସିଂ ସମେତ ଅନ୍ୟାନ୍ୟ ଟ୍ରାକ୍ଟର ମାଲିକମାନେ ଉପସ୍ଥିତ ରହିଥିଲେ।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Sri Banshidharnagar/UWSS/2023/636
Date: 11 Nov, 2024
Tender ID: - 2024_UDD_95652_1 PR No.: 338648

Corrigendum- 1

All bidders are hereby announced that Corrigendum- 1 is released for tender having details as mentioned above the project of **"Banshidharnagar Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.
Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
Project Director (Technical)
JUIDCO Ltd., Ranchi

PR 340035 Urban Development and Housing (24-25)_D


## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ : ବାଲେଶ୍ୱର
ପୋଲିସ୍ ଲାଇନ୍ ଛକ ନିକଟ, ଓଟି ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

### ଦଖଲ ନୋଟିସ୍

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ,** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ଧର୍ମଶାଳା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ୰ ବଟକୃଷ୍ଣ ଧଳ / ଆଇନଗତ ଉତ୍ତରାଧିକାରୀମାନେ: ୧) **ଶ୍ରୀମତୀ କବିତା ଧଳ,** ସ୍ୱାମୀ: ବ୍ରହ୍ମାନନ୍ଦ ରାଉତ, ମାର୍ଫତ: ବିନୋଦ ରାଉତ, ସା: ବେଡଣ୍ଡା, ପୋ: ବାରବାଟୀ, ଜିଲ୍ଲା: ଯାଜପୁର, ୨) **ଶ୍ରୀମତୀ ସବିତା ଧଳ,** ସ୍ୱାମୀ: ଅଜୟ କୁମାର ରାଉତ, ମାର୍ଫତ: ପଞ୍ଚମ ରାଉତ, ସା/ପୋ: କୁରାଂଶ, ରାଉତ ସାହି, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୯, ୩) **ଶ୍ରୀ ଶରତ ଧଳ,** ପିତା: ୰ ବଟକୃଷ୍ଣ ଧଳ, ସା: ଚକ୍ରୋଡା, ପୋ: ମିର୍ଜାପୁର, ଭାୟା: ଧର୍ମଶାଳା, ଜିଲ୍ଲା: ଯାଜପୁର, ୪) **ଶ୍ରୀ ସରୋଜ ଧଳ,** ପିତା: ୰ ବଟକୃଷ୍ଣ ଧଳ, ସା: ଚକ୍ରୋଡା, ପୋ: ମିର୍ଜାପୁର, ଭାୟା: ଧର୍ମଶାଳା, ଜିଲ୍ଲା: ଯାଜପୁର, ୫) **ଶ୍ରୀମତୀ ତୁଳସୀ ଧଳ,** ସ୍ୱାମୀ: ୰ ବଟକୃଷ୍ଣ ଧଳ, ସା: ଚକ୍ରୋଡା, ପୋ: ମିର୍ଜାପୁର, ଭାୟା: ଧର୍ମଶାଳା, ଜିଲ୍ଲା: ଯାଜପୁର / **ଗ୍ୟାରେଣ୍ଟିଦାତା: ୧) ଶ୍ରୀ ଭାଗ୍ୟଧର ଧଳ,** ପିତା: ୰ କନ୍ଦ ଧଳ, ୨) **ଶ୍ରୀ ଘନଶ୍ୟାମ ଧଳ,** ପିତା: ୰ କନ୍ଦ ଧଳ, ଉଭୟଙ୍କ ଠିକଣାର- ସା: ଚକ୍ରୋଡା, ପୋ: ମିର୍ଜାପୁର, ଭାୟା: ଧର୍ମଶାଳା, ଜିଲ୍ଲା: ଯାଜପୁର | ୨୧.୧୨.୨୦୨୩ ସୁଦ୍ଧା ଟ.୮,୭୬,୮୭୪/- + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୧.୧୨.୨୦୨୩ / ୦୭.୧୧.୨୦୨୪ | **ବଟକୃଷ୍ଣ ଧଳ, ଘନଶ୍ୟାମ ଧଳ ଏବଂ ଭାଗ୍ୟଧର ଧଳ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚକ୍ରୋଡା, ତହସିଲ: ଧର୍ମଶାଳା, ଖାତା ନଂ.: ୨୬୭/୫, ପ୍ଲଟ୍ ନଂ.: ୩୭୨ ଏବଂ ୩୭୬, କ୍ଷେତ୍ର: ଏକର୦.୨୪ଡିସିମିଲି ଏବଂ ଏକର୦.୩୦ଡିସିମିଲି, **ମୋଟ କ୍ଷେତ୍ର: କର୦.୫୪ଡିସିମିଲି** |
| ଋଣଗ୍ରହୀତା: **ଶ୍ରୀ ଦୁଃଶାସନ ମହାନ୍ତି / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦିବାକର ମହାନ୍ତି, ୨) ସୁଦର୍ଶନ ମହାନ୍ତି, ୩) ଉଗ୍ରେସନ ମହାନ୍ତି, ୪) ରସାନନ୍ଦ ମହାନ୍ତି, ୫) ଶ୍ରୀମତୀ ସତ୍ୟଭାମା ମହାନ୍ତି, ୬) ଶ୍ରୀମତୀ ଗଭା ବରାଳ, ୭) ଶ୍ରୀମତୀ ତୁଳସୀ ବରାଳ, ୮) ଶ୍ରୀମତୀ ସୀତା ବରାଳ,** ସମସ୍ତଙ୍କ ଠିକଣା- ସା: ଭବାନିପୁର(ଭୁବନ), ପୋ: ଧର୍ମଶାଳା, ଜିଲ୍ଲା: ଯାଜପୁର | ୩୧.୧୨.୨୦୧୨ ସୁଦ୍ଧା ଟ.୮,୨୪,୧୪୫/- + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୧.୨୦୧୩ / ୦୭.୧୧.୨୦୨୪ | **ଶ୍ରୀମତୀ ତୁଳସୀ ବରାଳ ଏବଂ ଶ୍ରୀମତୀ ଗଭା ବରାଳ,** ପିତା: ମାୟାଧର ବରାଳ, **ଶ୍ରୀମତୀ ସୀତା ବରାଳ,** ସ୍ୱାମୀ: ମାୟାଧର ବରାଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭବାନିପୁର, ତହସିଲ: ଧର୍ମଶାଳା, ଖାତା ନଂ.: ୧୫୪, ପ୍ଲଟ୍ ନଂ.: ୧୩୬୭ ଏବଂ ୧୩୭୨, କ୍ଷେତ୍ର: ଏକର୦.୧୦ଡିସିମିଲି ଏବଂ ଏକର୦.୦୧ଡିସିମିଲି, **ମୋଟ କ୍ଷେତ୍ର: ଏକର୦.୧୧ଡିସିମିଲି** |

ସ୍ଥାନ: ବାଲେଶ୍ୱର, ତାରିଖ : ୧୧.୧୧.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## इंडियन बैंक Indian Bank

इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ,
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ),
ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆପେଣ୍ଡିକ୍ସ-୪-ଏ (ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ

**ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ,** ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି। ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାକୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠାନତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନ୍‌କମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ପୁରୀ ଶାଖା (ମୋ.: ୭୦୪୪୦୦୮୩୮୮)** **ଋଣଗ୍ରହୀତା: ମେସର୍ସ ସରସ୍ୱତୀ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସରସ୍ୱତୀ ମାଝୀ (ଗ୍ୟାରେଣ୍ଟିଦାତା),** ଠିକଣା- ପାଇକସାହି, ମଙ୍ଗଳାଘାଟ, ପ୍ଲଟ୍ ନଂ.: ୨୧୩୭/୫୬୩୫, ଖାତା ନଂ.: ୩୧୫୭/୩୪୦, ମୌଜା: ସମଙ୍ଗ, ଥାନା: ପୁରୀ ସଦର, ତହସିଲ: ପୁରୀ, ଜିଲ୍ଲା: ପୁରୀ (ଓଡିଶା), ପିନ୍-୭୫୨୦୦୧ | **ସମ୍ପତ୍ତିର ମାଲିକ: ଶ୍ରୀମତୀ ସରସ୍ୱତୀ ମାଝୀ।** ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧୫୭/୩୪୦, ପ୍ଲଟ୍ ନଂ.: ୨୧୩୭/୫୬୩୫, କ୍ଷେତ୍ର: ଏକର୦.୯୦ ଡିସିମିଲି, ମୌଜା: ସମଙ୍ଗ, ଥାନା: ପୁରୀ ସଦର ଏବଂ ନଂ.: ୯୪, ତହସିଲ: ପୁରୀ ଏବଂ ନଂ.: ୬୪୦, ଜିଲ୍ଲା: ପୁରୀ, ଓଡିଶା, ପ୍ଲଟ୍‌ର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୧୩୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୨୧୩୭, ପଶ୍ଚିମ: ପ୍ଲଟ୍ ନଂ.: ୨୧୩୭ | ତା.୨୪.୦୭.୨୦୨୩ ରିଖ ସୁଦ୍ଧା **ଟ.୩୦,୫୩,୦୨୫.୬୫** ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / **IDIBSARASWATI** / ନାହିଁ | ଟ.୪୪,୧୭,୦୦୦/- / ଟ.୪,୪୧,୭୦୦/- / ଟ.୨୫,୦୦୦/- | ୩୦.୧୨.୨୦୨୪ (ସୋମବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ **ଅଂଶଗ୍ରହଣ କରିବା ନିମନ୍ତେ ବିଡରମାନଙ୍କୁ** ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt Ltd. ର ୱେବସାଇଟ୍ **(https://www.ebkray.in)** ପରିଦର୍ଶନ କରନ୍ତୁ। ବୈଷୟିକ ସହଯୋଗ ନିମନ୍ତେ ଦୟାକରି ଫୋନ୍ ନଂ.: ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ। ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support. ebkray@psballiance.com କୁ ଇମେଲ୍ କରନ୍ତୁ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt Ltd. ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
**https//www.ebkray.in** ୱେବସାଇଟ୍‌ରେ ସମ୍ପତ୍ତି ଖୋଜୁଥିବା ବେଳେ ଉପରୋକ୍ତ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୧୧.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

**No. RDM-LAA-MBJ-0008-2024-35054 R&DM** **Dated: 09 Oct. 2024**

No. XXI-29: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବେଣାପୁର, ଥାନା: ବୈଶିଙ୍ଗା, ନଂ. ୧୧୩, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୮୯୧ ତା୧୫।୦୩।୨୦୨୪ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବେଣାପୁର, ଥାନା: ବୈଶିଙ୍ଗା, ନଂ. ୧୧୩, ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବେଣାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨୪.୦୩ | ଏକର ୯.୨୩ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ:ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୦।୦୫।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା–୪୨/ ୨୦୨୨
ଏ.୯.୨୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ

ମୌଜା: ବେଣାପୁର, ଥାନା: ବୈଶିଙ୍ଗା, ନଂ. ୧୧୩, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୩୭୯ | ୦.୧୧ | ୦.୦୫ | ଶାରଦ ଦୁଇ | ଆନନ୍ଦ ଜେନା, ପି.: ଲାଲ ମୋହନ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭ | ୪୫ | ୦.୧୩ | ୦.୧୦ | ଶାରଦ ଦୁଇ | କନ୍ଦା ମାଝୀ, ପି.: ଜାଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୪ | ୦.୨୭ | ୦.୨୦ | ଶାରଦ ଦୁଇ | |
| | ୫୫ | ୦.୦୭ | ୦.୦୨ | ଶାରଦ ଦୁଇ | |
| | ୫୦ | ୦.୨୮ | ୦.୨୪ | ଶାରଦ ତିନି | |
| ୧୨ | ୩୨୧ | ୦.୬୦ | ୦.୦୨ | ଡାହି ଏକ | କୈଳାଶ ମହାନ୍ତି, ପି.: ମହେଶ୍ୱର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୮ | ୪୬ | ୦.୩୪ | ୦.୧୫ | ଶାରଦ ଦୁଇ | ଗୁଡ଼ାରୀ ମାଝୀ, ସୁନା ମାଝୀ, ପି.: କାନ୍ଦନା ମାଝୀ, ହଗରା ମାଝୀ, ଭକ୍ତୁ ମାଝୀ, ଚୁନା ମାଝୀ, ପି.: ଛୁଟୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୧ | ୦.୫୪ | ୦.୩୬ | ଶାରଦ ଦୁଇ | |
| | ୫୩ | ୦.୪୧ | ୦.୧୦ | ଶାରଦ ଦୁଇ | |
| | ୫୬ | ୦.୨୨ | ୦.୦୯ | ଶାରଦ ଦୁଇ | |
| ୨୩ | ୩୭୨ | ୦.୩୦ | ୦.୦୪ | ଡାହି ଏକ | ଗୌର ମହାନ୍ତି, ପି.: ଅନନ୍ତ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ, ଜବର ଦଖଲ, ବା: ଭରତ ବେହେରା, ପି.: ଆନନ୍ଦ ବେହେରା, ଜା: ସୁଣ୍ଡି, ବା: ନିଜଗାଁ |
| ୨୪ | ୭୧୪ | ୦.୨୩ | ୦.୦୩ | ଶାରଦ ଦୁଇ | ଗୌର ମୋହନ ସାହୁ, ପି.: ସୁଲଭ ସାହୁ, ଜା: କୁବେର, ବା: ନିଜଗାଁ |
| | ୫୯ | ୧.୨୩ | ୦.୪୪ | ଶାରଦ ଦୁଇ | |
| | ୫୮ | ୦.୧୦ | ୦.୦୬ | ପତିତ | |
| | ୨୩ | ୦.୩୫ | ୦.୧୭ | ଡାହି ଏକ | |
| | ୨୪ | ୦.୦୬ | ୦.୦୬ | ଡାହି ଏକ | |
| ୩୩ | ୭୨୪ | ୧.୦୮ | ୦.୪୫ | ଶାରଦ ତିନି | ଯାଶା ମାଝୀ, ମହନ ମାଝୀ, ପି.: ଶୁକୁଲୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୯ | ୭୯୮ | ୦.୧୪ | ୦.୧୪ | ଶାରଦ ଏକ | ଡମାନ ମହାନ୍ତ, ପି.: ମଙ୍ଗଳା ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା.: ଡମାନ ମହାନ୍ତ, ଲକ୍ଷ୍ମୀରାମ ମହାନ୍ତ, ମକରା ମହାନ୍ତ, ପି.: ନିମାଇ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୭୧୬ | ୦.୩୪ | ୦.୧୮ | ଶାରଦ ଦୁଇ | |
| | ୭୧୯ | ୦.୨୩ | ୦.୦୧ | ଶାରଦ ଦୁଇ | |
| | ୭୧୭ | ୦.୨୯ | ୦.୧୪ | ଶାରଦ ଦୁଇ | |
| | ୭୧୮ | ୦.୩୭ | ୦.୦୬ | ଶାରଦ ଦୁଇ | |
| ୪୯ | ୩୧୭ | ୦.୦୩ | ୦.୦୩ | ଡାହି ଦୁଇ | ଶ୍ରୀ ସୁନ୍ଦର ଗୌରା ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ପକ୍ଷେ ବା: ନାଲୁ ଦେହୁରୀ, ହିରା ଦେହୁରୀ, ସମ୍ଭୁ ଦେହୁରୀ, ପି.: ପରବତିଆ ଦେହୁରୀ, ଜା: ଭୂମିଜ, ବା: ଶଶା |
| ୫୦ | ୨୨ | ୧.୧୪ | ୦.୩୦ | ଶାରଦ ଦୁଇ | ନିତ୍ୟାନନ୍ଦ ମହାନ୍ତି, ପି.: ଗୋପିନ୍ଦ ଚନ୍ଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୩୨୭ | ୦.୧୬ | ୦.୧୨ | ଶାରଦ ଦୁଇ | |
| | ୩୬୪ | ୦.୬୭ | ୦.୧୪ | ଶାରଦ ଦୁଇ | |
| | ୩୬୭ | ୦.୮୩ | ୦.୦୪ | ଶାରଦ ଦୁଇ | |
| | ୩୨୬ | ୦.୩୫ | ୦.୨୨ | ଡାହି ଏକ | |
| ୫୪ | ୭୭୯ | ୦.୪୫ | ୦.୦୪ | ଶାରଦ ଏକ | ପୂର୍ଣ୍ଣଚନ୍ଦ୍ର ସାହୁ, ରାଧାକୃଷ୍ଣ ସାହୁ, ଦିବାକର ସାହୁ, ପି.: ଅପ୍ରତି ସାହୁ, ଜା: କୁବେର, ବା: ନିଜଗାଁ |
| | ୭୮୦ | ୦.୨୯ | ୦.୦୩ | ଶାରଦ ଏକ | |
| | ୭୭୯/ ୮୫୭ | ୦.୨୫ | ୦.୨୨ | ଶାରଦ ଏକ | |
| | ୭୭୪ | ୧.୧୧ | ୦.୦୮ | ଶାରଦ ଏକ | |
| | ୭୧୫ | ୦.୧୨ | ୦.୧୨ | ଶାରଦ ଦୁଇ | |
| | ୫୭/ ୮୪୧ | ୦.୧୬ | ୦.୦୧ | ଶାରଦ ଦୁଇ | |
| | ୫୭/ ୮୪୨ | ୦.୩୬ | ୦.୦୯ | ଶାରଦ ଦୁଇ | |
| | ୭୧୫/ ୮୩୮ | ୦.୧୪ | ୦.୧୧ | ଶାରଦ ଦୁଇ | |
| | ୭୧୫/ ୮୩୯ | ୦.୧୫ | ୦.୦୭ | ଶାରଦ ଦୁଇ | |
| | ୫୭ | ୦.୮୨ | ୦.୨୬ | ଶାରଦ ଦୁଇ | |
| ୬୦ | ୭୭୮ | ୦.୫୨ | ୦.୩୨ | ଶାରଦ ଏକ | ଗୌଡ଼ିୟ ମିଶନର ଗଭର୍ଣ୍ଣ ବଡ଼ି ସେକ୍ରେଟେରୀ ପାଦରୁପ ବିଳାସ: ଦାସ ଗୁରୁନିତ୍ୟଲିଳା ପ୍ରବିଷ୍ଣୁ ଶ୍ରୀମଦ୍ ଭକ୍ତ ସିଦ୍ଧାନ୍ତ, ସରସ୍ୱତୀ ଠାକୁର। ଜା: ଗୌଡ଼ିୟ ବୈଷ୍ଣବ। ବା: ବାଗବଜାର ଗୌଡ଼ିୟ: ମଠ ନଂ. ୧୬ର ବା: |
| ୬୬ | ୭୫୧ | ୦.୨୯ | ୦.୦୫ | ଶାରଦ ତିନି | ବିଶ୍ୱନାଥ ସାହୁ, ଶିବ ସାହୁ, ପି.: ପଞ୍ଚାନନ ସାହୁ, ଜା: କୁବେର, ବା: ନିଜଗାଁ |
| | ୭୭୭ | ୦.୧୬.୫୦୦ | ୦.୧୧ | ଶାରଦ ତିନି | |
| ୬୮ | ୭୦୫ | ୦.୮୪ | ୦.୨୪ | ଶାରଦ ଦୁଇ | ବୃନ୍ଦାବନ ମହାନ୍ତି, ପି.: କାଳି ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୭୪୭ | ୦.୦୪ | ୦.୦୨ | ଶାରଦ ତିନି | |
| | ୭୪୮ | ୦.୦୭ | ୦.୦୭ | ଶାରଦ ତିନି | |
| | ୭୪୭/ ୮୩୭ | ୦.୧୫ | ୦.୧୫ | ଶାରଦ ତିନି | |
| ୭୦ | ୩୭୪ | ୦.୧୯ | ୦.୦୯ | ପତିତ | ବେଣୁଧର ନାୟକ, ପି.: ଭୋବନି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭୪ | ୭୪୯ | ୦.୩୪ | ୦.୨୨ | ଶାରଦ ତିନି | ଭାଗବତ ସାଉ, ପି.: ସାନହଗୁରୁ ସାଉ, ଜା: କୁବେର, ବା: ନିଜଗାଁ |
| ୭୮ | ୨୫ | ୦.୨୧ | ୦.୦୬ | ଶାରଦ ଦୁଇ | ମକର ସିଂ, ପି.: ରୁପି ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୮୫ | ୩୨୯ | ୦.୩୪ | ୦.୨୨ | ଶାରଦ ଦୁଇ | ମିରଜା ମାଝୀ, ପି.: ବଡ଼ ମାଝୀ, ରାମଚନ୍ଦ୍ର ମାଝୀ, ବିରସିଂ ମାଝୀ, ରୁପାଏ ମାଝୀ, ମହନି ମାଝୀ, ପି.: ବାଇଧର ମାଝୀ, ମୋହନ ମାଝୀ, ଚୈତନ ମାଝୀ, ପି.: ଭୁଣ୍ଡା ମାଝୀ, କାଶୁ ମାଝୀ, କର ମାଝୀ, ପି.: ମହନ ମାଝୀ, ପଞ୍ଚାନନ ମାଝୀ, ଡମାନ ମାଝୀ, ସୀତାରାମ ମାଝୀ, କୁଆଁର ମାଝୀ, ଝିଙ୍ଗା ମାଝୀ, ପି.: ବାଙ୍ଗରା ମାଝୀ, ଲସ ମାଝୀ, କୁସୁନ ମାଝୀ, ମହନି ମାଝୀ, ହେଣ୍ଡା ମାଝୀ, କଡ଼ର ମାଝୀ, ପି.: ଚାଟରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୩୧୧ | ୦.୬୪ | ୦.୦୫ | ଡାହି ଏକ | |
| ୯୬ | ୩୭୩ | ୦.୫୦ | ୦.୩୪ | ଡାହି ଏକ | ରାଧାମୋହନ ମହାନ୍ତ, ପି.: ମୋଚିରାମ ମହାନ୍ତ, ଜା: କୁଡୁମି, ବା: ଶଶା |
| ୯୮ | ୭୨୫ | ୧.୪୨ | ୦.୩୫ | ଶାରଦ ତିନି | ରାମ ମାଝୀ, ବିରସିଂ ମାଝୀ, ରୁପାଏ ମାଝୀ, ମହିନୀ ମାଝୀ, ପି.: ବାଇଧର ମାଝୀ, ବାଙ୍ଗରା ମାଝୀ, ମିରଜା ମାଝୀ, ପି.: ବଡ଼ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୯୯ | ୭୬୦ | ୦.୭୫ | ୦.୨୯ | ଶାରଦ ଏକ | ରାମହରି ସାହୁ, ପି.: ଚନ୍ଦ୍ରୁ ସାହୁ, ଜା: କୁବେର, ବା: ନିଜଗାଁ |
| | ୭୫୬ | ୦.୩୭ | ୦.୧୬ | ଶାରଦ ଦୁଇ | |
| | ୭୫୭ | ୦.୬୮ | ୦.୩୩ | ଶାରଦ ଦୁଇ | |
| | ୭୫୮ | ୦.୩୮ | ୦.୩୩ | ଶାରଦ ତିନି | |
| ୧୦୮ | ୭୫୦ | ୦.୩୨ | ୦.୨୬ | ଶାରଦ ତିନି | ଶଙ୍କୁରୁ ସାଉ, ପି.: ଧୁରି ସାଉ, ଜା: କୁବେର, ବା: ନିଜଗାଁ |
| ୧୧୯ | ୨୬ | ୦.୨୪ | ୦.୦୬ | ଶାରଦ ଦୁଇ | ଶ୍ରୀପତୀ ସେଣ୍ଠ, ଶ୍ରୀକାନ୍ତ ସେଣ୍ଠ, ପି.: ଦାମୋଦର ସେଣ୍ଠ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୨୩ | ୭୪୬ | ୦.୨୧.୫୦୦ | ୦.୦୨ | ଶାରଦ ତିନି | ହରେକୃଷ୍ଣ ମହାନ୍ତି, ପି.: ବୃନ୍ଦାବନ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୨୭/୧ | ୩୮୦ | ୦.୦୮ | ୦.୦୧ | ଶାରଦ ଦୁଇ | କରୁଣା କର ମହାନ୍ତି, ପି.: ଭାସ୍କରଚନ୍ଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୨୭/ ୧୬ | ୩୮୮ | ୦.୧୩ | ୦.୦୨ | ଶାରଦ ଦୁଇ | ଶ୍ରୀସୁନ୍ଦର ଗୌରାଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମ ବାସୀଙ୍କ ପକ୍ଷେ ବା: ସମ୍ଭୁ ଦେହୁରି, ପି.: ପରବତିଆ ଦେହୁରି, ଜା: ଭଜିଆ, ବା: ଶଂଖା |
| | ୭୦୪ | ୦.୧୪ | ୦.୦୩ | ଶାରଦ ଦୁଇ | |
| | ୩୧୮ | ୦.୦୩ | ୦.୦୩ | ଦେବସ୍ଥଳୀ | |
| ୧୨୭/ ୪୮ | ୩୭୧ | ୦.୨୬ | ୦.୧୨ | ଶାରଦ ଦୁଇ | ଦୀନବନ୍ଧୁ ସାହୁ, କୃପାସିନ୍ଧୁ ସାହୁ, ପି.: ରାଧାକୃଷ୍ଣ ସାହୁ, ଜା: କୁବେର, ବା: ବେଣାପୁର |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| ୧୨ | ୩୨୧ | | ୦.୧୪ | ଡାହି ଏକ | କୈଳାଶ ମହାନ୍ତି, ପି.: ମହେଶ୍ୱର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୮୫ | ୩୧୧ | | ୦.୧୫ | ଡାହି ଏକ | ମିରଜା ମାଝୀ, ପି.: ବଡ଼ ମାଝୀ, ରାମଚନ୍ଦ୍ର ମାଝୀ, ବିରସିଂ ମାଝୀ, ରୁପାଏ ମାଝୀ, ମହନି ମାଝୀ, ପି.: ବାଇଧର ମାଝୀ, ମୋହନ ମାଝୀ, ଚୈତନ ମାଝୀ, ପି.: ଭୁଣ୍ଡା ମାଝୀ, କାଶୁ ମାଝୀ, କର ମାଝୀ, ପି.: ମହନ ମାଝୀ, ପଞ୍ଚାନନ ମାଝୀ, ଡମାନ ମାଝୀ, ସୀତାରାମ ମାଝୀ, କୁଆଁର ମାଝୀ, ଝିଙ୍ଗା ମାଝୀ, ପି.: ବାଙ୍ଗରା ମାଝୀ, ଲସ ମାଝୀ, କୁସୁନ ମାଝୀ, ମହନି ମାଝୀ, ହେଣ୍ଡା ମାଝୀ, କଡ଼ର ମାଝୀ, ପି.: ଚାଟରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୬୪ ପ୍ଲଟକୁ | ଏ.୨୪.୦୩ ଡେ.ମି. | ଏ.୯.୨୩ ଡେ.ମି. | | |

**Sd./- Zone Officer-cum-L.A. Collector , LA, SIP, Laxmiposi Baripada**

**Sd./- Spl. Land Acquisition Officer SIP Baripada**

**OIPR-24001/14/0133/2425**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପୁଷ୍ପିତା
ପରିବାରବର୍ଗ


ପ୍ରୀତମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ ବିୟର ୬୫୦

ଭୁବନେଶ୍ୱର,୧୧।୧୧ (ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରିମିୟମ ବୁଲେଟ ବ୍ରାଣ୍ଡ ତଥା ରୟାଲ ଏନ୍‌ଫିଲ୍ଡର 'ଅଲ ନ୍ୟୁ ବିୟର ୬୫୦'ର ସର୍ବଭାରତୀୟ ଅନାବରଣ (ଉନ୍ମୋଚନ) ଉତ୍ସବ ସହିତ ବଜାର ପ୍ରବେଶ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ଓଡିଶା ୟୁନିଟ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲାବେଳେ ଘରୋଇ ବଜାରର ଡିଲର୍ସଙ୍କ ଜରିଆରେ ଏହାର ଅନାବରଣ ସହିତ ବଜାର ପ୍ରବେଶ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ରୟାଲ ଏନଫିଲ୍ଡର 'ଅଲ ନ୍ୟୁ ବିୟର ୬୫୦'ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ସମ୍ପର୍କିତ ଫିଚର ଓ ୬୫୦ ସିସି ଟ୍ୱିନ ସିଲଣ୍ଡର ଇଞ୍ଜିନ ସାମିଲ ରହିଛି। ଏପରିକି ଏହାର ୨-୧ ଏକଜଷ୍ଟ ଇଞ୍ଜିନର ସୁବିଧା ମଡେଲର ଗୁଣାତ୍ମକତାକୁ ବଢାଉଛି। ଏଥିରେ ଦ୍ୱୈତ ଉଦ୍ଦେଶ୍ୟ ଉପଯୋଗୀ ଟାୟାର ଓ ବଦଳିପାରୁଥିବା ଏବିଏସ ରହିଛି। ସେହିଭଳି ଏଲଇଡି ହେଡଲାଇଟସ, ଟ୍ରିପର ଡ୍ୟାସ, ୟୁଏସଡି ଫୋର୍କସ ଓ ସ୍କ୍ରାମ୍ବଲର ଷ୍ଟାଇଲ ସିଟ ଆଦି ଅନ୍ତର୍ଭୁକ୍ତ ରହିଛି। ଏପରିକି ଏହି ମଡେଲକୁ ଏଡି ମଲଡରଙ୍କ ଐତିହାସିକ ଡେଜର୍ଟ ରେସ ୟୁଇନିଙ୍ଗ (ବିଜୟ)ରୁ ଅନୁପ୍ରାଣିତ ହୋଇ ଡିଜାଇନ କରାଯାଇଛି।

ସେହିପରି ଏହି ମଡେଲ ଓଡିଶା ବଜାରର ବ୍ରାଣ୍ଡ ଶୋ'ରୁମ ଗୁଡିକରେ ବିଭିନ୍ନ ଭାରିଆଣ୍ଟ ସହ କଲର ମଧ୍ୟ ଉପଲବ୍ଧ ରହିଛି। ବିଶେଷ କରି ଏହାର ବେସ ଭାରିଆଣ୍ଟ ବ୍ରୋଡୱାକ ହ୍ୱାଇଟର ମୂଲ୍ୟ (ଏକ୍ସ ଶୋ'ରୁମ) ୩,୩୯,୦୦୦ ଟଙ୍କା ଥିବାବେଳେ ମିଡିୟମ ଭାରିଆଣ୍ଟ ପେଟ୍ରୋଲ ଗ୍ରୀନ ଆଣ୍ଡ ୱାଇଲ୍ଡ ହନିର ମୂଲ୍ୟ (ଏକ୍ସ ଶୋ'ରୁମ) ୩,୪୪,୦୦୦ ଟଙ୍କା ଏବଂ ଟପ ଭାରିଆଣ୍ଟ ଗୋଲଡେନ ସ୍ୟାଡୋର ମୂଲ୍ୟ (ଏକ୍ସ ଶୋ'ରୁମ) ୩,୫୧,୦୦୦ ଟଙ୍କା ରହିଛି। ଏପରିକି ଏହାର ଟୁ ଫୋର ନାଇନ ସ୍ୱତନ୍ତ୍ର କଲରର ମୂଲ୍ୟ (ଏକ୍ସ ଶୋ'ରୁମ) ୩,୫୯,୦୦୦ ଟଙ୍କା ରହିଛି।




ଭୁବନେଶ୍ୱରର ପଟିଆସ୍ଥିତ ରୟାଲ ଗୁଗ୍‌ନାନୀ (ଗୁଗ୍‌ନାନୀ ମୋଟର୍ସ) ପରିସରରେ ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ ବିୟର ୬୫୦'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଉଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଓଡ଼ିଶା ବଜାରର ମାର୍କେଟିଂ ହେଡ୍ ସାଜିଦ୍ ଖାନ୍‌ଙ୍କ ସମେତ ଗୁଗ୍‌ନାନୀ ମୋଟର୍ସର ଏମ୍‌ଡି ରାଜେଶ ଗୁଗ୍‌ନାନୀ ଉପସ୍ଥିତ ଅଛନ୍ତି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହ ସିକ୍ୟୁରଆଇଜ୍'ର ବୁଝାମଣା

ଭୁବନେଶ୍ୱର,୧୧।୧୧

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ସିକ୍ୟୁରଆଇଜ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷର ସଫଳତାର ସହ ସମ୍ପନ୍ନ ହୋଇଛି।



ଏ ସମ୍ପର୍କରେ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ବିଶ୍ୱବିଦ୍ୟାଳୟ ସର୍ବଦା ଆବଶ୍ୟକତା ଅନୁଯାୟୀ ଶିକ୍ଷା ଓ ଜ୍ଞାନକୌଶଳକୁ ଆପଣାଇବା ସହ ଶିକ୍ଷାର ବିକାଶ ଓ ସମାଜର ହିତ ସାଧନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଏ। ସିକ୍ୟୁରଆଇଜ୍‌ର ସିଇଓ କର୍ମେନ୍ଦ୍ର କୋହଲି କହିଥିଲେ,ପରବର୍ତ୍ତୀ ପିଢ଼ିର ସାଇବର ସୁରକ୍ଷା ପ୍ରଫେସନାଲମାନଙ୍କୁ ପ୍ରତିପୋଷଣ କରିବା ପାଇଁ ଆମର ଜ୍ଞାନ ଆଦାନପ୍ରଦାନ କରିବା ଲାଗି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଆସନ୍ତାକାଲିର ଆହ୍ୱାନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରି ଏହି ସହଯୋଗ ଶିଳ୍ପରେ ଦକ୍ଷତା ବ୍ୟବଧାନକୁ ଦୂର କରିବ। ସିକ୍ୟୁରଆଇଜ୍‌ର ସିଟିଓ ସିମନ୍ତ ପଟ୍ଟନାୟକ କହିଥିଲେ,ଏକାଡେମିକ ସହିତ ହ୍ୟାଣ୍ଡ-ଅନ ଟ୍ରେନିଂକୁ ଏକତ୍ର କରି ଆମେ କୁଶଳୀ ସାଇବର ସୁରକ୍ଷା ବୃତ୍ତିଗତଙ୍କ ପ୍ରତିଭା ପୁଲ୍ ସୃଷ୍ଟି କରିବୁ। ଏହି ସହଭାଗିତା ସାଇବର ସୁରକ୍ଷା କ୍ଷେତ୍ରରେ ନବସୃଜନ, ଅନୁସନ୍ଧାନ ଏବଂ ଅଭିବୃଦ୍ଧି ଘଟାଇବ। ଅପରପକ୍ଷରେ ଏହି ବୁଝାମଣା ଶିଳ୍ପ ପ୍ରଫେସନାଲମାନଙ୍କୁ ବିକଶିତ କରିବା ପାଇଁ ଏକ ରଣନୀତିକ ଯୋଜନା ହୋଇଥିଲାବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି। ଏପରିକି ବୁଝାମଣା ମାଧ୍ୟମରେ ସଂଗଠନଗୁଡ଼ିକ ଆପରେନଟିସେ ଏମବୋଡେଡ ସ୍ନାତକ, ସ୍ନାତକୋତର ଏବଂ ଦକ୍ଷତା ପ୍ରମାଣୀକରଣ କାର୍ଯ୍ୟକ୍ରମ ଆରମ୍ଭ ସହ ସହଯୋଗୀ ଅନୁସନ୍ଧାନ ଏବଂ ପରାମର୍ଶକୁ ବୃଦ୍ଧି କରିବେ।

# ନିବେଶକ ନିରୁତ୍ସାହିତ

ମୁମ୍ବାଇ,୧୧।୧୧

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୯.୮୩ ପଏଣ୍ଟ ବୃଦ୍ଧି ଘଟି ୭୯,୪୯୬.୧୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୬.୯୦ ପଏଣ୍ଟ ହ୍ରାସ ଘଟି ୨୪,୧୪୧.୩୦ ଅଙ୍କରେ କାରବାର ଶେଷ କରିଥିଲା। ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ସୁରକ୍ଷିତ ଆର୍ଥିକ ଭବିଷ୍ୟତ ପାଇଁ ଏକ ସୁଚିନ୍ତିତ ଆଭିମୁଖ୍ୟ ଜରୁରୀ

ନୂଆଦିଲ୍ଲୀ,୧୧।୧୧

ଅବସର ଯୋଜନା ପାଇଁ ବିଚାର କରିବା ସମୟରେ ଭୟକୁ ପ୍ରାଧାନ୍ୟ ଦେବା ଦ୍ୱାରା ତାହା ଭବିଷ୍ୟତ ସୁରକ୍ଷାକୁ କ୍ରମଶଃ ହ୍ରାସ କରିଥାଏ। ଏପରିକି ଦୀର୍ଘାବଧି ଆର୍ଥିକ ସ୍ୱାଧୀନତା କ୍ଷେତ୍ରରେ ଏଭଳି ଭୟକୁ ଚିହ୍ନଟ କରିବା ଏବଂ ସେ ଗୁଡିକ ଦ୍ୱାରା ଭୟଭୀତ ନ ହୋଇ ହିତାଧିକାରୀ କିଭଳି ତାହାକୁ ନିୟନ୍ତ୍ରଣ କରିପାରିବେ ସେ ସମ୍ପର୍କରେ ଜାଣିବା ଜରୁରୀ ରହିଛି। ଅପରପକ୍ଷରେ ଏକ ରଣନୈତିକ, ସୁଚିନ୍ତିତ ଆଭିମୁଖ୍ୟ ହିତାଧିକାରୀଙ୍କୁ ବଜାରର ଜଟିଳ ସ୍ଥିତି ସମୟରେ ନିଜର ଅବସରକାଳୀନ ଲକ୍ଷ୍ୟଗୁଡିକ ଉପରେ ଧ୍ୟାନ ବଜାୟ ରଖିବାକୁ ଆବଶ୍ୟକ ସୂଚନା ଦେଇଥାଏ ବୋଲି ବନ୍ଧନ ଏଏମ୍‌ସିର ସେଲ୍‌ସ ଆଣ୍ଡ ମାର୍କେଟିଂ ବିଭାଗର ମୁଖ୍ୟ ଗୌରବ ପରିଜା କହିଛନ୍ତି। ସେହିଭଳି ଅବସର ଯୋଜନା ଏକ ଦୀର୍ଘାବଧି ଦୃଷ୍ଟିକୋଣର ଆବଶ୍ୟକ କରିଥାଏ। ଦୀର୍ଘାବଧି-କେନ୍ଦ୍ରିତ ନିବେଶ ନିଶ୍ଚିତ କରିଥାଏ, ହିତାଧିକାରୀ ସଞ୍ଚୟ କରୁଥିବା ଅର୍ଥ ଭବିଷ୍ୟତରେ ହିତାଧିକାରୀଙ୍କ ଆବଶ୍ୟକ ସମୟରେ ଉପଲବ୍ଧ ଓ ସହାୟକ ହେବ। ଏପରିକି ବଜାରରେ ଅନିଶ୍ଚିତତା ଲାଗି ରହିଥାଏ, କିନ୍ତୁ ଯଦି ହିତାଧିକାରୀ ସ୍ୱଳ୍ପାବଧି ଚକ୍ରଗୁଡିକୁ ନେଇ ପ୍ରତିକ୍ରିୟାଶୀଳ ହୁଅନ୍ତି, ତେବେ ହିତାଧିକାରୀ ଭୁଲ୍ ନିବେଶ ନିଷ୍ପତ୍ତି ନେବାର ଯଥେଷ୍ଟ ସମ୍ଭାବନା ରହିଛି, ଅଜଣା ଭୟ ହିତାଧିକାରୀଙ୍କୁ ସୁଯୋଗଗୁଡିକୁ ଅଣଦେଖା କରିବା ପାଇଁ ପ୍ରୋତ୍ସାହିତ କରିଥାଏ, ଯାହା ବୋଧହୁଏ ହିତାଧିକାରୀଙ୍କର ଅର୍ଥ ପାଇଁ ସମ୍ଭାବ୍ୟ ଅଭିବୃଦ୍ଧି ପ୍ରଦାନ କରିପାରିଥାନ୍ତା ବୋଲି ପରିଜା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି କିଛି ନ କରିବାର ଅନ୍ୟତମ ବଡ ବିପଦ ହେଉଛି ମୁଦ୍ରାସ୍ଫୀତି। ଦ୍ରବ୍ୟ ଓ ସେବାର ମୂଲ୍ୟ ବୃଦ୍ଧି ହେବା ସହିତ ଆପଣଙ୍କ ଅର୍ଥର କ୍ରୟ ଶକ୍ତି ହ୍ରାସ ପାଇଥାଏ। ସେହିପରି କମ୍ପାଉଣ୍ଡିଂ ବା ଯୌଗିକ ରିଟର୍ନ(ଆୟକୁ ପୁନଃନିବେଶ କରିବାର ପ୍ରକ୍ରିୟା) ଅବସର ସଞ୍ଚୟକୁ ବୃଦ୍ଧି କରିବା ପାଇଁ ଜରୁରୀ ହୋଇଥାଏ। ପୁନଃନିବେଶ କରି ଜଣେ ବ୍ୟକ୍ତି କେବଳ ମୁଦ୍ରାସ୍ଫୀତିର ମୁକାବିଲା କରିବେ ନାହିଁ ବରଂ ବଜାର ଅସ୍ଥିରତା ବିରୋଧରେ ସଞ୍ଚୟକୁ ସୁରକ୍ଷିତ ରଖିପାରିବେ।

# ୟୁଏସ୍‌ଏଫ୍‌ବିଏଲ୍‌ର ପ୍ରଥମ ସଷ୍ଟେନେବିଲିଟି ରିପୋର୍ଟ

ନୂଆଦିଲ୍ଲୀ,୧୧।୧୧

ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ(ୟୁଏସ୍‌ଏଫ୍‌ବିଏଲ୍)ର ବହୁ ପ୍ରତୀକ୍ଷିତ ତଥା ପ୍ରଥମ ସଷ୍ଟେନେବିଲିଟି ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଯାଇଛି। ଆର୍ଥିକ ବର୍ଷର ପ୍ରଥମ ସଷ୍ଟେନେବିଲିଟି ରିପୋର୍ଟ ପ୍ରକାଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ରିପୋର୍ଟ ବିଶେଷ କରି ପରିବେଶ, ସାମାଜିକ ଓ ଗଭର୍ନାନ୍ସ (ଇଏସ୍‌ଜି) ସିଦ୍ଧାନ୍ତଗୁଡିକୁ ଏକୀକୃତ କରିବା ଦିଗରେ ବ୍ୟାଙ୍କର ଯାତ୍ରା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି। 'ୟୁ-ସଷ୍ଟେନ' ଶୀର୍ଷକ ଏହି ବିସ୍ତୃତ ରିପୋର୍ଟ, ଏକ ସ୍ଥାୟୀ ବିକାଶ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହିତ କରିବାରେ ବ୍ୟାଙ୍କର ରଣନୈତିକ ପଦକ୍ଷେପ ଓ ଉପଲବ୍ଧିଗୁଡିକୁ ବିସ୍ତୃତ ଭାବେ ଆଲୋକପାତ କରିଛି। ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଆମେ ଆମର ପ୍ରଥମ ସଷ୍ଟେନେବିଲିଟି ରିପୋର୍ଟ ଉପସ୍ଥାପନ କରି ବେଶ୍ ଉତ୍ସାହିତ ଅଛୁ। ଯାହା ଇଏସ୍‌ଜି ସିଦ୍ଧାନ୍ତଗୁଡିକ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଆମେ ବିଶ୍ୱାସ କରୁଛୁ ଯେ ସ୍ଥାୟୀ ବ୍ୟାଙ୍କିଙ୍ଗ୍ କେବଳ ଏକ ଦାୟିତ୍ୱ ନୁହେଁ ବରଂ ଆମର ହିତାଧିକାରୀଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାର ଏକ ମାର୍ଗ ପ୍ରସ୍ତୁତ କରିଥାଏ। ଏହି ରିପୋର୍ଟ ଆମ ସମୟର ଜଟିଳ ପରିବେଶୀୟ ଓ ସାମାଜିକ ଆହ୍ୱାନଗୁଡିକର ସମାଧାନ କରି ଏକ ଲୋଭନୀୟ ଓ ସମାବେଶୀ ଆର୍ଥିକ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ସଷ୍ଟେନେବିଲିଟି ରିପୋର୍ଟରେ ମୁଖ୍ୟ ସ୍ୱତନ୍ତ୍ରତାଗୁଡ଼ିକ ମଧ୍ୟରେ ଇଏସ୍‌ଜି ରଣନୀତି ଯଥା ବ୍ୟାଙ୍କର ଇଏସ୍‌ଜି ନୀତି, ଜଳବାୟୁ ବିପଦ ପରିଚାଳନା ଓ ସ୍ଥାୟୀ ସଂଶାଧନ ବ୍ୟବହାର କରିବା ସମ୍ପର୍କରେ ବିସ୍ତୃତ ସୂଚନା ଅନ୍ତର୍ଭୁକ୍ତ ରହିଛି।


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର ନଖରା ତ୍ରିନାଥବଜାର ପାଖରେ ଘରବାରୀ ପ୍ଲଟ୍ ଏବଂ Duplex ମିଳୁଛି। 7855922165. D-76208

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437226965, 9778832554.** D-1923

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-1924

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

ଘରବାରି ପାଚେରି ୩୦ଫୁଟ ରାସ୍ତା ଥାଇ ଟଙ୍କପାଣି ରୋଡ୍ ବାଲକାଟିରେ ପ୍ଲଟ୍ ମିଳୁଛି। **8249776268.** D-71393

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077


CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203




Newly open health benefits SPA special offer @ 799 Bapujinagar. 8018429809. D-76168

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

LOST B.TECH. Certificate on 09.11.2024 (Sukanya Mohapatra, Reg. No.- 1001227589, 2010-14, BPUT, Odisha). If found contact- 7978605942. D-1925

## AFFIDAVIT

Affidavit before Executive Magistrate, Angul, I, Miss Chetana, D/o-Narasingha Naik, Address: At/P.O.- Baragounia, P.S.- Bantala, Dist.- Angul, Odisha declared by this affidavit No.- 65AA 028784 dtd. 21.10.2024 that now onwards I shall be known as Chetna Naik in my Aadhaar Card, Voter ID, Pan Card, Bank Passbook, Educational Certificates, and all future purposes. D-1917

By affidavit No.-A-228, dated 17.02.2024 before the Executive Magistrate, Hemgir, Dist.-Sundargarh, I, TARULATA PRADHAN, W/o- Sri Giridhari Pradhan, At- Sardega, P.O.-Basundhara, Tikilipara, P.S.-Hemgir, Dist.- Sundargarh, Odisha as Aadhaar No.- xxxx xxxx 7653. But in my Husband's Service Record, who is working in Mahanadi Coalfields Limited and presently posted at Basundhara Area as Clerk. My name wrongly mentioned as DURGESINI PRADHAN. Henceforth, TARULATA PRADHAN is original name. D-1916

I, Raja Suna, S/o- Nakul Suna, R/o- Keuntapada, Hirakud, Sambalpur, Odisha-768016 have changed my name to Nikshith Raj Nakul. D-1915

By virtue of an affidavit sworn before Executive Magistrate, Balangir, dated 30.09.2024, I Shibani Suna (30yrs), W/o- Ushat Suna, Address: Vill- Gunimunda, P.O.- Gudvela, P.S.- Tusura, Dist.- Balangir, Pin- 767046, Odisha, declare that I have changed my name from Sibanti Majhi to Shibani Suna. Henceforth, I shall be known as Shibani Suna for all purposes. D-1926

By virtue of an affidavit sworn in before the Executive Magistrate, Barbil, Dist.- Keonjhar on dtd. 20.09.2024. I, Ganesh Prasad, S/o- Ramdeo Prasad resident of At-Dhobi Hutting, Ward No.- 10, Barbil, P.O./P.S.- Barbil, Dist.- Keonjhar, Odisha do hereby declare that from now onwards I shall be known recorded & used in my actual & correct of Ganesh Prasad, S/o- Ramdeo Prasad for all purposes.
Ganesh Prasad
D-1922

I, Barsarani Rout (30 yrs), W/o- Manoj Kumar Rout, Vill/Po- Inchol, Ps- Nandipada, Dist.- Keonjhar, Pin- 758083, Odisha, before marriage my name was Namita Rani Behera. But after marriage my name has been changed to Barsarani Rout as per Aadhaar bearing No.- xxxx xxxx 7826. By this affidavit I declare that Barsarani Rout and Namita Rani Behera same and one person. D-1910

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ମୋହିନି ମିଶ୍ର
ସ୍ୱାମୀ: ୰ନୃସିଂହ ଚରଣ ମିଶ୍ର
ଅମଳପଡ଼ା, ଢେଙ୍କାନାଳ
ଆବିର୍ଭାବ: ୨୫।୦୫।୧୯୨୫
ତିରୋଧାନ: ୨୩।୧୧।୨୦୨୩
ତୁ ଆମ ଆଖିରୁ ଦୂରେଇଯାଇଛୁ ସତ, ମାତ୍ର ତୋର ସ୍ନେହ, ଶ୍ରଦ୍ଧା, ଈଶ୍ୱର ବିଶ୍ୱାସ, ସୃଜନଶୀଳତା ଆମ ସମସ୍ତଙ୍କ ପାଇଁ ଚିର ପାଥେୟ ହେଉ। ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ମିଶ୍ର ପରିବାରବର୍ଗ।
ଧ-୭୫୪୬୨

### ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳୀ



୰ ମହେନ୍ଦ୍ର ସାବତ
ବିନାୟକ ବଜାର, ଆସିକା
ତିରୋଧାନ : ୧.୧୧.୨୦୨୪ (ଶୁକ୍ରବାର)
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ହତଭାଗିନୀ ପତ୍ନୀ - ସବିତା
ପୁଅ-ସାଗର, ବୋହୁ- ବନ୍ଦନା
ଝିଅ- ଇନ୍ଦିରା, ଜ୍ୱାଇଁ- ସନ୍ତୋଷ
ଏବଂ ନାତି ନାତୁଣୀ
ଧ-୧୯୧୮

### ୩୪ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୪ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମମାନଙ୍କର ମାନସପଟରୁ ଲିଭିନି, ଅଦ୍ୟାବଧି ତାହା ଆମର ମାର୍ଗ ଦର୍ଶନ କରୁଅଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ପରିବାରବର୍ଗ: ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ୍ ଟେକ୍ସଟାଇଲ, ମାଳତୀ ନିବାସ।
ଧ-୭୫୪୬୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ତମ୍ବା ଓ ପିତ୍ତଳକୁ ସଫା କରିବା ଉପାୟ

**ଘରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର ତମ୍ବା, ପିତ୍ତଳ ଓ ରୁପା ବାସନକୁ ସହଜରେ ସଫାକରି ସେଥିରେ ଚମକ ଆଣିବା ପାଇଁ ଚାହୁଁଥିଲେ ଜାଣନ୍ତୁ କିଛି ସହଜ ଘରୋଇ ଉପାୟ...**



- ୧ ବଡ଼ ଚାମଚ ସାଇଟ୍ରିକ୍ ଏସିଡ୍ ନିଅନ୍ତୁ। ସେଥିରେ ୧ ଚାମଚ ଖାଇବା ଲୁଣ ମିଶାଇ ପାଣିରେ ଗୋଳାଇ ଦିଅନ୍ତୁ। ଏବେ ଏହି ପାଣିରେ ତମ୍ବା, ପିତ୍ତଳ ଓ ରୁପା ବାସନ ସବୁକୁ ଘଷି ସଫାକରନ୍ତୁ। ବାସନରେ ଲାଗିଥିବା ସବୁ କଳାଦାଗ ଦୂର ହୋଇଯିବ। ଏହାପରେ ବାସନକୁ ଶୁଖିଲା କପଡ଼ାରେ ପୋଛି ରଖନ୍ତୁ। ନଚେତ୍ ପାଣି ଲାଗିଥିବା ସ୍ଥାନରେ ଦାଗ ହୋଇଯିବ।
- ଲେମ୍ବୁରସରେ ବେକିଂ ସୋଡ଼ା ମିଶାଇ ସେଥିରେ ଏସବୁ ବାସନ ମାଜିଲେ ତାହା ଖୁବ୍ ଶୀଘ୍ର ଚିକ୍‌ମିକ୍ କରିବ।
- ରୁପା ବାସନକୁ ଚମକାଇବା ପାଇଁ ଆପଣ ଚାହିଁଲେ ଟୁଥ୍‌ପେଷ୍ଟ ବ୍ୟବହାର କରିପାରିବେ। ଏଥିପାଇଁ ଟୁଥ୍‌ପେଷ୍ଟ ସହ କିଛି ଲୁଣ ମିଶାଇ ରୁପା ବାସନ ମାଜନ୍ତୁ, ବହୁତ ସୁନ୍ଦର ଦେଖାଯିବ।
- ରୁପା ବାସନକୁ ଆଲୁମିନିୟମ୍ ଫଏଲରେ ମଧ୍ୟ ସଫା କରିହେବ। ଏଥିପାଇଁ ଆଲୁମିନିୟମ୍ ଫଏଲରେ ବାସନକୁ ଭଲଭାବେ ଘଷନ୍ତୁ। କିଛି ସମୟ ପରେ ବାସନ ସଫାହୋଇ ସୁନ୍ଦର ଦେଖାଯିବ।
- ଧଳା ଭିନେଗାରରେ ମଧ୍ୟ ଏସବୁ ବାସନକୁ ସୁନ୍ଦରଭାବେ ସଫା କରିହେବ।
- ତମ୍ବା ଓ ପିତ୍ତଳ ବାସନକୁ ସଫା କରିବା ପାଇଁ ତେନ୍ତୁଳି ଏକ ସୁନ୍ଦର ଜିନିଷ। ଏଥିରେ କିଛି ସମୟ ଘଷି ବାସନ ମାଜିଲେ ସେଥିରେ ଥିବା ସବୁ କଳା ଦାଗ ଛାଡ଼ିଯିବ।
- ତମ୍ବା ଓ ପିତ୍ତଳ ବାସନରେ ଅଧିକ ଦାଗ ଲାଗିଥିଲେ ସେସବୁକୁ ବେକିଂ ପାଉଡର ଓ ଡିଟରଜେଣ୍ଟ ମିଶା ପାଣିରେ ରାତି ସାରା ବୁଡ଼ାଇ ରଖି ଦିଅନ୍ତୁ। ସକାଳୁ ବାସନକୁ ପାଣିରୁ କାଢି ସ୍କ୍ରବ୍ କଲେ ତାହା ଆପେ ଆପେ ସଫା ହୋଇଯିବ।

# ଅଧିକ ଗରମ କରନ୍ତୁ ନାହିଁ

**କିଛି ଖାଦ୍ୟ ଏପରି ଅଛି ଯାହାକୁ ଅତ୍ୟଧିକ ଗରମକରି ଖାଇଲେ ତାହା ଶରୀରରେ କ୍ୟାନ୍‌ସର ସୃଷ୍ଟିର ଏକ କାରଣ ହୋଇପାରେ। ତେଣୁ ସତର୍କ ରୁହନ୍ତୁ...**



**ବ୍ରେଡ୍:** ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ ଓ ସୁଗାର ଅଧିକ ରହିଥାଏ। ତେଣୁ ଏହାକୁ ବେଶି ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟିହୁଏ ଯାହା କ୍ୟାନ୍‌ସର ଆଶଙ୍କା ସୃଷ୍ଟି କରିଥାଏ। ତେଣୁ ବ୍ରେଡ୍‌କୁ ଗରମକରିବାବେଳେ ଯଦି ତାହା ପୋଡିବା ଭଳି ହୋଇଯାଏ ତାହେଲେ ଖାଆନ୍ତୁ ନାହିଁ।

**ଆଳୁ:** ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ କ୍ୟାନ୍‌ସର ସୃଷ୍ଟିର ଏକ କାରଣ ହୋଇପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିରେ ବା ଗରମକଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍‌ସର ସୃଷ୍ଟି କରିବାର ଏକ କାରଣ ହୋଇପାରେ।

**ତେଲ:** ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି, ଯାହା କ୍ୟାନ୍‌ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

**ଫ୍ରୋଜନ ଫୁଡ୍:** ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ, ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ। ଏହା କ୍ୟାନ୍‌ସର ସୃଷ୍ଟିର କାରଣ ହୋଇପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

**ମାଛ:** ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ। ସେହିପରି ଓଭେନ୍‌ରେ ଗରମକରି ଖାଇଲେ, ପ୍ଲାଷ୍ଟିକ୍ ବାସନରେ ଓ ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।

# ଏମିତି ନିଅନ୍ତୁ ବିଶ୍ରାମ

**କର୍ମଜୀବୀ ହୁଅନ୍ତୁ କି ଗୃହିଣୀ, ଘରେ ବିଶ୍ରାମ ନେବା ପାଇଁ ସମୟ ବାହାର କରିବା ଏତେ ସହଜ ହୋଇ ନ ଥାଏ। କିନ୍ତୁ ଉତ୍ସାହର ସହିତ କାମ କରିବାକୁ ହେଲେ ରେଷ୍ଟ ନେବା ବି ଜରୁରୀ। ହେଲେ ଶରୀରକୁ କେଉଁ ପ୍ରକାର ବିଶ୍ରାମ ଆବଶ୍ୟକ ତାହା ଜାଣିବା ସହିତ ସେହି ଅନୁସାରେ ରେଷ୍ଟ ନିଅନ୍ତୁ...**



କେବଳ ଶୋଇ ରହିବା ଯେ ବିଶ୍ରାମର ଏକମାତ୍ର ମାଧ୍ୟମ ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଶୋଇବା ବ୍ୟତୀତ ଆହୁରି ଅନେକ ମାଧ୍ୟମରେ ଶରୀରକୁ ବିଶ୍ରାମ ମିଳିପାରିବ। ତେଣୁ ନିଜ ଆବଶ୍ୟକତା ଅନୁସାରେ ହିଁ ଶରୀରକୁ କେଉଁଭଳି ବିଶ୍ରାମ ଦରକାର ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିବାକୁ ହେବ। କାରଣ ଆଜିକାଲିର ବ୍ୟସ୍ତବହୁଳ ଲାଇଫଷ୍ଟାଇଲ ଭିତରେ ଅନେକ ସମୟରେ ଉଭୟ ଶାରୀରିକ ଓ ମାନସିକ ଚାପରେ କାମ କରିବାକୁ ପଡୁଛି। ବାରମ୍ବାର ଏଭଳି ବ୍ୟସ୍ତ ସମୟ ଭିତରେ ରହି ରହି ବିରକ୍ତି ଭାବ ସୃଷ୍ଟି ହୋଇଥାଏ। ତେଣୁ ଏଭଳି ପରିସ୍ଥିତିରୁ ନିଜକୁ ବାହାରକରି ଏକ ସୁସ୍ଥ ମନରେ କାମ କରିବାକୁ ହେଲେ ନିଜକୁ ହିଁ ଆଡଜଷ୍ଟ କରିବାକୁ ହେବ। ଆଉ ସୁସ୍ଥ ମନରେ କାମ କଲେ ନିଜର ଦକ୍ଷତାକୁ ଠିକ୍ ଭାବେ ପ୍ରତିପାଦନ କରିହେବ। ତେଣୁ ସମୟ ବାହାରକରି ବିଶ୍ରାମ ନେବା ନିହାତି ଜରୁରୀ। ଏହି ଦୃଷ୍ଟିରୁ ବିଚାରକଲେ ଆପଣଙ୍କୁ କେଉଁ ପ୍ରକାର ବିଶ୍ରାମ ଦରକାର ପ୍ରଥମେ ସେ ବିଷୟରେ ଜାଣିରଖନ୍ତୁ।

**ଶାରୀରିକ ବିଶ୍ରାମ:** ଲଗାତର ଏପଟ ସେପଟ ଯାଇ ବିଭିନ୍ନ ପ୍ରକାର କାମ କରିବା ଫଳରେ ହାଲିଆ ଲାଗେ। ତେଣୁ ଥକ୍କାପଣ ମେଣ୍ଟାଇବା ନିମନ୍ତେ ଶାରୀରିକ ବିଶ୍ରାମ ନିହାତି ଦରକାର। ଏଥିପାଇଁ କିଛି ସମୟ ବସିବା ଓ ଶୋଇବା ଦରକାର। ଏମିତିକି ବେଳେବେଳେ ଅଧିକ ସମୟ କାମ କରିବା ପରେ କିଛି ସମୟ ପାଇଁ ଘୁମେଇ ପଡ଼ିବା ମଧ୍ୟ ଏକ ପ୍ରକାର ଶାରୀରିକ ବିଶ୍ରାମ କହିଲେ ଭୁଲ୍ ହେବ ନାହିଁ। ଅବଶ୍ୟ ଭଲ ନିଦରେ ଶୋଇବା ଫଳରେ ଶରୀରରେ ପୁଣି ଥରେ ଶକ୍ତି ସଞ୍ଚାର ହୋଇଥାଏ। ତେଣୁ ତା' ପରଦିନ ପୁଣି ଥରେ ନୂତନ ଉର୍ଜାର ସହିତ କାମ କରିବା ପାଇଁ ଉତ୍ସାହ ମିଳିଥାଏ।

**ମାନସିକ ବିଶ୍ରାମ:** ଶରୀର ଭଳି ମନକୁ ମଧ୍ୟ ଷ୍ଟ୍ରେସ୍ ଫ୍ରି ରଖିବାକୁ ହେବ। ବିଭିନ୍ନ ପ୍ରକାର କାମ କରିବା ପରେ ମନ ବି ଭାରାକ୍ରାନ୍ତ ହୋଇଯାଏ। ଘରେ ହେଉ କି ଅଫିସରେ ଦାୟିତ୍ୱ ଅନୁସାରେ କେଉଁଠି କିଭଳି ନିଷ୍ପତ୍ତି ନେବାକୁ ହେବ, କାହାକୁ କେମିତି କହିବାକୁ ହେବ ଏଭଳି ବିଭିନ୍ନ ପ୍ରକାର ଚିନ୍ତା କରିବାକୁ ପଡ଼ିଥାଏ। ତେଣୁ ବାରମ୍ବାର ଚିନ୍ତା କରିବା ଫଳରେ ବ୍ରେନ୍ ଉପରେ ମଧ୍ୟ ଚାପ ପଡ଼ିଥାଏ। ସେଭଳି କ୍ଷେତ୍ରରେ ମାନସିକ ବିଶ୍ରାମ ଦରକାର। ଆଉ ଏହା କେବଳ ସମ୍ଭବ ହୋଇଥାଏ କିଛି ସମୟ ପାଇଁ ନୀରବ ହୋଇ ଏକୁଟିଆ ରହିବା କିମ୍ବା ମେଡିଟେଶନ ଓ ଯୋଗ କରିବା ଦ୍ୱାରା। ଚିନ୍ତାମୁକ୍ତ ରହିବା ପାଇଁ କିଛି ସମୟ ଏକ ଶାନ୍ତ ପ୍ରାକୃତିକ ପରିବେଶରେ କିମ୍ବା ନିଜ ବାଡ଼ିବଗିଚାରେ କିଛି ସମୟ ଏକା ଏକା ରୁହନ୍ତୁ।



**ଭାବନାତ୍ମକ ବିଶ୍ରାମ:** ବେଳେବେଳେ ଭାବନାତ୍ମକ ସମ୍ପର୍କ ପାଇଁ ମଧ୍ୟ ମନକୁ କଷ୍ଟ ହୋଇଥାଏ। ତେଣୁ ନିଜ ଭାବନା ଉପରେ ନିୟନ୍ତ୍ରଣ ରଖିବାକୁ ହେବ। ସମ୍ପର୍କ ଭିତରେ ଇମୋସନାଲ୍ ଡିଷ୍ଟର୍ବାନ୍ସକୁ ସାମ୍ନା କରିବା ଏକ ଚ୍ୟାଲେଞ୍ଜ ଭଳି। କାରଣ ଏଭଳି ପରିସ୍ଥିତିରେ ସମସ୍ତଙ୍କୁ ମନକଥା କହିହେବ ନାହିଁ। ଠିକ୍ ପଦକ୍ଷେପ ନେବା ପାଇଁ ବିଭିନ୍ନ ଦିଗରୁ ଚିନ୍ତା କରିବାକୁ ହେବ। ତେଣୁ ଏଭଳି ସ୍ଥିତିରେ ଇମୋସନାଲ୍ ରେଷ୍ଟ ନେବା ଜରୁରୀ। ଆଉ ଏଥିପାଇଁ ସେଭଳି ବିଶ୍ୱସ୍ତ ବନ୍ଧୁ କିମ୍ବା ସେଭଳି ଭରସାଯୋଗ୍ୟ ବ୍ୟକ୍ତିଙ୍କ ସହ ଭାବନା ବାଣ୍ଟିବାକୁ ହେବ। ଏହାପରେ ହିଁ ମନ ଧୀରେ ଧୀରେ ପରିବର୍ତ୍ତନ ହେବା ସହ ସମସ୍ୟା ସମାଧାନର ମଧ୍ୟ ବାଟ ମିଳିପାରିବ। ତେଣୁ ଇମୋସନାଲ୍ ରେଷ୍ଟ ନିମନ୍ତେ ନିଜକୁ ହିଁ ବିଚାର କରିବାକୁ ହେବ।

ଇନ୍ଦ୍ରୀୟ ବିଶ୍ରାମ ନେଲା ବେଳେ ଅତ୍ୟଧିକ ଲାଇଟ୍‌ରେ ବେଶି ସମୟ ରହି ବିରକ୍ତ ଲାଗେ। ସେହିପରି ମ୍ୟୁଜିକ୍ ଶୁଣି ଶୁଣି କିମ୍ବା ଏକ ଗହଳି ପରିବେଶରେ ରହି ବିରକ୍ତ ଲାଗିଥାଏ। ଏଭଳି ଭାବରେ ଆମର ବିଭିନ୍ନ ଇନ୍ଦ୍ରିୟ ବିଶ୍ରାମ ଲୋଡ଼ିଥାନ୍ତି। ତେଣୁ ସେଥିପାଇଁ ଏକ ଭଲ ପରିବେଶରେ ସମୟ କଟାଇବା ଦରକାର। ଆଉ ସବୁଠୁ ବଡ଼କଥା ହେଉଛି ଡିଜିଟାଲ ଡିଟକ୍ସ ନିହାତି ଦରକାର। ଅର୍ଥାତ୍ ପ୍ରଥମେ ଫୋନ୍‌ଠାରୁ କିଛି ସମୟ ଦୂରେଇ ରହିବାକୁ ହେବ। ଏହା ବ୍ୟତୀତ କମ୍ପ୍ୟୁଟର, ଟିଭି ଆଦି ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଠାରୁ ମଧ୍ୟ ଦୂରେଇ ରୁହନ୍ତୁ। ଫଳରେ ମନ ବି ଶାନ୍ତ ରହିବ ଓ ଏକ ନୂତନ ଉର୍ଜା ସଞ୍ଚରଣ ହୋଇପାରିବ।

**ସୃଜନାତ୍ମକ ବିଶ୍ରାମ:** ଜୀବନରେ ଆଗକୁ ବଢ଼ିବାକୁ ହେଲେ ଏକ ଲକ୍ଷ୍ୟ ରହିଥାଏ। ଏଥିପାଇଁ ସମସ୍ତେ ଭିନ୍ନ ଭିନ୍ନ କ୍ରିଏଟିଭ୍ କାମ କରିଥାନ୍ତି। କିଏ ସୁନ୍ଦର ଚିତ୍ର କରେ ତ କିଏ କବିତା କି ଗପ ଲେଖେ। ଏଭଳି ବିଭିନ୍ନ କାମ ପାଇଁ ନିଜର ପ୍ରୟାସ ମଧ୍ୟରେ ବେଳେବେଳେ ବୋର୍ ଲଗେ। ସେ ସମୟରେ ପୁଣି ଥରେ ନିଜ କ୍ରିଏଟିଭ୍ ଚିନ୍ତାଧାରାକୁ କିଛି ସମୟ ରେଷ୍ଟ ଦେଇ ରିଚାର୍ଜ କରିବା ନିମନ୍ତେ ପ୍ରେରଣା ମିଳିବା ଦରକାର।

**ସାମାଜିକ ବିଶ୍ରାମ:** ଆଧୁନିକ ଲାଇଫଷ୍ଟାଇଲରେ ଯିଏ ଅଧିକ ସୋସିଆଲ ରିଲେଶନ ରଖିପାରୁଛି ସେ ହିଁ ଅଧିକ ସଫଳ ବୋଲି ବିବେଚନା କରାଯାଉଛି। ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିବା ଭଲ କଥା। କିନ୍ତୁ ଏକ ନିର୍ଦ୍ଦିଷ୍ଟ ସମୟରେ ସୋସିଆଲ ରେଷ୍ଟ ମଧ୍ୟ ଦରକାର। ତେଣୁ ସେସମୟରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମରୁ କିଛି ସମୟ ପାଇଁ ଏକ ଦୂରତା ରକ୍ଷାକରି ଏକା ଏକା ଅଧିକ ସମୟ କଟେଇବାକୁ ହେବ। ନଚେତ୍ ନିଜର କିଛି ଅତି ନିକଟ ବନ୍ଧୁଙ୍କ ସହ ସମୟ କଟାନ୍ତୁ, ଭଲ ଲାଗିବ।





**ଆଧାତ୍ମିକ ବିଶ୍ରାମ:** ବେଳେବେଳେ ମନ ଏତେ ଭାରାକ୍ରାନ୍ତ ହୋଇଯାଏ ଯେ ଶାନ୍ତିରେ ରହିବା ପାଇଁ ଆଧାତ୍ମିକ ଭାବନା ଉପରେ ହିଁ ନିର୍ଭର କରିବାକୁ ହୋଇଥାଏ। ଏମିତି ଅନେକ ମୁହୂର୍ତ୍ତ ଥାଏ ଯେତେବେଳେ ଆଧାତ୍ମିକ ମାଧ୍ୟମରେ ହିଁ ଅତ୍ୟନ୍ତ ଆନନ୍ଦ ମିଳିଥାଏ। ତେଣୁ ସେହିସବୁ କାମକୁ ସ୍ପିରିଚୁଆଲ ରେଷ୍ଟ କହିହେବ। ଏଥିପାଇଁ ବିଭିନ୍ନ ମଠ, ମନ୍ଦିରକୁ ବୁଲିବାକୁ ଯିବା, ଆଧାତ୍ମିକ ପୁସ୍ତକ ପଢ଼ିବା ଓ ଧ୍ୟାନ କରିବାକୁ ହୁଏ। ପରିସ୍ଥିତି ସହ ନିଜକୁ ସାମିଲକରି ଆଗକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଏହା ମଧ୍ୟ ଏକ ପ୍ରକାର ବିଶ୍ରାମ ହୋଇପାରିବ।

## ସୌନ୍ଦର୍ଯ୍ୟ

# ପିଗ୍‌ମେଣ୍ଟେଶନ ଦୂରକରିବ ବେସନ

**ସ୍କିନ୍‌ରେ ପିଗ୍‌ମେଣ୍ଟେଶନର ସମସ୍ୟା ଦେଖାଦେଲେ ଧୀରେ ଧୀରେ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ। ତେଣୁ ଏହି ସମସ୍ୟା ଦୂରକରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**



- ବେସନରେ ତିଆରି ଫେସ୍‌ପ୍ୟାକ୍ ଲଗାଇ ଆପଣ ତ୍ୱଚାରେ ଥିବା ପିଗ୍‌ମେଣ୍ଟେସନ୍ ବା କୁଞ୍ଚନ ସମସ୍ୟା ଦୂର କରିପାରିବେ। ଏଥିପାଇଁ ୧ ଚାମଚ ବେସନ, ୧ ଚାମଚ ମହୁ, ୧ ଚାମଚ ନଡ଼ିଆତେଲ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଭଲଭାବେ ଲଗାଇ ୧୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ହାତରେ ଘଷିବା ଭଳି କରି ଧୋଇଦିଅନ୍ତୁ।
- ବେସନ ସହ ଆଲୋଭେରା ଜେଲ୍ ଭଲଭାବେ ମିଶାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ଧୋଇଦିଅନ୍ତୁ। ଏହା ଫଳରେ ସ୍କିନ୍ ପ୍ରାକୃତିକଭାବେ ମଶ୍ଚରାଇଜ୍ ହୋଇ ସୁନ୍ଦର ହୋଇଥାଏ।
- ବେସନକୁ ସ୍କ୍ରବ୍ ଭଳି ଭଲଭାବେ ଘଷିଲେ ସ୍କିନ୍‌ରେ ଥିବା ଅତ୍ୟଧିକ ଲୋମ ବାହାରି ଯିବ।
- ୨ ଚାମଚ ବେସନରେ ଅଧା ଚାମଚ ହଳଦୀଗୁଣ୍ଡ ଓ ୧ ଚାମଚ ଲେମ୍ବୁରସ ମିଶାଇ ମୁହଁରେ ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨ ରୁ ୩ ଥର ଏପରି କଲେ ତ୍ୱଚା ଖୁବ୍ ସୁନ୍ଦର ଦେଖାଯିବ।
- ୨ ଚାମଚ ବେସନରେ ୧ ଚାମଚ ଦହି ଓ ୧ ଚାମଚ ମହୁ ମିଶାଇ ଏକ ପ୍ୟାକ୍ ତିଆରି କରନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ ରୁ ୨୦ ରଖି ତା'ପରେ ଧୋଇଦିଅନ୍ତୁ। ସପ୍ତାହକୁ ୨ – ୩ ଥର ଏପରି କଲେ ସ୍କିନ୍ ବହୁତ ସୁନ୍ଦର ଦେଖାଯିବ।
- ୧ ଚାମଚ ବେସନ ସହ ୨ ଚାମଚ ମୁଲତାନୀ ମାଟି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କଲେ ତ୍ୱଚାରେ ଥିବା ଦାଗ ଦୂରହେବ ଓ ଉଜ୍ଜ୍ୱଳତା ବଢ଼ିବ।



# ଖାଦ୍ୟରୁଚି // ମୁଗଡାଲି ଚିଲ୍ଲା



**ଆବଶ୍ୟକ ସାମଗ୍ରୀ**

ମୁଗଡାଲି– ୧ କପ୍, ଚାଉଳ– ଅଧା କପ୍, ପିଆଜ– ୧ଟି (ବଡ଼), ଟମାଟୋ– ୧ଟି, କଞ୍ଚାଲଙ୍କା ୨ଟି, ଇନୋ– ୧ ପ୍ୟାକେଟ୍, ଲୁଣ, ହଳଦୀ ଓ ତେଲ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–**

ମୁଗ ଡାଲିର ଚିଲ୍ଲା ପ୍ରସ୍ତୁତି ନିମନ୍ତେ ପୂର୍ବଦିନ ରାତିରୁ ମୁଗ ଓ ଚାଉଳକୁ ଭିଜାଇ ରଖନ୍ତୁ। ସକାଳୁ ଏହାକୁ ଭଲଭାବେ ଧୋଇ ଗ୍ରାଇଣ୍ଡିଂ କରି ରଖନ୍ତୁ। ଏବେ ଏହି ମିଶ୍ରଣରେ ପିଆଜକୁ ଛୋଟ ଛୋଟ କରି କାଟି ମିଶାଇ ଦିଅନ୍ତୁ। କଞ୍ଚାଲଙ୍କା ଓ ଟମାଟୋକୁ ମଧ୍ୟ ସେହିଭଳି କାଟି ସେଥିରେ ମିଶାନ୍ତୁ। ଏବେ ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ଅଳ୍ପ ହଳଦୀଗୁଣ୍ଡ ଓ ଇନୋ ମଧ୍ୟ ପକାନ୍ତୁ। ମିଶ୍ରଣକୁ ଭଲଭାବେ ଗୋଳାଇବା ପରେ ୧୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହା ପରେ ଗ୍ୟାସ୍ ଅନ୍ କରି ତାୱା ବସାନ୍ତୁ। ତାୱା ଗରମ ହେଲେ ସେଥିରେ ତେଲ ପକାଇ ପତଳା ପତଳା ଚକୁଳି ଭଳି କରି ରଖନ୍ତୁ। ଏବେ ଏହାକୁ ଗରମ ଗରମ ଯେକୌଣସି ଚଟଣି ସହ ଖାଆନ୍ତୁ।

# ବିଜୟ ସହ ଭାରତର ଅଭିଯାନ ଆରମ୍ଭ

ରାଜଗିର, ୧୧।୧୧

ବିହାରର ରାଜଗିରଠାରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଏଥିରେ ଗତଥରର ଚାମ୍ପିୟନ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସଙ୍ଗୀତା କୁମାରୀଙ୍କ ଡବଲ ଗୋଲ ବଳରେ ଭାରତ ୪-୦ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୮ମ

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ସଙ୍ଗୀତାଙ୍କ ଡବଲ ଗୋଲ**


ଗୋଲ ଦେବାପରେ ଉଲ୍ଲସିତ ଭାରତର ସଙ୍ଗୀତା କୁମାରୀ (ଡାହାଣ)।

ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସଙ୍ଗୀତା ଭାରତକୁ ୧-୦ରେ ଅଗ୍ରଣୀ କରିଥିଲେ। ପ୍ରଥମ କ୍ୱାର୍ଟରର ଅବଶିଷ୍ଟ ସମୟ ଓ ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳର ପ୍ରୟାସ ସତ୍ତ୍ୱେ ଗୋଲ ହୋଇପାରି ନ ଥିଲା। ତୃତୀୟ କ୍ୱାର୍ଟରର ଶେଷ ଭାଗରେ ଭାରତ ୨ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୪୩ତମ ମିନିଟରେ ପ୍ରୀତି ଦୁବେ ଏବଂ ୪୪ତମ ମିନିଟରେ ଉଦିତା ଏହାକୁ ଗୋଲରେ ପରିଣତ କରିଥିଲେ। ଖେଳ ଶେଷ ହେବାର ୫ ମିନିଟ ପୂର୍ବରୁ ଅର୍ଥାତ୍ ୫୫ତମ ମିନିଟରେ ସଙ୍ଗୀତା ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୪-୦ରେ ପହଞ୍ଚାଇ ଦେଇଥିଲେ। ମାଲେସିଆ ଗୋଟିଏ ହେଲେ ଗୋଲ ପରିଶୋଧ କରି ନ ପାରିବାରୁ ଭାରତ ସେହି ସ୍କୋରରେ ବିଜୟ ହାସଲ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ।

## ଚାଇନା ୧୫-୦ରେ ବିଜୟୀ

ଅନ୍ୟଏକ ମ୍ୟାଚରେ ଚାଇନା ୧୫-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜୁ ୟାନାନ ୫, ୪୩ ଓ ୫୫ ମିନିଟରେ ୩ ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ମା ଜିଆଓୟାନ ୭ ଓ ୫୨, ମା ଜୁଏଜିଆଓ ୧୪ ଓ ୨୮, ୟୁ ଆନହୁଇ ୩୨ ଓ ୪୦, ଟାନ ଜିନ୍‌ଝ୍ୱାଙ୍ଗ୍ ୩୪ ଓ ୪୫ତମ ମିନିଟରେ ୨ଟି ଲେଖାଏ ଏବଂ ଡେଙ୍ଗ୍ କ୍ୱିଟାନ ୨୦, ଫାନ୍ ୟୁନଜିଆ ୪୪, ଜେଙ୍ଗ୍ ୪୮, ଝେଙ୍ଗ୍ ଜୁଇଲିଙ୍ଗ୍ ୪୮ ଓ ହ୍ୱାଙ୍ଗ ହେୟାନ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

## ପଏଣ୍ଟ ଭାଗକଲେ ଜାପାନ-କୋରିଆ

ଜାପାନ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଜାପାନ ପକ୍ଷରୁ ତନ୍‌କା ସାକି ୫ମ ଓ ଓଶିମା ନାତସୁମି ୩୫ ଏବଂ କୋରିଆର ପର୍କ-ମିହ୍ୟାଙ୍ଗ୍ ୧୨ ଓ ଲୀ ୟୁଜିନ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୬ଟି ଯାକ ଦଳ ଗୋଟିଏ ଲେଖାଏ ମ୍ୟାଚ ଖେଳିସାରିବା ପରେ ଚାଇନା ଓ ଭାରତ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଚାଇନା ଶୀର୍ଷରେ ଏବଂ ଭାରତ ଦ୍ୱିତୀୟରେ ରହିଛି। ସେହିପରି ଗୋଟିଏ ଲେଖାଏ ପଏଣ୍ଟ ପାଇଥିବା ଜାପାନ ଓ କୋରିଆ ଯଥାକ୍ରମେ ତୃତୀୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ଶୀର୍ଷ ୪ ଦଳ ସେମିଫାଇନାଲରେ ପ୍ରବେଶ କରିବାର ନିୟମ ରହିଛି।

# ରେଫରିଙ୍କୁ ଆକ୍ରମଣ କରି ଜେଲ୍ ଗଲେ ଫୁଟ୍‌ବଲ କ୍ଲବ ସଭାପତି

ଆଙ୍କାରା (ତୁର୍କୀ), ୧୧।୧୧ (ଏପି)

ଗତ ସିଜନରେ ଏକ ଲିଗ୍ ଗେମ୍ ଶେଷରେ ଜଣେ ରେଫରିଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ତୁର୍କୀର ଏକ କୋର୍ଟ ଦେଶର ଜଣେ ଆଗାଧାଡ଼ିର ଫୁଟ୍‌ବଲ କ୍ଲବ ସଭାପତିଙ୍କୁ ୩ ବର୍ଷ ଓ ୭ ମାସରୁ ଊର୍ଦ୍ଧ୍ୱ ଜେଲଦଣ୍ଡ ଦେଇଛନ୍ତି। ଗତବର୍ଷ କେକୁର ରିଜେସପୋର୍ ବିପକ୍ଷ ଏକ ସୁପର ଲିଗ୍ ଗେମ୍ ୧-୧ରେ ଡ୍ର' ପରେ ଫାଇନାଲ ହ୍ୱିସିଲ ବାଜିବା ପରେ ଏମ୍‌କେଇ ଆଙ୍କାରାଗୁସୁ ସଭାପତି ଫାରୁକ୍ କୋକା ରେଫରି ହାଲିଲ ଉମୁତ ମେଲରଙ୍କ ମୁହଁକୁ ଏକ ମୁଥ ମାରିଥିଲେ। ପ୍ରହାରର ତୀବ୍ରତା ଏତେ ଥିଲା ଯେ, ମେଲର ତଳେ ପଡ଼ିଯାଇଥିଲେ। ଏହାକୁ ନେଇ ଦର୍ଶକ ମହଲରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ପଡ଼ିଆ ଭିତରକୁ ଚାଲି ଆସିଥିଲେ। ଏହି ଘଟଣାକୁ ନେଇ ବିଶ୍ୱ ଫୁଟ୍‌ବଲ ମହଲରେ ତୀବ୍ର


ଫାରୁକ୍ କୋକା ରେଫରି ହାଲିଲ ଉମୁତ ମେଲରଙ୍କ ମୁହଁକୁ ମୁଥ ମାରୁଛନ୍ତି।

ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତୁର୍କୀ ଫୁଟ୍‌ବଲ ମହାସଂଘ ବାଧ୍ୟ ହୋଇ ସମସ୍ତ ଲିଗ୍ ଗେମ୍‌ଗୁଡ଼ିକୁ ଅନେକ ସପ୍ତାହ ଧରି ସସ୍‌ପେଣ୍ଡ କରିଥିଲା। ଆଙ୍କାରା କୋର୍ଟ ତାଙ୍କ ରାୟରେ କହିଥିଲେ, କୋକୋ ନିୟମ ଉଲ୍ଲଂଘନ କରି ଉଦ୍ଦେଶ୍ୟମୂଳକ ଭାବେ ଜଣେ ପବ୍ଲିକ ଅଫିସିଆଲଙ୍କୁ ଆଘାତପ୍ରାପ୍ତ କରିଛନ୍ତି। ରେଫରିଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ମଧ୍ୟ କୋର୍ଟ ୧ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କରିଛନ୍ତି। ଘଟଣାପରେ କୋକୋ କ୍ଲବର ସଭାପତି ପଦରୁ ଇସ୍ତଫା ଦେଇଥିଲେ।

# ଓଡ଼ିଶାକୁ ୯ ଉଇକେଟରେ ହରାଇଲା କର୍ନାଟକ

ବଲାଙ୍ଗୀର, ୧୧।୧୧

(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସି.କେ. ନାୟୁଡୁ ଟ୍ରଫିରେ କର୍ନାଟକ ଦଳ ବିଜୟୀ ହୋଇଛି। ରବିବାରର ଓଡ଼ିଶା ପୂର୍ବଦିନର ଅସମାପ୍ତ ସ୍କୋର ୨୭୪/୬ରୁ ସୋମବାର ଖେଳ ଆରମ୍ଭ କରିଥିଲା। ଦଳ ୩୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ଦଳ ତରଫରୁ ସଫଳ ବ୍ୟାଟର ସାୱାନ ପହରିଆ ସର୍ବାଧିକ ୧୨୧ରନ କରିଥିଲେ। ମ୍ୟାଚ ଜିତିବା ପାଇଁ କର୍ନାଟକ ୧୪୩ ରନ ଆବଶ୍ୟକ କରୁଥିଲା। ଦଳ ୧ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଥିଲା। କର୍ନାଟକ ଦଳ ତରଫରୁ ହରସଲ ଧ୍ରମାନୀ ୫୪ ଓ ପ୍ରକାର ଚର୍ତୁବେଦୀ ୭୨ରନ କରିଥିଲେ। ଚାରିଦିନର ମ୍ୟାଚରେ କର୍ନାଟକ ଦଳ ପ୍ରଥମ ଇନିଂସରେ ୩୮୯ ରନ କରି ଅଲଆଉଟ ହୋଇଥିଲା ଏବଂ ଦ୍ୱିତୀୟ ଇନିଂସରେ ୧ଉଇକେଟ ହରାଇ ୧୪୩ ରନ କରିଥିଲା। ଓଡ଼ିଶା ଦଳ ପ୍ରଥମ ଇନିଂସରେ ୧୮୫ରନ୍ ଏବଂ ଦ୍ୱିତୀୟ ଇନିଂସରେ ୩୪୬ ରନ କରିଥିଲା।


ଅତିଥିମାନେ ମନୱତ୍ କୁମାର ଏଲ.ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଉଛନ୍ତି।

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ପୌର ପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଓ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ। କର୍ନାଟକ ଦଳର ଉଦୟୀମାନ୍ ଖେଳାଳି ମନୱତ୍ କୁମାର ଏଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମ୍ୟାଚ ଅଫିସିଆଲମାନଙ୍କୁ ମଧ୍ୟ ଟ୍ରଫି ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲା ମହିଳା କ୍ରିକେଟ କୋଚ୍ ଅରୁଣ କୁମାର ନାଏକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ସହସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, କ୍ରିକେଟ ସମ୍ପାଦକ ଓମପ୍ରକାଶ ଚାନ୍ଦ, କ୍ରୀଡ଼ା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରଗ୍ସମୁକ୍ତ ଭୁବନେଶ୍ୱର ପାଇଁ ନାଇଟ୍ ମାରାଥନ୍



ଖବରଦାତା ସମ୍ମିଳନୀରେ ମାସ୍କଟ ସହ ଉପସ୍ଥିତ କର୍ମକର୍ତ୍ତାବୃନ୍ଦ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୧।୧୧ (ସରୋଜ ଜେନା)

ଡ୍ରଗ୍ସମୁକ୍ତ ଭୁବନେଶ୍ୱର ପାଇଁ ୟଙ୍ଗ ଇଣ୍ଡିଆନ୍ସ ଓ ସିଆଇଆଇ ପକ୍ଷରୁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ମିଳିତ ସହଯୋଗରେ ଏକ ନାଇଟ୍ ମାରାଥନ୍ ଆୟୋଜନ କରାଯିବ। ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରୁ ଏହି ମାରାଥନର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବ। 'ଭୁବନେଶ୍ୱର ବାଇ ନାଇଟ୍' ନାମରେ ନାମିତ ଏହି ମାରାଥନକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବଲିଉଡ୍ ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଭାପତି ରାହୁଲ ବୋଷ ପତାକା ଦେଖାଇ ଶୁଭାରମ୍ଭ କରିବେ। ଚଳିତବର୍ଷର ଥିମ୍ ରହିଛି 'ରାଇଜ୍ ଏବୋଭ ଆଡିକ୍ସନ, ବ୍ରେକ୍ ଦ ସାଇଲେନ୍ସ' ଅର୍ଥାତ୍ ନୀରବତା ଭାଙ୍ଗି ନିଶାର ଅଭ୍ୟାସକୁ ଦୂରେଇବା।

ଏହି ମାରାଥନ ସମ୍ପର୍କରେ ସୂଚନା ଦେବା ପାଇଁ ସୋମବାର କଳିଙ୍ଗ ଷ୍ଟାଡିୟମରେ ୟଙ୍ଗ ଇଣ୍ଡିଆନ୍ସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୟଙ୍ଗ ଇଣ୍ଡିଆନ୍ସ ଭୁବନେଶ୍ୱର ଚେୟାରମ୍ୟାନ ସୋନାଲ ମୋର, ସିଆଇଆଇ ଚେୟାରମ୍ୟାନ୍ ପ୍ରଦୀପ୍ତ ମହାନ୍ତି, ୟଙ୍ଗ ଇଣ୍ଡିଆନ୍ସ ଉପାଧ୍ୟକ୍ଷ ଆୟୁଷ ଜସୋରିଆ ଓ ବିଶାଲ ଡାଲମିୟା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନିଶା ନିବାରଣମୁକ୍ତ ସମାଜ ଗଠନ କରିବା ଏହି ମାରାଥନ୍‌ର ଲକ୍ଷ୍ୟ ବୋଲି କହିଥିଲେ। ୧୭ ତାରିଖ ସନ୍ଧ୍ୟା ୬.୩୦ରେ ଏହି ମାରାଥନ୍ ଆରମ୍ଭ ହେବ। ୨.୫ କି.ମି., ୫ କି.ମି. ଓ ୧୦ କି.ମି. ପରି ୩ ବର୍ଗରେ ଏହି ମାରାଥନ ଆୟୋଜିତ ହେବ। ସମୁଦାୟ ୬୦୦୦ ପ୍ରତିଯୋଗୀ ଏହି ମାରାଥନରେ ଅଂଶଗ୍ରହଣ କରିବା ନେଇ ଆଶା କରାଯାଉଛି। ୩ ବର୍ଗର ବିଜେତାଙ୍କ ନିମନ୍ତେ ମୋଟ ୧,୦୨,୦୦୦ ଟଙ୍କାର ପୁରସ୍କାର ରାଶି ବ୍ୟବସ୍ଥା କରାଯାଇଛି।

**ଚାମ୍ପିୟନ୍ସ ଟ୍ରଫି**

## ପିସିବି ନିଷ୍ପତ୍ତିକୁ ଆଇସିସିର ଅପେକ୍ଷା

**କରାଚୀ, ୧୧।୧୧ (ପି.ଟି.):** ଚାମ୍ପିୟନ୍ସ ଟ୍ରଫି ଆୟୋଜନକୁ ନେଇ ହାଇବ୍ରିଡ୍ ମଡେଲ ପ୍ରସ୍ତାବ ଉପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଜବାବକୁ ଅପେକ୍ଷା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଟୁର୍ନାମେଣ୍ଟ ଖେଳିବା ଲାଗି ପାକିସ୍ତାନ ଗସ୍ତରେ ଯିବା ଲାଗି ଭାରତ ମନା କରିଦେବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଚାମ୍ପିୟନ୍ସ ଟ୍ରଫି ଆୟୋଜନରୁ ପିସିବି ଯଦି ଓହରି ନ ଥାଏ ତେବେ ବର୍ତ୍ତମାନର ଯୋଜନା ଅନୁସାରେ ଭାରତର ମ୍ୟାଚଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ ଏବଂ ଫାଇନାଲ ଦୁବାଇରେ ହେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଭାରତୀୟ କ୍ରିକେଟ ବୋର୍ଡ ଆଇସିସିକୁ କହିଛି ଯେ, ଫାଇନାଲ ପାକିସ୍ତାନରେ ନୁହେଁ ଯଦି ଦୁବାଇରେ ଖେଳାଯାଏ ତେବେ ସେମାନଙ୍କ ପାଇଁ ଏହା ଗ୍ରହଣଯୋଗ୍ୟ ହେବ। ପିସିବି ସୋମବାର ନୀରବତା ଅବଲମ୍ବନ କରିଛି।

# ନିଶାନ୍ତ ବିଶ୍ୱାଳଙ୍କୁ ହରାଇଲେ ଅବିନାଶ

ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)

ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରେ ସୋମବାର ବିପର୍ଯ୍ୟୟ ଘଟାଇଛନ୍ତି ଅବିନାଶ ମହାପାତ୍ର। ସେ ପ୍ରତିଯୋଗିତାର ଦ୍ୱିତୀୟ ସିଡ୍ ତଥା ୨ଥର ପୂର୍ବତନ ରାଜ୍ୟ ସ୍ନୁକର ଚାମ୍ପିୟନ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଅବିନାଶ ୩-୨ରେ ନିଶାନ୍ତଙ୍କୁ ହରାଇଥିଲେ। ସିନିୟର ସ୍ନୁକରର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଅସିତ ଚୌଧୁରୀଙ୍କୁ ରାକେଶ ରୋଶନ ପ୍ରଧାନ ୩-୧, ଅତନୁ ନାୟକଙ୍କୁ ରୁମିତ ଗୁପ୍ତା ୩-୦, ଜଗଦୀଶ ମହାନ୍ତିଙ୍କୁ ଜୀତେଶ ଷଡ଼ଙ୍ଗୀ ୩-୨, ଗୁଡୱିନ କୁଲୁଙ୍କୁ ମିଶାଲ ସ୍ୱାଇଁ ୩-୨ ଫ୍ରେମ୍‌ରେ ହରାଇଥିବାବେଳେ କୁନାଲ ଅଗ୍ରୱାଲଙ୍କ ବିପକ୍ଷରେ ୱାକ୍‌ଓଭର ପାଇଛନ୍ତି ସୟଦ ଅଲତାଫ ଅଲୀ। ଅନ୍ୟଏକ ମ୍ୟାଚରେ ଚିରାଗ ଆରୋରା ୩-୦ରେ ମାନସ ବେହୁରାଙ୍କୁ ପରାସ୍ତ କରିଛନ୍ତି।

# ଓଡ଼ିଶା ବାଳକ ଦଳକୁ ସ୍ୱର୍ଣ୍ଣ, ବାଳିକାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)

କୋଲକାତାରେ ଅନୁଷ୍ଠିତ ୧୧ ବର୍ଷରୁ କମ୍ ଜାତୀୟ ପୂର୍ବାଞ୍ଚଳ ରୋଲବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ଚାମ୍ପିୟନ ହୋଇଛି। ବାଳିକା ଦଳକୁ ରୌପ୍ୟ ପଦକ ମିଳିଛି। ପୂରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶା ବାଳକ ଦଳ ଫାଇନାଲରେ ଆସାମକୁ ୧୦-୦ରେ ହରାଇ ଚାମ୍ପିୟନ ହେବାସହ ସ୍ୱର୍ଣ୍ଣ ପଦକ ହାସଲ କରିଛି। ବାଳିକା ଦଳ ମଧ୍ୟ ଭଲ ଖେଳିଥିଲେ ହେଁ ଫାଇନାଲରେ ଆସାମଠାରୁ ୦-୫ ଗୋଲରେ ହାରିବାରୁ ରୌପ୍ୟରେ ସନ୍ତୁଷ୍ଟ ରହିଛି। ଓଡ଼ିଶା ବାଳକ ଦଳରେ ଶ୍ରେୟାଶ ଅଧିକାରୀ (ଅଧିନାୟିକା), ଶ୍ରେୟାଂଶ ପାତ୍ର, ଶିବେଶ ସୋଭନ ଗାରିଆ, ଆର୍ଯ୍ୟନ ଓଝା, ଆର.ଏନ. ଆୟନ, ଅଶ୍ଳେଷ ନାୟକ, ଅନିକେତ ପତି, ସୀତାଂଶୁ ସାହୁ, ମନନ କାଶ୍ୟପ, ରୁଦ୍ରାଂଶ ଖୁଣ୍ଟିଆ, ଅର୍ଚ୍ଚିତ ଅନୁରାଗ ଦାସ ଓ ରୋନକ ମଲିକ ସ୍ଥାନ ପାଇଥିଲେ। ସେହିପରି ବାଳିକା ଦଳରେ ସୁଦୀକ୍ଷା ସ୍ୱାଇଁ (ଅଧିନାୟିକା), ଅନଭି ସୁଦୀପ କୁମାର, ଅଭୀପ୍ସା ବସୁ, ଲଗ୍ନିକା ମହାପାତ୍ର, ଆଦ୍ୟା ଆରାଧନା ଷଡ଼ଙ୍ଗୀ, ଅନନ୍ୟା ଭରତିଆ, ପ୍ରଣବୀ ଶନୟା ବେହେରା, ଅମୃତା ବରାଳ, ସନଭି ନୱାଲ, ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ ଓ ସାକ୍ଷୀ ପାତ୍ର ଖେଳିଥିଲେ। ଉଭୟ ବାଳିକା ଓ ବାଳକ ଦଳରେ ଓଡ଼ିଶା ଖେଳାଳିମାନେ ହିଁ ଟପ୍ ସ୍କୋରର ରହିଥିଲେ। ବାଳକ ବିଭାଗରେ ଅଧିନାୟକ ଶ୍ରେୟାସ ଅଧିକାରୀ ସର୍ବାଧିକ ୩୮ ଗୋଲ ଦେଇଥିଲେ। ବାଳିକା ଦଳ ପକ୍ଷରୁ ଅମୃତା ବରାଳ ୯ ଗୋଲ ସ୍କୋର କରି ତାଲିକାର ଶୀର୍ଷରେ ରହିଥିଲେ।



କର୍ମକର୍ତ୍ତାଙ୍କ ସହ ଓଡ଼ିଶା ବାଳିକା ଓ ବାଳକ ରୋଲବଲ୍ ଦଳର ଖେଳାଳିମାନେ।

# ବେଦାନ୍ତ ଲାଞ୍ଜିଗଡ଼ ଜୋନାଲ ସ୍ପୋର୍ଟ୍ସ ମିଟ୍

**ଭୁବନେଶ୍ୱର, ୧୧।୧୧ (ବିଜୟ ରଣା):** ବେଦାନ୍ତ ଆଲୁମିନିୟମ ଲିମିଟେଡ୍ ଲାଞ୍ଜିଗଡ଼ ଆନୁକୂଲ୍ୟରେ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ ଜୋନାଲ ସ୍ପୋର୍ଟ୍ସ ମିଟ୍ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଜିଲାର ୧୯୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ଲାଞ୍ଜିଗଡ଼ ଉଭୟ ୧୯ ବର୍ଷରୁ କମ୍ ଓ ୧୪ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଜିତିଥିବା ବେଳେ ଡିଏଭି ଟିଟିଲାଗଡ଼ ୧୭ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇଥିଲା। କମ୍ପାନୀ ନିକଟରେ ହକିଇଣ୍ଡିଆ ଲିଗ୍ ଦଳ କଳିଙ୍ଗ ଲାନସର୍ସ ସହିତ କେବଳ ଚୁକ୍ତି କରିଛି ତା' ନୁହେଁ ନିୟମିତ ଭାବେ ସ୍ଥାନୀୟ କ୍ରୀଡ଼ା ଇଭେଣ୍ଟ, ଟୁର୍ନାମେଣ୍ଟ ଓ ଛାତ୍ର ପ୍ରଶିକ୍ଷଣର ଆୟୋଜନ କରିଆସୁଛି। ତୃଣମୂଳ କ୍ରୀଡ଼ାର ବିକାଶ ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। କମ୍ପାନୀ ତରଫରୁ ୧୦୦ରୁ ଊର୍ଦ୍ଧ୍ୱ ତୀରନ୍ଦାଜୀଙ୍କୁ ତାଲିମର ବ୍ୟବସ୍ଥା କରାଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ